

ନବରାତ୍ର ପୂଜାର ଚତୁର୍ଥ ଦିନରେ ମା' କଟକଚଣ୍ଡୀଙ୍କ ବନଦୁର୍ଗା ବେଶ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-93 ◆FRIDAY ◆26 SEPTEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୯୩ ◆ଶୁକ୍ରବାର ◆୨୬ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦






| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସେଭିଙ୍ଗ୍ସ 22 ସେପ୍ଟେମ୍ବର 2025 ଠାରୁ ପ୍ରଯୁଜ୍ୟ । ବତାଯାଇଥିବା ମୋଟ ସଞ୍ଚୟରେ ଅଛି 100% GST ବେନିଫିଟ୍ (ଏକ୍ସ-ଶୋରୁମ୍ ମୂଲ୍ୟ ଓ ତଦ୍‌ଜନିତ ଯଥାପ୍ରଯୁଜ୍ୟ RTO କରରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଆଉ 1 ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍ସ (OD) । ଅଞ୍ଚଳ ଅନୁସାରେ ଶୂନ୍ୟ PF ଆଉ OD ରେ ସଞ୍ଚୟ, ଫାଇନାନ୍ସର୍/ଇନ୍‌ସ୍ୟୋରର୍ ଙ୍କ ଉପରେ ନିର୍ଭର କରି ବଦଳିପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

# ସାଧାରଣ ୱାର୍ଡକୁ ସ୍ଥାନାନ୍ତର ହେଲେ ମଜୁମଦାର୍



ଭୁବନେଶ୍ୱର, ୨୫।୯ (ସମିସ): ଓଲିଉଡ୍‌ର ଚର୍ଚ୍ଚିତ ଗୀତିକାର ଅଭିଜିତ ମଜୁମଦାର୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ଆଜି ଏମ୍‌ସର ସ୍ୱତନ୍ତ୍ର ଡାକ୍ତର ଟିମ୍ ତାଙ୍କୁ ଆଇସିୟୁରୁ ମେଡିସିନ୍ ୱାର୍ଡକୁ ସ୍ଥାନାନ୍ତର କରିଛନ୍ତି। ଅଭିଜିତଙ୍କ ଯକୃତ (ଲିଭର) ଏବଂ ଶରୀରର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପରିଚାଳନାରେ ମଧ୍ୟ ପୂର୍ବାପେକ୍ଷା ସୁଧାର ଆସିଛି ବୋଲି ଏମ୍‌ସ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ତାଙ୍କ ଚିକିତ୍ସା ସହ ଫିଜିଓଥେରାପି କରାଯାଉଛି। ସୂଚନା ଅନୁସାରେ, ଶ୍ରୀ ମଜୁମଦାର ଲିଭର୍‌ଜନିତ ରୋଗରେ ପୀଡ଼ିତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମାତ୍ର ସ୍ୱାସ୍ଥ୍ୟରେ ଉନ୍ନତି ନହେବାରୁ ଗତ ୪ତାରିଖରେ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଥମେ ଟ୍ରମାକେୟାର୍‌ରେ ରଖାଯାଇ ଚିକିତ୍ସା କରାଯିବା ପରେ କ୍ରିଟିକାଲ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ଶରୀରରେ ସୋଡିୟମ୍‌ର ମାତ୍ରା କମିବା ସହ ନିଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ହେଉଥିଲା।

■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସମୟ ପୂର୍ବରୁ ପ୍ରତ୍ୟାହାର ହୋଇପାରିବ ଫିକ୍ସଡ୍ ଡିପୋଜିଟ୍

କଟକ, ୨୫।୯ (ସମିସ): ବିବାହରେ ଆବଶ୍ୟକତା ପାଇଁ ପୋଷ୍ଟାଲ ବ୍ୟାଙ୍କ ଫିକ୍ସଡ୍ ଡିପୋଜିଟ୍‌କୁ ଅସମୟରେ ବା ସମୟ ପୂର୍ବରୁ ପ୍ରତ୍ୟାହାରକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ହିନ୍ଦୁ ଆଇନ ଅନୁସାରେ ବିବାହ ଏକ ପାରମ୍ପରିକ ଆବଶ୍ୟକତା। ଏଣୁ ନିୟମଗତ ପ୍ରତିବନ୍ଧକ ଦର୍ଶାଇ ଏଥିପାଇଁ ଜଣଙ୍କୁ ନିଜ ସମ୍ପତ୍ତିରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ପରିବାରରେ ବିବାହର ଖର୍ଚ୍ଚ ବହନ କରିବା ପାଇଁ ଜଣେ ମହିଳା ଫିକ୍ସଡ୍ ଡିପୋଜିଟ୍ ପାଇଁ ବିନିଯୋଗ କରିଥିବା ଟଙ୍କାକୁ ମାଚୁରିଟି ସମୟ ପୂର୍ବରୁ ପ୍ରତ୍ୟାହାର କରିବାକୁ ଅନୁମତି ଦେବାକୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରିୟଦର୍ଶିନୀ ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟ କହିଛନ୍ତି, ହିନ୍ଦୁ ଆଇନରେ ବିବାହ ଏକ ପାରମ୍ପରିକ ଆବଶ୍ୟକତା ଭାବେ ସ୍ୱୀକୃତିପ୍ରାପ୍ତ। ତେଣୁ ଏହା ଯୁକ୍ତି କରାଯାଇପାରିବନାହିଁ ଯେ ଆବେଦନକାରୀଙ୍କୁ ଏଥିପାଇଁ ପାଣ୍ଠିର ଆବଶ୍ୟକତା ନାହିଁ। ଶେଷରେ, ଜମା ହୋଇଥିବା ଅର୍ଥ ସେହି ସଂସ୍ଥାର ନୁହେଁ, ଯାହାକୁ ଜମାକାରୀ ଜମା ରଖିଥାଏ। ଏଥିସହ ଦୁଇ ସପ୍ତାହ ମଧ୍ୟରେ ଉକ୍ତ ଫିକ୍ସଡ ଡିପୋଜିଟ୍ ପ୍ରତ୍ୟାହାର କରିବାକୁ ଆବେଦନକାରୀଙ୍କୁ ଅନୁମତି ଦେବା ପାଇଁ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରୁ ବିଳମ୍ବ ଘଟିଲେ, ସମ୍ପୃକ୍ତ ଡାକ କର୍ତ୍ତୃପକ୍ଷ ୧ ପ୍ରତିଶତ ହାରରେ ସୁଧ ଦେବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

# ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀଙ୍କୁ ୨ବର୍ଷ ଜେଲ୍

କଟକ, ୨୫।୯ (ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗର ପ୍ରାକ୍ତନ (ଅବସରପ୍ରାପ୍ତ) ଚକବନ୍ଦି ଅଧିକାରୀ ବିଷ୍ଣୁପଦ ଗ୍ରହାଚାର୍ଯ୍ୟ (ଓଏଏସ)ଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା୧୩(୨)/୧୩(୧)(ଇ) ଅନୁସାରେ ୨ବର୍ଷ ଜେଲ ଓ ୫୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଶ୍ରୀ ଗ୍ରହଚାର୍ଯ୍ୟ କୁଜଙ୍ଗରେ ଚକବନ୍ଦି ଅଧିକାରୀ ଥିବା ବେଳେ ତାଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଥିଲା। ପରେ ଶ୍ରୀ ମିଶ୍ର ଚାକିରିରୁ ଅବସର ନେଇଥିଲେ ମଧ୍ୟ ଭିଜିଲାନ୍ସ ମାମଲା ବିଚାରାଧୀନ ଥିଲା। ବାଲେଶ୍ୱର ଭିଜିଲାନ୍ସ ଡିଭିଜନର ପ୍ରାକ୍ତନ ଇନ୍ସପେକ୍ଟର୍ ଏ.ଏନ୍ ମହାନ୍ତି ଏହି ମାମଲାର ତଦନ୍ତ କରିଥିଲେ। ପ୍ରସିକ୍ୟୁସନ୍ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର୍ ରାକେଶ ସାହୁ ଓ ଜ୍ୟୋତିପ୍ରକାଶ ମହାପାତ୍ର ମାମଲା ପରିଚାଳନା କରୁଥିଲେ। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ଚକବନ୍ଦି ଅଧିକାରୀଙ୍କ ପେନସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

**ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ**

# ଭିଜିଲାନ୍ସ ଜାଲରେ ଟିପିସିଓଡିଏଲ୍ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର, ୨୫।୯(ସମିସ): ଲାଞ୍ଚ ନେଇ ଭୁବନେଶ୍ୱର ଟିପିସିଓଡିଏଲ୍-୧ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ରାୟ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସପକ୍ଷରେ ରିପୋର୍ଟ ଦେବାକୁ ଜଣେ ଠିକାଦାରଙ୍କଠାରୁ ସେ ୨୦ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ତାଙ୍କ ଘର ପାଖ ଏକ ପାର୍କରୁ କାବୁ କରିଛନ୍ତି। ପରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କ ଘର ସମେତ ୪ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ଉ କରିଛି। ତାଙ୍କ ଘରୁ ନଗଦ ୯ଲକ୍ଷ ୫୩ ହଜାର ଟଙ୍କା ଜବତ ହୋଇଥିବା ଜଣାଯାଇଛି।

ଅଭିଯୋଗକାରୀ ଠିକାଦାର ତାଙ୍କ ସପକ୍ଷରେ ଚୂଡ଼ାନ୍ତ ରିପୋର୍ଟ ଦେବାକୁ ଗତ ଦୁଇ ମାସ ଧରି ଯନ୍ତ୍ରୀ ଶ୍ରୀ ରାୟଙ୍କୁ ବାରମ୍ବାର ଅନୁରୋଧ କରୁଥିଲେ। କିନ୍ତୁ ୨୦ ହଜାର ଟଙ୍କା ନଦେଲେ ରିପୋର୍ଟ ଦେବେ ନାହିଁ ବୋଲି ଯନ୍ତ୍ରୀ ମନା କରିଦେଇଥିଲେ। ଗତକାଲି ସନ୍ଧ୍ୟାରେ ଅଭିଯୋଗକାରୀ ଠିକାଦାର ଯନ୍ତ୍ରୀଙ୍କ ବାସଭବନ ନିକଟରେ ପହଞ୍ଚିଥିଲେ। ପରେ ଯନ୍ତ୍ରୀ ତାଙ୍କ ଘର ନିକଟରେ ଥିବା ଏକ ପାର୍କକୁ ଡାକିଥିଲେ। ସେଠାରେ ତାଙ୍କଠାରୁ ୨୦ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ।

**୨୦ ହଜାର ଲାଞ୍ଚ ନେବାବେଳେ ଧରାପଡ଼ିଲେ**



## ଗଜପତିର ୧୭ ପ୍ରକଳ୍ପରୁ ପାଣି ଶୋଷୁଛି ଆନ୍ଧ୍ର

# ୩୩ ବର୍ଷରେ ଟଙ୍କାଟିଏ ବି କର ପୈଠ କରିନି

ପାରଳାଖେମୁଣ୍ଡି,୨୫।୮(ସମିସ): ବର୍ଷବର୍ଷ ଧରି ଓଡ଼ିଶାର ପାଣି ଶୋଷୁଛି। ଗୋଟିଏ କି ଦୁଇଟି ନୁହେଁ, ୧୭ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ବର୍ଷତମାମ ପାଣି ନେଇ ଧାନ, ମୀନ, ପରିବା ଚାଷ କରି ନିଜ ଆର୍ଥିକ ମେରୁଦଣ୍ଡକୁ ମଜଭୁତ କରୁଛି। କିନ୍ତୁ ଜଳକର ବାବଦକୁ ଟଙ୍କାଟିଏ ବି ଦେଉନାହିଁ। ସେପଟେ ବକେୟା ଗଡ଼ିଗଡ଼ି ୪ କୋଟି ପାର୍ ହୋଇଗଲାଣି। ଓଡ଼ିଶାର ଜଳ, ଜମି, ଜଙ୍ଗଲ ଉପରେ ଲୋଲୁପଦୃଷ୍ଟି ପକାଇ ଆସୁଥିବା ପଡ଼ୋଶୀ ଆନ୍ଧ୍ରର ଆଉ ଏକ ଦାଦାଗିରି ଏବେ ସାମ୍ନାକୁ ଆସିଛି। ଉଦ୍‌ବେଗର କଥା ହେଲା, ନିଜ ଆଡୁ କରିଥିବା ଚୁକ୍ତିକୁ ଆନ୍ଧ୍ର ଭାଙ୍ଗିଚାଲିଥିଲେ ହେଁ ଓଡ଼ିଶା ସରକାର ଏହାକୁ ନେଇ କୌଣସି ଠୋସ୍ ପଦକ୍ଷେପ ନେଉନାହାନ୍ତି।

■ ଜଳକର ଚୁକ୍ତି ଖିଲାପ କରୁଛି ଆନ୍ଧ୍ର
■ ୪ କୋଟି ୩୨ଲକ୍ଷ ୮୧ହଜାର ୨୧୧ଟଙ୍କା ବକେୟା ଗଡୁଛି

ଆନ୍ଧ୍ରକୁ ଲାଗି ରହିଛି ଗଜପତି ଜିଲ୍ଲା ଦେଇ ପ୍ରବାହିତ ବଂଶଧାରା ଓ ମହେନ୍ଦ୍ରତନୟା ନଦୀ। ଏହି ଦୁଇ ନଦୀର ଜଳ ବ୍ୟବହାରକୁ ନେଇ ଅତୀତରେ ବିବାଦ ଉପୁଜିବାରୁ କଥା ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାଇଛି। ତେବେ, ଆର୍ଥିକ ବର୍ଷ ୧୯୮୮-୮୯ରେ ଆନ୍ଧ୍ର-ଓଡ଼ିଶା ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଚୁକ୍ତି ମୁତାବକ, ଓଡ଼ିଶାର ଜଳସେଚନ ପ୍ରକଳ୍ପଗୁଡ଼ିକରୁ ଯେଉଁ ପାଣି ଆନ୍ଧ୍ରକୁ ଯିବ, ସେ ବାବଦକୁ କର ଓଡ଼ିଶାକୁ ପୈଠ କରିବ ଆନ୍ଧ୍ର। କିନ୍ତୁ ଚୁକ୍ତି ମୁତାବକ ଆନ୍ଧ୍ର ଜଳକର ପୈଠ କରୁନାହିଁ। ପ୍ରକଳ୍ପ ଆରମ୍ଭଠାରୁ ଆନ୍ଧ୍ର କର ଦେଉନାହିଁ। ଫଳରେ, ଆର୍ଥିକ ବର୍ଷ ୨୦୨୧-୨୨ ସୁଦ୍ଧା ମୋଟ ୪ କୋଟି ୩୨ଲକ୍ଷ ୮୧ ହଜାର ୨ଶହ ୧୧ଟଙ୍କାର ଜଳକର ଆନ୍ଧ୍ର ଉପରେ ଗଡୁଛି। ଏହାର ପରବର୍ତ୍ତୀ ବର୍ଷଗୁଡ଼ିକର ତଥ୍ୟ ନବୀକରଣ ହୋଇନାହିଁ। ବର୍ତ୍ତମାନ ୨୦୨୫ ବର୍ଷ ଚାଲିଥିବା ବେଳେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏହାର ପୁନଃ ଆକଳନ କରାଯାଇନାହିଁ। ଆହୁରି ଉଦ୍‌ବେଗଜନକ କଥା ହେଲା, ୧୭ ପ୍ରକଳ୍ପ ମଧ୍ୟରେ ବୁରୁଗାମଟେଙ୍କ୍, ବୁରୁଗାମନାଳ, ଲକ୍ଷ୍ମୀସାଗର ଓ ରାଧାସାଗର, ଲକ୍ଷ୍ମୀସାଗର ଓ ବୁରୁଗାମଗଡ଼ା ସ୍ଥାନିତ ହୋଇଥିଲେ ମଧ୍ୟ କେତେ ଏକର ପାଇଁ ଏହି ପ୍ରକଳ୍ପ ଉଦ୍ଦିଷ୍ଟ ଏବଂ ଏଥିରୁ ଆନ୍ଧ୍ରକୁ କେତେ ଓ ଓଡ଼ିଶାକୁ କେତେ ଜଳସେଚିତ ହେଉଛି, ତାହାର ତଥ୍ୟ ମଧ୍ୟ ଜଳସେଚନ ବିଭାଗ ନିକଟରେ ନାହିଁ।

ଏଠାରେ ଉଲ୍ଲେଖଯୋଗ୍ୟ, ଆନ୍ଧ୍ର ଉପରେ ବକେୟା ଥିବା ଜଳକର ବାବଦ ତଥ୍ୟ ପାଇଁ ଗଜପତି ଜିଲ୍ଲା କ୍ଷୁଦ୍ର ଜଳସେଚନ ବିଭାଗ ବାରମ୍ବାର ଓଡ଼ିଶା କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟକୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କୌଣସି ତଥ୍ୟ ଦେଉନଥିବା ଜଣାପଡ଼ିଛି।



| ପ୍ରକଳ୍ପ | ଜଳସେଚନ କ୍ଷମତା | ଓଡ଼ିଶା | ଆନ୍ଧ୍ରପ୍ରଦେଶ |
|---|---|---|---|
| ଆଲତୀନାଳ | ୩୩୭.୫୭ ଏକର | ୧୩୭.୫୧ଏକର | ୨୦୦ ଏକର |
| ବାଇଝାଲନାଳ | ୧୬୪୬.୯୩ଏକର | ୭୫୭.୨୫ ଏକର | ୮୭୯.୯୫ ଏକର |
| ଗୁମ୍ମାଗଡା ନାଳ | ୭୨୧.୨୭ ଏକର | ୯୮.୩୪ ଏକର | ୫୨୨.୯୩ ଏକର |
| କାଲୁଆନାଳ | ୧୬୫୪.୨୫ଏକର | ୧୧୯୭.୫୯ଏକର | ୪୫୬.୬୬ ଏକର |
| କୃଷ୍ଣସାଗ | ୪୯୭୯.୫୬ଏକର | ୪୫୧୫.୩୧ ଏକର | ୪୬୪.୨୫ଏକର |
| ମହେନ୍ଦ୍ରତନୟା | ୪୮୭୨.୭୬ଏକର | ୩୭୩୦ ଏକର | ୧୧୪୭.୭୬ଏକର |
| ନୀଳନାଳ ଓ ଶିରିଧାନାଳ | ୧୧୪୮.୧୨ଏକର | ୬୧୭.୫୭ ଏକର | ୫୩୦.୫୫ଏକର |
| ରାଧାସାଗର | ୭୦୩.୬୦ ଏକର | ୧୭୯.୨୯ଏକର | ୫୨୪.୩୧ଏକର |
| ରାମସାଗର | ୬୩୭.୦୩ ଏକର | ୬୩୬.୫୯ ଏକର | ୦.୪୪ଏକର |
| ସୀତାସାଗର | ୬୬୩.୯୭ଏକର | ୪୮୯.୧୨ଏକର | ୧୭୪.୮୫ଏକର |

## ଟିକା ଦେବାରେ ଭୁଲ୍: ଚାଲିଗଲା ଶିଶୁପୁତ୍ରର ଜୀବନ

# ହସ୍ପିଟାଲରେ ପୁଲିସ-ସମ୍ପର୍କୀୟ ମୁହାଁମୁହିଁ

ନୟାଗଡ଼, ୨୫।୯(ସମିସ): ଅଢ଼େଇ ମାସର ଏକ ଶିଶୁର ମୃତ୍ୟୁକୁ ନେଇ ଆଜି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିସ୍ଫୋରକ ସ୍ଥିତି ଦେଖିବାକୁ ମିଳିଛି। ଶିଶୁର ପରିବାର ଓ ପୁଲିସ୍ ମଧ୍ୟରେ ଧସ୍ତାଧସ୍ତି ଭଳି ପରିସ୍ଥିତି ସୃଷ୍ଟି ହୋଇଛି।

ସୂଚନାନୁସାରେ, ନୟାଗଡ଼ ସଦର ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ରାଉତରାପୁର ଗ୍ରାମର ଜିତେନ୍ଦ୍ର ଦଳେଇଙ୍କ ଅଢ଼େଇ ମାସର ଶିଶୁପୁତ୍ରକୁ ବୁଧବାର ନିକଟସ୍ଥ ଏଏନ୍‌ଏମ୍ ସେଣ୍ଟରକୁ ନିଆଯାଇଥିଲା। ସେଠାରେ ଟିକା ଦେବା ବେଳେ ଶିଶୁଟିର ଉକ୍ତ ସ୍ଥାନରୁ ରକ୍ତସ୍ରାବ ହୋଇଥିଲା। ଦୀର୍ଘ ସମୟ ଧରି ରକ୍ତ ବନ୍ଦ ନ ହେବାରୁ ପରିବାରଲୋକେ ବୁଧବାର ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତା'ର ବ୍ୟାଣ୍ଡେଜ୍ କରି ଘରକୁ ପଠାଇ ଦିଆଯାଇଥିଲା। କିନ୍ତୁ ଶିଶୁପୁତ୍ରର ଅବସ୍ଥା ଧୀରେଧୀରେ ବିଗିଡ଼ିଥିଲା। ତେଣୁ ଆଜି ପୁଣି ପରିବାରଲୋକ ଶିଶୁଟିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ସେଠାରେ ଉପଯୁକ୍ତ ଚିକିତ୍ସା ମିଳି ନଥିଲା ବୋଲି ପରିବାରଲୋକ ଅଭିଯୋଗ କରିଛନ୍ତି। ଶିଶୁକୁ ଭୁବନେଶ୍ୱର ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ଏହାର କିଛି ସମୟ ମଧ୍ୟରେ ଶିଶୁଟିର ଜୀବନ ଚାଲିଯାଇଥିଲା। ଏହାକୁ ନେଇ ଶିଶୁର ପରିବାର ଓ ସମ୍ପର୍କୀୟମାନେ ଡାକ୍ତରଖାନା ପରିସରରେ ହୋ-ହଲ୍ଲା କରିଥିଲେ। ଖବର ପାଇ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ପ୍ରମୁଖ ସଦଳବଳେ ସେଠାରେ ପହଞ୍ଚିଥିଲେ। ସେଠାରେ ପୁଲିସ ଓ ସମ୍ପର୍କୀୟଙ୍କ ମଧ୍ୟରେ ମୁହାମୁହିଁ ଓ ଠେଲାପେଲା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ସ୍ଥିତି ନିୟନ୍ତ୍ରଣ କରିଥିଲେ ହେଁ ଶିଶୁର ପରିବାରଲୋକ ଡାକ୍ତରଖାନା ପରିସରରେ ଧାରଣା ଦେଇଥିଲେ। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ, ବରିଷ୍ଠ ଭେଷଜ ବିଶେଷଜ୍ଞ ଶତ୍ରୁଘ୍ନ ନାୟକ ଘଟଣାସ୍ଥଳରେ ପହଞ୍ଚି ପରିବାରଲୋକଙ୍କୁ ବୁଝାସୁଝା କରିଥିଲେ। ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯିବ ଏବଂ କମିଟିର ତଦନ୍ତ ଆଧାରରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଡିଏମ୍‌ଓ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅପରପକ୍ଷେ, ପରିବାରଲୋକଙ୍କ ଅଭିଯୋଗ ଆଧାରରେ ବୋଦାପଡ଼ା ଏଏନ୍‌ଏମ୍ ସାଗରିକା ମିଶ୍ରଙ୍କ ନାମରେ ନୟାଗଡ଼ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି।

ପ୍ରକାଶଯୋଗ୍ୟ, କିଛି ଦିନ ତଳେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମାତୃ ଓ ଶିଶୁ ଚିକିତ୍ସାଳୟ କୋଠାରେ ବାଲୁଗାଁ ଅଞ୍ଚଳର ଜଣେ ମହିଳା ଓ ଗର୍ଭସ୍ଥ ଶିଶୁଙ୍କ ଚିକିତ୍ସା ଅବହେଳାରୁ ଜୀବନ ଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଡାକ୍ତର ରବୀନ୍ଦ୍ର ସାହୁଙ୍କୁ ନିଲମ୍ବନ କରାଯାଇଥିଲା। ତଥାପି ନୟାଗଡ଼ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାରେ କୌଣସି ସୁଧାର ଆସୁନଥିବା ଅଭିଯୋଗ ହେଉଛି। ନିର୍ବାଚିତ ଜନପ୍ରତିନିଧିମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ସୁସ୍ଥ ସ୍ୱାସ୍ଥ୍ୟସେବାର ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ ଦେଖିବାକୁ ମିଳୁଛି।



## ବିଧାନସଭା ନିର୍ବାଚନ

# ଧର୍ମେନ୍ଦ୍ରଙ୍କୁ ବିହାର, ବୈଜୟନ୍ତଙ୍କୁ ତାମିଲନାଡୁ ଦାୟିତ୍ୱ





ଭୁବନେଶ୍ୱର, ୨୫।୯(ସମିସ): ଆଗାମୀ ବିହାର ଓ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ବିଜେପି ଓଡ଼ିଶାର ଦୁଇ ନେତାଙ୍କୁ ବଡ଼ ଦାୟିତ୍ୱ ଦେଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିହାରର ପ୍ରଭାରୀ ଦାୟିତ୍ୱ ମିଳିଛି। ଧର୍ମେନ୍ଦ୍ରଙ୍କ ସହ ଉତ୍ତରପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ କେନ୍ଦ୍ରମନ୍ତ୍ରୀ ସିଆର୍ ପାଟିଲଙ୍କୁ ମଧ୍ୟ ଦଳ ସହ ପ୍ରଭାରୀ ଭାବେ ଦାୟିତ୍ୱ ଦେଇଛି। ସେହିପରି କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଦଳ ତାମିଲନାଡୁ ନିର୍ବାଚନର ପ୍ରଭାରୀ ଦାୟିତ୍ୱ ଦେଇଛି। ଆସନ୍ତା ୨୦୨୬ମସିହାରେ ତାମିଲନାଡୁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

# ୨ରୁ ବିଜେଡିର ଜନସଂପର୍କ ପଦଯାତ୍ରା

ଭୁବନେଶ୍ୱର, ୨୫।୯(ସମିସ): ଜନସଂପର୍କ ପଦଯାତ୍ରା ପାଇଁ ଗୁରବାର ଶଙ୍ଖ ଭବନରେ ବିଜୁ ଜନତା ଦଳ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ଏଥର ମାସେବ୍ୟାପୀ ପଦଯାତ୍ରା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅକ୍ଟୋବର ୨ ତାରିଖ ଅର୍ଥାତ୍ ଗାନ୍ଧୀ ଜୟନ୍ତୀରୁ ନଭେମ୍ବର ୨ ତାରିଖ ଯାଏଁ ସମସ୍ତ ନିର୍ବାଚନମଣ୍ଡଳୀରେ ପଦଯାତ୍ରା ଅନୁଷ୍ଠିତ ହେବ ଏବଂ ସରକାରଙ୍କ ବିଫଳତା ନେଇ ରାଜ୍ୟବାସୀଙ୍କୁ ସଚେତନ କରାଯିବ। ପୂର୍ବରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଅକ୍ଟୋବର ୧୧ ଜୟପ୍ରକାଶ ନାରାୟଣ ଜୟନ୍ତୀ ଯାଏଁ ବିଜେଡି ପଦଯାତ୍ରା କରୁଥିଲା। ଆବଶ୍ୟକସ୍ଥଳେ ଏହାକୁ ଦ୍ୱିତୀୟ ପର୍ଯ୍ୟାୟରେ ସମ୍ପ୍ରସାରିତ କରାଯାଉଥିଲା। ଚଳିତଥର ପ୍ରଥମରୁ ହିଁ ଏହାକୁ ମାସେବ୍ୟାପୀ କରିବାକୁ ନିଷ୍ପତ୍ତି ନିଆଯାଇଛି।

ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରସଙ୍ଗରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାକୁ ଲକ୍ଷ୍ୟ କରି ସରକାରଙ୍କ ବିଫଳତା ନେଇ ଅଧିକରୁ ଅଧିକ ଲୋକଙ୍କୁ ଜନସଂପର୍କ ପଦଯାତ୍ରା ମାଧ୍ୟମରେ ସଚେତନ କରିବାକୁ ବିଜେଡି ନିଷ୍ପତ୍ତି ନେଇଛି। ବିଜେଡି ପକ୍ଷରୁ କୁହାଯାଇଛି, ଗତ ୧୫ ମାସରେ ରାଜ୍ୟର ସାମ୍ପ୍ରତିକ ସ୍ଥିତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ଜନବିରୋଧୀ କାର୍ଯ୍ୟ, ସରକାରଙ୍କ ଅସଲ ଚରିତ୍ରକୁ ପଦାରେ ପକାଇଛି। ବିଶେଷକରି ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସେହିପରି, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ବାବୁରାଜ, ଚାଷୀଙ୍କୁ ସାର କଷଣ ଆଦି ନାନା ସମସ୍ୟାରେ ରାଜ୍ୟବାସୀ ସନ୍ତୁଳି ହେଉଛନ୍ତି।

**ମାସେବ୍ୟାପୀ ପଦଯାତ୍ରାରେ ସରକାରଙ୍କ ବିଫଳତାକୁ ଉଜାଗର କରିବ ଦଳ**

ଅପରପକ୍ଷେ, ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବାରମ୍ବାର କେନ୍ଦ୍ରକୁ ଓଡ଼ିଶାର ନ୍ୟାଯ୍ୟ ଅଧିକାର ପାଇଁ ଦାବି କରିଆସୁଥିଲେ। ହେଲେ ରାଜ୍ୟରେ ଏବେ ବିଜେପି ସରକାର ଥିବା ସତ୍ତ୍ୱେ ଓଡ଼ିଶାକୁ କେନ୍ଦ୍ର ଅବହେଳା ବଢ଼ିବାରେ ଲାଗିଛି। ଏହା ବିରୋଧରେ ବିଜେଡି ଲଢ଼େଇ ଜାରି ରଖିବାକୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ୧୮ ଲକ୍ଷ ଟଙ୍କା ଆତ୍ମସାତ୍

# ପୂର୍ବତନ ସିଡିଭିଓ ଓ ପରିସଂଖ୍ୟାନ ଗଣନାକାରୀ ଗିରଫ





ନୂଆପଡ଼ା,୨୫।୯(ସମିସ): ଜଳବାୟୁ ପରିବର୍ତ୍ତନ ପାଣ୍ଠିରୁ ୧୮ ଲକ୍ଷ ଟଙ୍କା ଆତ୍ମସାତ ଅଭିଯୋଗରେ ନୂଆପଡ଼ା ଜିଲ୍ଲା ପ୍ରାଣୀଚିକିତ୍ସା ବିଭାଗର ପୂର୍ବତନ ସିଡିଭିଓ ତ୍ରିଲୋଚନ ଧଳ ଏବଂ ପରିସଂଖ୍ୟାନ ଗଣନାକାରୀ ଅଶୋକ କୁମାର ଦାଉଙ୍କୁ କୋରାପୁଟ ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସ ତଦନ୍ତରୁ ଜଣାଯାଇଛି ଯେ ତ୍ରିଲୋଚନ ଏବଂ ଅଶୋକ ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ ଜଳବାୟୁ ପରିବର୍ତ୍ତନ ପାଇଁ ଜାତୀୟ ଅନୁକୂଳନ ପାଣ୍ଠି ଅଧୀନରେ ଆବଣ୍ଟିତ ୧୮ ଲକ୍ଷ ଟଙ୍କାର ଅପବ୍ୟବହାର କରିଛନ୍ତି। ଅଭିଯୁକ୍ତଦ୍ୱୟ ସରକାରୀ ପାଣ୍ଠିକୁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ ଆକାଉଣ୍ଟକୁ ସ୍ଥାନାନ୍ତର କରି ହଡ଼ପ କରିଥିଲେ। ଉକ୍ତ ଅନୁଦାନ ଦୁଗ୍ଧ ଏବଂ ଛେଳି ଚାଷ ମାଧ୍ୟମରେ ହିତାଧିକାରୀଙ୍କ ଜୀବିକା ବୃଦ୍ଧି କରିବା ଏବଂ ପରିବେଶ ସୁରକ୍ଷା ପାଇଁ ମଞ୍ଜୁର ହୋଇଥିଲା। ଏ ସମ୍ପର୍କରେ କୋରାପୁଟ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଦୁହିଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଉଲ୍ଲେଖଯୋଗ୍ୟ, ନୂଆପଡ଼ାରେ କାର୍ଯ୍ୟକାଳ ସମୟରେ ତ୍ରିଲୋଚନ ଲକ୍ଷାଧିକ ଟଙ୍କା ନେଇ ଘରକୁ ଯାଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ି ଜେଲ ଯାଇଥିଲେ। ତାଙ୍କ ଉପରେ ଥିବା ଅନ୍ୟାନ୍ୟ ମାମଲାଗୁଡ଼ିକର ତଦନ୍ତ ବେଳେ ଏହି ୧୮ ଲକ୍ଷ ଆତ୍ମସାତ ପଦାକୁ ଆସିଥିଲା।

## ୨୭-୨୮ ରେ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ

# ଯୋଗଦେବେ ପ୍ରଧାନବିଚାରପତିଙ୍କ ସମେତ ୧୭ ମୁଖ୍ୟ ବିଚାରପତି

ଭୁବନେଶ୍ୱର, ୨୫।୯(ସମିସ): ମଧ୍ୟସ୍ଥତା ମାଧ୍ୟମରେ କୌଣସି ସମସ୍ୟାର ସମାଧାନ ମହାଭାରତ ଯୁଗରୁ ରହିଛି। ଏହାକୁ ଆଧାର କରି ୨୦୨୩ରେ ଦେଶରେ ମେଡିଏସନ୍ ଆଇନ ଆସିଛି। ଏହି ଆଇନ ସଫଳ ଭାବେ କାର୍ଯ୍ୟକାରୀ ହେଲେ ଦେଶର ଅନେକ ଲୋକଙ୍କର କମ୍ ଖର୍ଚ୍ଚ ଓ ଖୁବ୍‌ଶୀଘ୍ର ମାମଲାଗୁଡ଼ିକ ସମାଧାନ ହୋଇପାରିବ। ଏହା ଦ୍ୱାରା ନ୍ୟାୟାଳୟ ଉପରେ ରହୁଥିବା ଚାପ ମଧ୍ୟ କମିବ ବୋଲି ଓଡ଼ିଶା ହାଇକୋର୍ଟର ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି। ଆସନ୍ତା ୨୭ ଓ ୨୮ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ଜାତୀୟ ମେଡିଏସନ ସମ୍ମିଳନୀ ସମ୍ପର୍କରେ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ବର୍ତ୍ତମାନ ନିମ୍ନ ଅଦାଲତରୁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଅନେକ ମାମଲା ବିଚାରାଧୀନ ରହିଛି। ଏହି ମାମଲାଗୁଡ଼ିକ ହ୍ରାସ କରିବା ପାଇଁ ୨୦୨୩ରୁ ମେଡିଏସନ୍ ଆଇନ ଆସିଛି। ଏଥିରେ ଅନେକ ମାମଲାକୁ ମଧ୍ୟସ୍ଥତା ମାଧ୍ୟମରେ ସମାଧନ ହେବାର ବ୍ୟବସ୍ଥା କରାଯାଇଛି।

ଏହି ଆଇନର ସୁଦୂରପ୍ରସାରୀ ପାଇଁ ୨୭ ଓ ୨୮ ତାରିଖରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଦ୍ୱିତୀୟ ଜାତୀୟ ମେଡିଏସନ୍ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ବି.ଆର୍ ଗଭାଇଙ୍କ ସମେତ ୧୭ଟି ରାଜ୍ୟର ହାଇକୋର୍ଟର ମୁଖ୍ୟ ବିଚାରପତି ଯୋଗଦେବେ। ଏହାସହ ହାଇକୋର୍ଟ ଓ ସୁପ୍ରିମକୋର୍ଟର ୪୦ରୁ ଊର୍ଦ୍ଧ୍ୱ ଜଜ୍-୧ ମଧ୍ୟ ଯୋଗଦେବେ। ସୁପ୍ରିମକୋର୍ଟର ୧୦ଜଣ ବିଚାରପତିଙ୍କ ସମେତ ୨୦୦ରୁ ଅଧିକ ମାନ୍ୟଗଣ୍ୟ ଅତିଥି ସାମିଲ ହେବେ। ୨୭ ତାରିଖ ସଂଧ୍ୟା ସାଢ଼େ ୬ଟାରେ ପ୍ରଧାନ ବିଚାରପତି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏଥିରେ ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଜାତୀୟ ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଆଟର୍ଣ୍ଣି ଜେନେରାଲ୍, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ରାଜ୍ୟ ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ରହିବେ। ଦ୍ୱିତୀୟ ଦିନରେ ଏହି ଆଇନର ବିଭିନ୍ନ ଦିଗକୁ ନେଇ ୫ଟି ଅଧିବେଶନ ଅନୁଷ୍ଠିତ ହେବ। ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ର ଆଇନମନ୍ତ୍ରୀଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖ ଯୋଗଦେବେ ବୋଲି ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ରାଜ୍ୟରେ ଅନେକ ଜାତୀୟସ୍ତରୀୟ ସମ୍ମିଳନୀ ଆୟୋଜନ କରାଯାଉଛି। ଏହା ମଧ୍ୟସ୍ଥତା ଦିଗରେ ଦେଶକୁ ଏକ ଦିଗ୍‌ଦର୍ଶନ ଦେବ। ରାଜ୍ୟରେ ମଧ୍ୟ ଆଗକୁ ଗାଁମାନଙ୍କରେ ଛୋଟଛୋଟ ମାମଲାକୁ ମଧ୍ୟସ୍ଥତା ମାଧ୍ୟମରେ କିପରି ସମାଧନ କାରଯାଇପାରିବ, ତାହା ଉପରେ ଦୃଷ୍ଟି ଦିଆଯାଉଛି। ରାଜ୍ୟ ସରକାର ଏ ବିଷୟରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ। ଏହି ସମ୍ମିଳନୀ ସମସ୍ତଙ୍କୁ ଆଗକୁ ବାଟ ଦେଖାଇବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

■ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଅତିଥି
■ ଉଦ୍‌ଯାବନୀରେ କେନ୍ଦ୍ର ଆଇନ ଓ ଶିକ୍ଷା ମନ୍ତ୍ରୀ ଯୋଗଦେବେ



# ଆଜିଠୁ କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ

## ବିଭିନ୍ନ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ

ଭୁବନେଶ୍ୱର,୨୫।୯(ସମିସ): କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଆସନ୍ତାକାଲି (ଶୁକ୍ରବାର) ଠାରୁ ଆରମ୍ଭ ହେବ। ପ୍ରଥମଥର ବିଶ୍ୱବିଦ୍ୟାଳୟ ପକ୍ଷରୁ ୩ ଦିନିଆ ସମାବର୍ତ୍ତନ ହେଉଛି। ଉତ୍ସବରେ ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମୋହନ ମୁନାସିଂଘେ, ଟ୍ୟୁନିସିଆର ନୋବେଲ ଶାନ୍ତି ପୁରସ୍କାର ବିଜେତା ଉଇଦେଦ୍ ବୋଚାମାଉଇ, ଇଣ୍ଟରନ୍ୟାସନାଲ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ନ୍ୟାୟମୂର୍ତ୍ତି ଏ. ଅହମ୍ମଦ ୟୁସୁଫ୍ ଓ ନ୍ୟାୟମୂର୍ତ୍ତି ଦଲବୀର ଭଣ୍ଡାରିଙ୍କ ସମେତ ବିଶ୍ୱର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେବେ। ଏହି ଅବସରରେ ଗୁଆଟେମାଲା ଗଣରାଜ୍ୟ କଂଗ୍ରେସ ସଦସ୍ୟ ଡ. ଫିଡେଲ ରେୟସ୍ ଲି, ୱକହର୍ଡ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ଆଡଭୋକେଟ୍ ଡ. ହୁଜୈଫା ଖୋରାକିୱାଲା, ଜର୍ମାନୀ ୟୁଥ୍ ଫର୍ ଅଣ୍ଡରଷ୍ଟାଣ୍ଡିଂ ଫାଉଣ୍ଡେସନର ପ୍ରତିଷ୍ଠାତା ନବର୍ଟ ସାଉର, ଲାଲଚାନ୍ଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟ ସଞ୍ଜୟ ହାନ୍‌ସ, କମ୍ପିଟିସନ ସକସେସ୍ ରିଭ୍ୟୁର ଅଧ୍ୟକ୍ଷ ତଥା ସମ୍ପାଦକ ଏସ୍. କେ. ସଚଦେବା, ପ୍ରସିଦ୍ଧ ଚଳଚ୍ଚିତ୍ର ଓ ନାଟ୍ୟନିର୍ଦ୍ଦେଶକ ଅନନ୍ତ ମହାପାତ୍ର ପ୍ରମୁଖଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯିବ। ଏହାସହ ଚଳିତ ବର୍ଷ ୭୨୩୫ ସ୍ନାତକ ଛାତ୍ରଛାତ୍ରୀ, ୨୦୩୪ ସ୍ନାତକୋତ୍ତର ଏବଂ ୧୯୫ ପିଏଚଡି ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଉତ୍ସବର ପ୍ରଥମ ଦିନରେ ମେଡିକାଲ୍ ସାଇନସେସ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବାକୁ ଥିବା ବେଳେ ଦ୍ୱିତୀୟ ଦିନ ଆଇନ ଓ ମ୍ୟାନେଜମେଣ୍ଟ ଏବଂ ତୃତୀୟ ଦିନରେ ଟେକ୍ନୋଲୋଜି ପାଠ୍ୟକ୍ରମର ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ତିନିଦିନ ଧରି ପ୍ରମୁଖ ଅତିଥି ଭାବରେ ବିଶ୍ୱର ପ୍ରସିଦ୍ଧ ବ୍ୟକ୍ତି ବିଶେଷ, ଆଇନ ବିଶାରଦ, ଶିକ୍ଷାବିତ୍, ନୋବେଲ ପୁରସ୍କାର ବିଜେତା ଏବଂ ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-93 ◆FRIDAY ◆26 SEPTEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୯୩ ◆ଶୁକ୍ରବାର ◆୨୬ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଲିସା କେଟ୍‌ଲି ‘ମୁମ୍ବାଇ’ କୋଚ୍
▶ପୃଷ୍ଠା ୧୨ ଦେଖନ୍ତୁ...






## ସୃଷ୍ଟି ହେଲା ଆଉ ଏକ ଲଘୁଚାପ

# ଦକ୍ଷିଣକୁ ବର୍ଷା, ଉପକୂଳକୁ ବନ୍ୟା ଭୟ

- ୨୭ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଅବପାତ ବର୍ଷା
- ହୀରାକୁଦରୁ ୨୦ ଗେଟ୍‌ରେ ଜଳ ନିଷ୍କାସନ
- ଆଜି ମୁଣ୍ଡଳୀରେ ଯିବ ୬ ଲକ୍ଷ କ୍ୟୁସେକ୍



■ **ଭୁବନେଶ୍ୱର, ୨୫।୯ (ସମିସ):** ପଛକୁ ପଛ ଆସୁଥିବା ଲଘୁଚାପ ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକ ଏବେ ଫୁଲିବାରେ ଲାଗିଛି। ଯଦିଓ ଗୁରୁବାର ଗୋଟିଏ ଲଘୁଚାପ ଦୁର୍ବଳ ହୋଇଛି, ହେଲେ ଗୁରୁବାର ସନ୍ଧ୍ୟା ସୁଦ୍ଧା ଆଉ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ସବୁଠୁ ଅଧିକ ବର୍ଷା ସମ୍ଭାବନା ରହିଛି। ମାତ୍ର ଗଲା ୨-୩ଦିନ ମଧ୍ୟରେ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦକୁ ପ୍ରବଳ ପାଣି ପ୍ରବେଶ କରୁଛି। ଫଳରେ ବର୍ତ୍ତମାନ ମହାନଦୀ ତଳମୁଣ୍ଡରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ରମଶଃ ଦୁର୍ବଳ ହୋଇ ଘୂର୍ଣ୍ଣିବଳୟରେ ପରିଣତ ହୋଇଛି। ଏହା ବର୍ତ୍ତମାନ ଉତ୍ତରପଶ୍ଚିମ ତତ୍‌ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଦକ୍ଷିଣ ଓଡିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପରେ ସକ୍ରିୟ ରହିଛି। ଏଥିସହ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ରହିଥିଲା। ଏହାର ପ୍ରଭାବରେ ଗୁରୁବାର ସନ୍ଧ୍ୟାରେ ଉତ୍ତର ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ନୂତନ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ଧୀରେଧୀରେ ପଶ୍ଚିମ ଦିଗକୁ ଗତି କରିବା ସହ ସେପ୍ଟେମ୍ବର ୨୬ରେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବ। ସେପ୍ଟେମ୍ବର ୨୭ରେ ଦକ୍ଷିଣ ଓଡ଼ିଶା, ଉତ୍ତର ଆନ୍ଧ୍ରପ୍ରଦେଶ ନିକଟରେ ଏହା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଶେଷକରି, ▶ପୃଷ୍ଠା-୭

## ୧୮ ଜିଲ୍ଲାପାଳଙ୍କୁ ସତର୍କ କରାଇଲେ ଏସ୍‌ଆର୍‌ସି

■ **ଭୁବନେଶ୍ୱର, ୨୫।୯(ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦକ୍ଷିଣ ଓଡ଼ିଶାରେ ବର୍ଷା ଓ ତତ୍‌ଜନିତ ସ୍ଥିତି ମୁକାବିଲା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି କ୍ରମରେ ଗୁରୁବାର ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନର ଡି.କେ ସିଂ ଦକ୍ଷିଣଓଡ଼ିଶା ସମେତ ବର୍ଷା ଆଶଙ୍କା ଥିବା ୧୮ ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛନ୍ତି। ଏଥିରେ ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ ନୂଆପଡା ଜିଲ୍ଲାର ଜିଲ୍ଲାପାଳମାନେ ଉପସ୍ଥିତ ରହି ନିଜ ନିଜ ଜିଲ୍ଲାର ସ୍ଥିତି ସମ୍ପର୍କରେ ଏସ୍‌ଆରସିଙ୍କୁ ଅବଗତ କରାଇଛନ୍ତି। ବୈଠକରେ ଜଳସଂପଦ ବିଭାଗର ସର୍ବୋଚ୍ଚ ▶ପୃଷ୍ଠା-୭

## ଭାରତରେ ପ୍ରଥମ

# ଟ୍ରେନ୍‌ରୁ ‘ଅଗ୍ନି’ ପରୀକ୍ଷା



■ **ନୂଆଦିଲ୍ଲୀ/ବାଲେଶ୍ୱର, ୨୫।୯ (ସମିସ):** ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ମିଳିଛି ଆଉ ଏକ ଐତିହାସିକ ସଫଳତା। ଗତକାଲି ବିଳମ୍ବିତ ରାତିରେ ଟ୍ରେନରୁ ସଫଳତା ସହ ଲଞ୍ଚ୍ ହୋଇଛି ଅଗ୍ନି-ପ୍ରାଇମ୍ କ୍ଷେପଣାସ୍ତ୍ର। ଡିଆର୍‌ଡିଓ ପକ୍ଷରୁ ପ୍ରଥମ ଥର ଲାଗି ପରୀକ୍ଷା କରାଯାଇଥିବା ଏହି ମଧ୍ୟମ ଦୂରଗାମୀ ଅଗ୍ନି କ୍ଷେପଣାସ୍ତ୍ର ଦୁଇ ହଜାର କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ଏଭଳି ସଫଳତା ପାଇବାରେ ରୁଷ, ଚୀନ ଓ ଉତ୍ତର କୋରିଆ ପରେ ଭାରତ ହେଉଛି ବିଶ୍ୱର ଚତୁର୍ଥ ଦେଶ। ଏବଂ ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଯେ ଓଡ଼ିଶା ମାଟିରେ ଏହାର ପରୀକ୍ଷା କରାଯାଇଛି। ଏହି ସଫଳତା ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ରୁଷ, ଚୀନ୍, ଉତ୍ତରକୋରିଆ ପରେ ଭାରତ ଚତୁର୍ଥ ଦେଶ**

ଏଭଳି ଐତିହାସିକ ପରୀକ୍ଷା ସଂପର୍କରେ ସୂଚନା ଦେଇଛନ୍ତି ରାଜନାଥ ସିଂହ। ଗତକାଲି (ବୁଧବାର) ବିଳମ୍ବିତ ରାତିରେ ଟ୍ରେନ୍ ଉପରେ ତିଆରି ହୋଇଥିବା ମୋବାଇଲ ଲଞ୍ଚର ସିଷ୍ଟମ ଜରିଆରେ ଅଗ୍ନି- ପ୍ରାଇମ୍ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା କରାଯାଇଥିଲା। ରେଳ ଭିତ୍ତିକ ଲଞ୍ଚରରୁ ପ୍ରଥମ ଥର ଲାଗି କ୍ଷେପଣାସ୍ତ୍ର ପରୀକ୍ଷା ହୋଇଛି। ଟ୍ରେନ ସହ ସଂଯୁକ୍ତ ଏହି ଲଞ୍ଚରରୁ ଦେଶର ଯେକୌଣସି ଭାଗରୁ ଉତ୍‌କ୍ଷେପଣ କରାଯାଇପାରିବ। ରେଳ ଲାଇନରେ ସହଜରେ ଏହାର ପରିବହନ ହୋଇପାରିବ। ▶ପୃଷ୍ଠା-୭

## ପୁରୀ ଜିଲ୍ଲା ଜେଲ୍‌ରେ କଏଦୀଙ୍କ ଆତ୍ମହତ୍ୟା

■ **କୋଣାର୍କ, ୨୫।୯ (ସମିସ):** ଗୋପ ବ୍ଲକ୍ ଅଧୀନ ସୁତନ ପଞ୍ଚାୟତର ବାଙ୍ଗରସ୍ଥିତ ପୁରୀ ଜିଲ୍ଲା କାରାଗାରରେ ଗୁରୁବାର ସକାଳେ ଜଣେ ବିଚାରାଧୀନ କଏଦୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ପିପିଲି ଥାନା ଅଞ୍ଚଳର ବୁଲୁ ବେହେରା(୨୫) ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୧ ତାରିଖରେ ବୁଲୁ ବେହେରା ପୋକ୍ସୋ ଆକ୍ଟରେ ହୋଇଥିବା ଏକ ମାମଲାରେ ଗିରଫ ହୋଇ ବାଙ୍ଗରସ୍ଥିତ ଜିଲ୍ଲା କାରାଗାରରେ ଥିଲେ। କୌଣସି କାରଣରୁ ଗୁରୁବାର ସକାଳ ସମୟରେ ସେ ରହୁଥିବା ଘରର କାନ୍ଥରେ ଲାଗିଥିବା ପାଣି ପାଇପ୍‌ରେ ନିଜ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜେଲ୍ କର୍ତ୍ତୃପକ୍ଷ ଦେଖିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ରାମଚଣ୍ଡୀ ଥାନା ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡ଼ା ପ୍ରକାଶ କରିଛନ୍ତି।

# ଅଶୁଭ ଗୁରୁବାର: ଦୁର୍ଘଟଣାରେ ଗଲା ୧୦ ଜୀବନ

## ବସ୍-ଟ୍ରକ୍ ମୁହାଁମୁହିଁ: ୬ ମୃତ, ୨୦ ଗୁରୁତର




■ **ରାଉରକେଲା, ୨୫।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ନମ୍ବର ଜାତୀୟ ରାଜପଥର କେ.ବଲାଙ୍ଗ ନିକଟସ୍ଥ ସମିଜ ବ୍ରିଜ୍ ନିକଟରେ ଗୁରୁବାର ଏକ ଘରୋଇ ବସ୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ଏଥିରେ ୬ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ଜଣ ମହିଳା ଅଛନ୍ତି। ମୃତକମାନେ ହେଲେ, ରକ୍ସି ଗ୍ରାମର ପୁଷ୍ପା ଗୋପ (୫୬), ମେରି ନାଗ(୫୦), ସତ୍ୟଭାମା ଠାକୁର (୫୫), ମଞ୍ଜାବେଡ଼ାର କରମପାଲ ସିଂ (୪୫)

**୪ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ଏବଂ ବସ୍‌ର କଣ୍ଡକ୍ଟର ଶବର ବଳ (୫୨)। ଅନ୍ୟଜଣଙ୍କର ପରିଚୟ ମିଳି ପାରିନାହିଁ। ସେହିପରି, ଏହି ଅଘଟଣରେ ୨୦ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ଜଣଙ୍କ ଅବସ୍ଥା ଗୁରୁତର ଜଣାପଡ଼ିଛି। ସେମାନଙ୍କୁ କେ.ବଲାଙ୍ଗ ଡାକ୍ତରଖାନାରେ ▶ପୃଷ୍ଠା-୭

## ଗଛରେ ପିଟିହେଲା ଟିପ୍ପର; ୨ ମୃତ



■ **ଗୁଣପୁର, ୨୫।୯ (ସମିସ):** ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତ ଭାଲେରୀ କୁଡ଼ିଆ ମୁଖ୍ୟ ରାସ୍ତାରେ ଆଜି ଭୋରରେ ଏକ ଟିପ୍ପର ଗଛରେ ପିଟି ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଗାଡ଼ି ଚାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାମାନାଗୁଡା ବ୍ଲକ ଅର୍ଜୁନଗୁଡା ଗାଁର ଅଲିକ୍ଷ ପାତିକା ଓ ଅଜୟ ପାଲକା। ଗୁରୁତର ଟିପର ଚାଳକଙ୍କୁ ପ୍ରାଥମିକ ଚିକିତ୍ସା ପା।ରେ ଅଧିକ ଚିକିତ୍ସା ପାଇଁ ବାହାରକୁ ପଠାଯାଇଛି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ

■ **ନାରାୟଣପାଟଣା, ୨୫।୯ (ସମିସ):** ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଫଳରେ ଘଟଣା ସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। କୋରାପୁଟ ଜିଲ୍ଲା ନାରାୟଣପାଟଣା ସ୍ଥିତ ଷ୍ଟେଟ ବ୍ୟାଙ୍କ୍ ସାମ୍ନାରେ ଏହି ଦୁର୍ଘଟଣା ଘଟିଛି। ଗତ ରାତି ପ୍ରାୟ ୧ଟା ସମୟରେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ନିକଟରେ ଓଡି ୧୦ ଏକ୍ସ ୬୯୩୬ ଓ ଓଡି ୧୦ ବି ୯୩୦୪ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଗୋଟିଏ ବାଇକ୍‌ରେ ୪ ଜଣ ଓ ଅନ୍ୟଟିରେ ୨ ଜଣ ବସିଥିଲେ। ଦୁଇଜଣଙ୍କ ମୁଣ୍ଡରେ ଆଘାତ ଯୋଗୁଁ ଘଟଣା ସ୍ଥଳରେ ହିଁ ସେମାନେ ପ୍ରାଣ ହରାଇଥିଲେ। ଅନ୍ୟ ୪ଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ସ୍ଥାନୀୟ ଯୁବକ ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୃତ ଦୁଇ ଆଦିବାସୀ ଯୁବକ ହେଉଛନ୍ତି ଗାଦାବା ଗୁଡା ଗ୍ରାମର ଅଭି ମାଣ୍ଡିଙ୍ଗି(୨୨) ଓ ଅନ୍ୟଜଣେ ଶରତ ତାଡିଙ୍ଗି (୨୨)। ଆହତମାନେ ହେଲେ ଶତିଖାଲର ଗଣେଶ ଶରଡିଆ, ପିଣ୍ଟୁ ଶରଡିଆ, ଗାଦବାଗୁଡାର ନରୀ ମାଣ୍ଡିଙ୍ଗି (୧୫,) ଶୀବାନା ଶିରିକା (୧୮)। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି। ବିଧାୟକ ପବିତ୍ର ସାଉଁନ୍ତା ପରିବାର ବର୍ଗକୁ ସମାବେଦନ ଜଣାଇଛନ୍ତି।

# ଡାହାଣୀ ସନ୍ଦେହରେ ନିର୍ଯାତନା ମାମଲା: ୬ ଦୋଷୀ ସାବ୍ୟସ୍ତ

■ **ବାରିପଦା, ୨୫।୯ (ସମିସ):** ବାରିପଦାର ସହକାରୀ ସେସନ୍ସ ଜଜ୍ କୋର୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି। ମୟୂରଭଞ୍ଜ ଜିଲ୍ଲା ସାନସାରସପୋଷି ଗାଁର ଡାହାଣୀ ଅଭିଯୋଗରେ ଅବୈଧ ଭାବେ ବନ୍ଦୀ ରଖି ନିର୍ଯାତନା ଦେଇଥିବା ମାମଲାରେ ବିଚାରପତି ଦେବାଶିଷ ମହାନ୍ତି ୬ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେବେ ସଂଶୋଧନକୁ ଗୁରୁତ୍ୱ ଦେଇ କୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ପ୍ରୋବେସନରେ ମୁକ୍ତ କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନେ ହେଲେ ଚାନ୍ଦୁଆ ଥାନା ଅଧୀନରେ ସାନସରସପୋସି ଗାଁର ଅମର କୁମାର ସିଂ (୬୯), କମଲ ସିଂ (୪୦), ସନାତନ ସିଂ (୫୦), ରାଜକିଶୋର ସିଂ(୪୫), ରାଜେନ୍ଦ୍ର ସିଂ (୪୦) ଏବଂ ରଙ୍ଗଲାଲ ସିଂ (୩୫)। ସୂଚନା ମୁତାବକ, ଅଭିଯୋଗକାରୀ ଶ୍ୟାମସୁନ୍ଦର ସିଂହଙ୍କ ପକ୍ଷରୁ ୨୦୨୧ ଫେବୃଆରୀ ୨୦ରେ ଏନେଇ ଏକ ମାମଲା ରୁଜୁ କରାଯାଇଥିଲା। ସେ ଅଭିଯୋଗ କରିଥିଲେ ଯେ ୨୦୨୦ ନଭେମ୍ବରରୁ ପ୍ରାୟ ତିନି ମାସ ପର୍ଯ୍ୟନ୍ତ ଅଭିଯୁକ୍ତମାନେ ତାଙ୍କୁ ଗାଁରେ ଜ୍ୱର ଏବଂ ଗୋରୁମାନଙ୍କ ମୃତ୍ୟୁ ପାଇଁ ଡାହାଣୀ ଅଭିଯୋଗ କରି ଏକ ତାଲାବନ୍ଦ କୋଠରୀରେ ବନ୍ଦୀ ରଖିଥିଲେ। ଏହି ସମୟରେ ତାଙ୍କୁ ନିୟମିତ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ଗରମ ଲୁହା ରଡ୍ ଦ୍ୱାରା ଚେଙ୍କ ମଧ୍ୟ ଦିଆଯାଇଥିଲା। ପ୍ରୋବେସନ୍ ଅଫିସରଙ୍କ ରିପୋର୍ଟରେ ଅଭିଯୁକ୍ତଙ୍କୁ ପ୍ରଥମ ଥର ଅପରାଧୀ ଏବଂ ସେମାନଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ବୋଲି ଉଲ୍ଲେଖ କରାଯାଇଥିବାରୁ ବିଚାରପତି ସେମାନଙ୍କୁ ପ୍ରୋବେସନ୍ ଅଫ୍ ଅଫେଣ୍ଡର୍ସ ଆକ୍ଟର ସୁବିଧା ପ୍ରଦାନ କରିଛନ୍ତି। ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କାର ବ୍ୟକ୍ତିଗତ ବଣ୍ଡ ଏବଂ ସମାନ ପରିମାଣର ଜଣେ ଜାମିନଦାର ସହ ମୁକ୍ତ କରାଯାଇଛି। ସେମାନେ ମୟୂରଭଞ୍ଜ ଜିଲ୍ଲା ପ୍ରୋବେସନ୍ ଅଫିସରଙ୍କ ତତ୍ତ୍ୱାବଧାନରେ ୨ ବର୍ଷ ରହିବେ। ପ୍ରୋବେସନ୍ ସର୍ତ୍ତ ଉଲ୍ଲଙ୍ଘନ ହେଲେ ତୁରନ୍ତ ଦଣ୍ଡ ଘୋଷଣା ହୋଇପାରେ। କୋର୍ଟ ପ୍ରତ୍ୟେକ ଅଭିଯୁକ୍ତଙ୍କୁ ଭୁକ୍ତଭୋଗୀ ଶ୍ୟାମସୁନ୍ଦର ସିଂହଙ୍କୁ ୨ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ବ୍ରଜେନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।

## ରାଜ୍ୟବ୍ୟାପୀ ପାର୍ବଣ ଉତ୍ସାହ

# ମନମାରି ବସିଛନ୍ତି ନିଗମ, ବୋର୍ଡ ଆଶାୟୀ

■ **ଭୁବନେଶ୍ୱର, ୨୫।୯ (ସମିସ):** ଗତ ୧୫ ମାସ ମଧ୍ୟରେ ବିଜେପି ରାଜ୍ୟ ନେତୃତ୍ୱଙ୍କ ଏକାଧିକ ପ୍ରୟାସ , ଘନ ଘନ ଦିଲ୍ଲୀ ଗସ୍ତ ସତ୍ତ୍ୱେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରୁ ନାହିଁ। କାହିଁକି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରୁ ନାହିଁ ଓ ନିଗମ ନିଯୁକ୍ତି କାହିଁକି ଅଟକିଛି? ଏହାର ଉତ୍ତର କେହି ଦେବାକୁ ସକ୍ଷମ ନୁହନ୍ତି। ଦୀର୍ଘଦିନ ଧରି ଅପେକ୍ଷାରେ ଥିବା କ୍ଷମତା ଆଶାୟୀଙ୍କର ଧୈର୍ଯ୍ୟଚ୍ୟୁତି ଘଟିଲାଣି। ପାର୍ବଣକୁ ନେଇ ରାଜ୍ୟରେ ଏକ ପ୍ରକାର ଉତ୍ସବର ମାହୋଲ ଥିବାବେଳେ ମନ୍ତ୍ରୀ, ନିଗମ, ବୋର୍ଡ ଆଶାୟୀମାନେ ମନମାରି ବସିଛନ୍ତି। ପୂଜାକୁ ନେଇ ସେମାନଙ୍କ ମଧ୍ୟରେ ସରାଗ ନାହିଁ।

ନିଗମ ଏବଂ ବୋର୍ଡରେ ନିଯୁକ୍ତି ପାଇଁ ଗଲା ବର୍ଷଟିଏ ଧରି ଦଳର ନେତାମାନେ ଉଦ୍ୟମ କରି ଆସୁଛନ୍ତି। ନିଜ ନିଜ ନେତାଙ୍କ ପାଖରେ ଶରଣ ପଶିବା ସହ ଏଥିପାଇଁ ପୁଳାଏ ଅର୍ଥ ମଧ୍ୟ ସାରିଲେଣି। ହେଲେ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ପରି, ନିଯୁକ୍ତି ପ୍ରକ୍ରିୟା ଅହେତୁକ ବିଳମ୍ବ ହେବାରେ ଲାଗିଛି। ନିଯୁକ୍ତି ପ୍ରକ୍ରିୟା କେଉଁଠି ଏବଂ କାହା ପାଇଁ ଓ କେଉଁ କାରଣ ପାଇଁ ଅଟକିଛି, ସେନେଇ ଦଳର ଶୀର୍ଷ ନେତୃତ୍ୱ ଆଶାୟୀଙ୍କୁ କିଛି ଜଣାଉନାହାନ୍ତି। କେବଳ ସମୟ ଆସିଲେ ନିଯୁକ୍ତି ପ୍ରକ୍ରିୟାକୁ କାର୍ଯ୍ୟାନ୍ୱୟନ କରାଯିବ ବୋଲି ଅଭୟବାଣୀ ଶୁଣାଉଛନ୍ତି। ଯାହାକୁ ନେଇ ଆଶାୟୀ ସମ୍ପୂର୍ଣ୍ଣ ନିରାଶ ହୋଇ ପଡ଼ିଲେଣି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଆଶାୟୀ କହିଛନ୍ତି ଯେ ବାରମ୍ବାର ଆମକୁ ଦଳୀୟ ନେତୃତ୍ୱଙ୍କ ନିକଟରୁ କେବଳ ପ୍ରତିଶ୍ରୁତି ମିଳୁଛି।

### ଆଶାୟୀଙ୍କ କ୍ଷୋଭ: ଶାସନକୁ ଆସି ଲାଭ କଣ

ସଂଗଠନ ବୃଦ୍ଧି ପାଇଁ କାମ କରିବାକୁ କୁହାଯାଉଛି। କେତେଦିନ ଏମିତି ହାତରୁ ଟଙ୍କା ଖର୍ଚ୍ଚ କରି, ନିଜର ସମୟ ସାରି ସଂଗଠନ ପାଇଁ ଦୌଡୁଥିବୁ। ଦୁର୍ଗାପୂଜା ପୂର୍ବରୁ କିଛି ନିଗମ ଓ ବୋର୍ଡରେ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। ମାତ୍ର ବର୍ତ୍ତମାନର ସ୍ଥିତିକୁ ଦେଖିଲେ ସେମିତି କିଛି ଜଣାପଡୁନାହିଁ। ରାଜ୍ୟରେ ଆମ ସରକାର ଆସି ଲାଭ କଣ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏପଟେ ଦଳୀୟ ନେତାଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦୁର୍ଗାପୂଜା ପରେ ପରେ ନିଗମ, ବୋର୍ଡକୁ ନେଇ କିଛି ନିଷ୍ପତ୍ତି ନିଆଯାଇପାରେ। ଏଥିପାଇଁ ଆଶାୟୀମାନେ ଧୈର୍ଯ୍ୟ ଧରି ରହିବା ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଅପରପକ୍ଷେ ଚଳିତ ମାସ ଶେଷ ଆଡ଼କୁ ରାଜ୍ୟ ବିଜେପି ରାଜନୀତି ଏବଂ ସରକାର ସ୍ତରରେ ଅନେକ ଗୁଡ଼ିଏ ଘଟଣା ଘଟିପାରେ ବୋଲି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ ସିଂ ତୋମାର ପୂର୍ବରୁ ସଙ୍କେତ ଦେଇଥିଲେ। ସେହି ଅନେକ ଘଟଣା କଣ, ତାହାକୁ ଜାଣିବା ପାଇଁ ଦଳର କର୍ମୀ ମହଲରେ ଉତ୍ସୁକତା ବଢ଼ିବାରେ ଲାଗିଛି।

## ଛାତ୍ରଙ୍କୁ ମାଡ଼ ଘଟଣାକୁ ନେଇ ଅଭିଭାବକଙ୍କ ବୈଠକ

# ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ବିଦ୍ୟାଳୟରେ ତାଲା

କାକିରିଗୁମା,୨୫।୯(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ପଞ୍ଚଡା ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଅଷ୍ଟମ ଶ୍ରେଣୀର ଛାତ୍ର ଅଭିଳାଷ ସାଉଁନ୍ତାଙ୍କୁ ମଙ୍ଗଳବାର ସଂଧ୍ୟାରେ ହାତ ଗୋଡ଼ ବାନ୍ଧି ଚାରିଜଣ ସହପାଠୀ ମାଡ଼ ମାରିବା ଘଟଣା ସମ୍ପର୍କରେ ଲଛମଣି ଗ୍ରାମବାସୀ ଓ ଅଭିଭାବକ ମାନେ ଗୁରୁବାର କାକିରିଗୁମ୍ମା ଡାକ ବଙ୍ଗଳାରେ ଏକ ବୈଠକ କରିଛନ୍ତି। ଘଟଣା ଘଟିବାର ୪ ଦିନ ବିତି ଗଲାଣି, ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତ୍ୱ ହେଲା ପରେ ପରିବାର ବର୍ଗ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରୁଥିବାବେଳେ ପ୍ରଧାନ ଶିକ୍ଷକ କିମ୍ବା କୌଣସି ଜଣେ ହେଲେ ଶିକ୍ଷକ ଚିକିତ୍ସାଳୟରେ ଉପସ୍ଥିତ ହୋଇନଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଳାଷଙ୍କ ପରିବାର ଗରିବ ହୋଇଥିଲେ ମଧ୍ୟ ପୁଅର ଚିକିତ୍ସା ପାଇଁ ଟଙ୍କା ଯୋଗାଡ କରି ଚିକିତ୍ସା କରିଥିଲେ। ହଷ୍ଟେଲ ଛାତ୍ରମାନଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ କିମ୍ବା କିଛି ଅଘଟଣ ଘଟିଲେ ହଷ୍ଟେଲ ଅନୁଦାନରୁ ଖର୍ଚ୍ଚ କରିବା ପାଇଁ ସରକାର ନିର୍ଦ୍ଦେଶ ରହିଛି। ସରକାରଙ୍କ ଅନେକ ଯୋଜନା ଥିବା ପରେ ମଧ ହଷ୍ଟେଲରେ ଅଘଟଣ ଘଟିଥିବା ଛାତ୍ରଙ୍କୁ ଚିକିତ୍ସାରେ ଅନୁଦାନ ଯୋଗାଇବାରେ ପଛଘୁଞ୍ଚା କାହିଁକି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଅଭିଳାଷଙ୍କ ପରିବାର ବର୍ଗ ଘଟଣାକୁ ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କରିଥିବା ଜାଣି ବା ପରେ ପ୍ରଧାନ ଶିକ୍ଷକ ଛାତ୍ରଙ୍କୁ ସ୍ୱାସ୍ଥ୍ୟବସ୍ଥାକୁ ଗୁରୁତ୍ୱ ନଦେଇ ଅଭିଯୋଗ ପତ୍ର ପ୍ରତିହାର କରିବା ପାଇଁ ପରିବାର ଲୋକଙ୍କୁ ଲାଳସା ଦେଖାଉଛନ୍ତି ବୋଲି ଅଭିଭାବକମାନେ ପ୍ରକାଶ କରୁଛନ୍ତି। ଥାନାରେ ଅଭିଯୋଗ ପରେ ପ୍ରଧାନ ଶିକ୍ଷକ ଭୟ କରୁଛନ୍ତି କାହିଁକି ବୋଲି ପ୍ରଶ୍ନ ଉଠିଛି। ଏକ ବର୍ଷ ମଧ୍ୟରେ ବାରମ୍ବାର ବାରମ୍ବାର ଅନେକ ଗଣ୍ଡଗୋଳ ହୋଇଛି। ବିଭାଗୀୟ ଅଧିକାରୀ ଗୁରୁତ୍ୱ ନେଉନଥିବା ଯୋଗୁଁ ପ୍ରଧାନ ଶିକ୍ଷକ ନିଜ କାର୍ଯ୍ୟ ରେ ଗୁରୁତ୍ୱ ଦେଉନାହାନ୍ତି। ଗଣ୍ଡଗୋଳ ହେଇଥିବା ଛାତ୍ର ମାନଙ୍କୁ ଟିସି ପ୍ରଦାନ କରି ଦେଉଛନ୍ତି। ଯାହା ଦ୍ୱାରା ଛାତ୍ର ଭବିଷ୍ୟତ ନଷ୍ଟ ହେଉଛି ବୋଲି ଅଭିଭାବକମାନେ ଅଭିଯୋଗ କରୁଛନ୍ତି। ପୂର୍ବରୁ ଦିଆସିଲି ଗ୍ରାମର ଅନେକ ଗ୍ରାମରେ ଅନେକ ଛାତ୍ରଙ୍କୁ ଟିସି ପ୍ରଦାନ କରି ନିଜର ଦାୟିତ୍ୱରେ ସାରି ଦେଇଛନ୍ତି। ନିରୀହ ଆଦିବାସୀ ଛାତ୍ରଙ୍କ ଭବିଷ୍ୟତ ନଷ୍ଟ ହେଉଛି। ଏହାପରେ ବିଭାଗୀୟ ଅଧିକାରୀ ମାନେ ଟିସି ପ୍ରଦାନ କରିଥିବା ଛାତ୍ରଙ୍କୁ ଭବିଷ୍ୟତ କଥା ଚିନ୍ତାକରି ନାହାଁନ୍ତି। ଘଟଣା ସମ୍ପର୍କରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅବଗତ ଥିଲେ ମଧ୍ୟ କାହିଁକି ଏବଂ କାହା ଚାପରେ ପ୍ରଧାନ ଶିକ୍ଷକଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭୟ କରୁଛନ୍ତି ବୋଲି ଅଭିଭାବକମାନେ ଚର୍ଚ୍ଚା କରୁଛନ୍ତି। ଯଦି ଏହି ଅଘଟଣରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ଦଶହରା ଛୁଟି ସରିବା ପରେ ବିଦ୍ୟାଳୟ ଫାଟ ରେ ତାଲା ପକାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।



## ଦୀନଦୟାଲ୍ ଉପାଧ୍ୟାୟଙ୍କ ଜୟନ୍ତୀ



ଗୁଣୁପୁର,୨୫।୯(ସମିସ): ଭାରତୀୟ ଜନତା ପାର୍ଟି ପକ୍ଷରୁ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ସ୍ୱର୍ଗତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତା ସ୍ୱଦେଶୀ ଆନ୍ଦୋଳନରେ ସାମିଲ ହେବା ପାଇଁ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନର ଜିଲ୍ଲା ସଂଯୋଜକ ୱାଇ.ଗଣପତି, ମଣ୍ଡଳ ସଂଯୋଜକ ଶ୍ରୀନିବାସ ସ୍ୱାଇଁ, ସହ ସଂଯୋଜକ କିରଣ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା। ଏଥିରେ ଉପସ୍ଥିତ ଥିଲେ ଭଗବାନ ଚୌଧୁରୀ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ନୀଳମାଧବ ପାଢ଼ୀ, ରାଜେନ୍ଦ୍ର ନାୟକ, ଜଗଦୀଶ ପାତ୍ର, ହିମକାନ୍ତ ମହାପାତ୍ର, ଈଶ୍ୱର ଗମାଙ୍ଗ, ପ୍ରଦୀପ ପାଢ଼ୀ, ନୀଳକଣ୍ଠ ମହାପାତ୍ର, ବାଲାଜୀ ପାଣିଗ୍ରାହୀ, ସଂଗ୍ରାମ ସାହୁ, ପିଙ୍କି ମହାପାତ୍ର, କୁନା ପଣ୍ଡା, ଲାଡି ଭେଙ୍କଟ ରାଓ, ମନୋ ରଞ୍ଜନ୍ ପାଢ଼ୀ ଓ ନରେନ୍ଦ୍ର ନିମାଲପୁରୀ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା।

## ଗାଡ଼େ ତୋଇକା ପାଇବେ ଅନ୍ତ୍ୟୋଦୟ ଗୃହ

ରାୟଗଡ଼ା,୨୫।୯(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍ କାଟିକଣା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାର୍ତିକୁପା ଗ୍ରାମର ଗରିବ ବିଧବା ମହିଳା ଗାଡେ ତୋଇକାଙ୍କୁ ଆସନ୍ତା ୨୭ ତାରିଖରେ ଝାରସୁଗୁଡା ଠାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତ୍ୟୋଦୟ ଗୃହ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଗୃହ କାର୍ଯ୍ୟାଦେଶ ମିଳିବ। ଦୀର୍ଘ ଦିନ ଧରି ଗରିବ ବିଧବା ମହିଳା ଗାଡେ ତୋଇକା (୪୦) ନିଜ ଦୁଇ ଝିଅ ଅବନ୍ତି (୧୩) ଓ ଯଶୋଦା (୧୨)ଙ୍କୁ ନେଇ ବଡ଼କଷ୍ଟରେ ମାଟିକାନ୍ଥ, ଟିଣ ଘରେ ରହି ଆସୁଛନ୍ତି। ତାଙ୍କ ସ୍ୱାମୀ ଗିରିଶା ତୋଇକାଙ୍କ ଗତ ୨୦୨୪ ମସିହା ମାର୍ଚ୍ଚ ୩୦ ତାରିଖରେ ମୃତ୍ୟୁ ହୋଇଥିବା ବେଳେ ଗାଡେ କୁଲି ମଜୁରୀ କରି ଯାହା ଅର୍ଥ ପାଉଛନ୍ତି, ସେଥିରେ ସେ ନିଜ ପରିବାର ପୋଷି ଆସୁଛନ୍ତି। ଗାଡେଙ୍କ ସମେତ ଜିଲ୍ଲାର ବିଭିନ୍ନ ବ୍ଲକରୁ ୭ଜଣ ହିତାଧିକାରୀ ଏହି କାର୍ଯ୍ୟାଦେଶ ପାଇବାକୁ ଚୟନ ହୋଇଛନ୍ତି।

## ଦୁଇଟି ନୂଆ ରୁଟ୍‌ରେ ଚାଲିବ ମୁଖ୍ୟମନ୍ତ୍ରୀ ବସ୍

ନନ୍ଦପୁର,୨୫।୯(ସମିସ): ନନ୍ଦପୁର ବ୍ଲକବାସୀଙ୍କ ପାଇଁ ଖୁସି ଖବର। ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ମାଧ୍ୟମରେ ନନ୍ଦପୁର ଉପାନ୍ତ ଚାଟୁଆ ଠାରୁ ଜୟପୁର ଏବଂ ଜଲାପୁଟ ଠାରୁ କୋରାପୁଟ ଭାୟା ନନ୍ଦପୁର ଦେଇ ଚଳାଚଳ କରିବ ଦୁଇଟି ନୂଆ ବସ୍। ଏହି ଦୁଇ ରୁଟରେ ମୁଖ୍ୟମନ୍ତ୍ରୀ ବସ ସେବା ଚଳାଚଳ ନେଇ ଘୋଷଣା ହୋଇଥିବା ନେଇ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା ସୂଚନା ଦେଇଛନ୍ତି। ନନ୍ଦପୁର ବ୍ଲକ୍ ବାସୀଙ୍କ ପାଇଁ ଏହା ଏକ ଅତ୍ୟନ୍ତ ଖୁସି ଖବର ହୋଇଛି। ପୁରାତନ ଚାଟୁଆ ଜୟପୁର ପୁରୁଣା ରୁଟରେ ବସ ଚଳାଚଳ ସାଧାରଣ ଯାତ୍ରୀଙ୍କ ସହାୟକ ହେବ ବୋଲି ଆଲୋଚନା ହେଉଛି। ତେବେ କେବେ ଠାରୁ ବସ ଚାଲିବ ସେ ନେଇ କିଛି ସୂଚନା ନାହିଁ। ହେଲେ ଖୁବ୍ ଶୀଘ୍ର ଏହି ରୁଟ ର ବସ ଗଡିବ ବୋଲି ସେ କହିଛନ୍ତି। ଏହି ବିଜ୍ଞପ୍ତି ଆସିବା ପରେ ଉପାନ୍ତ ଅଞ୍ଚଳବାସୀ ଆଶ୍ୱସ୍ତି ମନେ କରୁଛନ୍ତି। ଏହି ପଦକ୍ଷେପ ଦୁର୍ଗମ ଅଞ୍ଚଳ ବାସୀ ଙ୍କୁ ସମାଜର ମୁଖ୍ୟ ସ୍ରୋତ ସହ ଯୋଡ଼ିବାରେ ସହାୟକ ହେବ ବୋଲି ସାଧାରଣ ଓ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ହୋଇଛି। ତେବେ ସେପଟେ ଅତଣ୍ଡା ଗ୍ରାମ ପଞ୍ଚାୟତକୁ କେବେ ମୁଖ୍ୟମନ୍ତ୍ରୀ ବସ ସେବା ଆରମ୍ଭ ହେବ ବୋଲି ଅଞ୍ଚଳ ବାସୀ ପ୍ରଶ୍ନ କରିଛନ୍ତି। ଦାବି ପରେ ଦାବି କରି ନୟାନ୍ତ ହୋଇ ଥିବା ଅତଣ୍ଡା ଗ୍ରାମ ପଞ୍ଚାୟତବାସୀଙ୍କ ସମସ୍ୟାକୁ ଅଣଦେଖା କରାଯାଇଥିବା ନେଇ ମଧ୍ୟ ପଞ୍ଚାୟତବାସୀଅଭିଯୋଗ କରିଛନ୍ତି।

## ଗଣଧାରଣାକୁ ସମର୍ଥନ କଲା ବିଜେଡି

ବୈପାରୀଗୁଡ଼ା,୨୫।୯ (ସମିସ ): ମିଶନ ଶକ୍ତି ସିଏସଏସ ସଂଘର ଗଣ ଧାରଣାକୁ ସମର୍ଥନ କଲା ବୈପାରୀଗୁଡା ବିଜୁ ଜନତା ଦଳ। ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ୭ ଦଫା ଦାବି ନେଇ ଗତ ଚାରି ଦିନ ହେବ ସିଏସଏସ ସଂଘର ଆନ୍ଦୋଳନ ଜାରି ରହିଛି। ଗୁରୁବାର ପୂର୍ବତନ କୋରାପୁଟ ବିଧାୟକ ରଘୁରାମ ପୋଡାଲଙ୍କ ସମେତ ବ୍ଲକ ବିଜୁ ଜନତା ଦଳ କର୍ମକର୍ତ୍ତା ଧାରଣା ସ୍ଥଳରେ ପହଞ୍ଚିଥିଲେ। ମିଶନ ଶକ୍ତି ସିଏସଏସ ସଙ୍ଘ ଗଣ ଧାରଣାକୁ ସମର୍ଥନ ଦେଇଥିଲେ। ଆନ୍ଦାଳନକାରୀଙ୍କୁ ପାଣି ଓ ବିସ୍କୁଟ ପ୍ରଦାନ କରିଥିଲେ। ଆନ୍ଦୋଳନକାରୀଙ୍କ ଦାବିକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଏବଂ ଯଦି ରାଜ୍ୟ ସରକାର ଦାବି ପୂରଣ ନ କରେ ତେବେ ଆଗାମୀ ଦିନରେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି ପୂର୍ବତନ ବିଧାୟକ ରଘୁରାମ ପୋଡାଲ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନ ପ୍ରତିନିଧି ସମତ ବୈପାରୀଗୁଡା ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜାତୀୟ ସ୍ତରରେ ପ୍ରଦର୍ଶିତ ହେବ ନବୋଦୟ ବିଦ୍ୟାଳୟ ବିଜ୍ଞାନ ପ୍ରକଳ୍ପ

ତେନ୍ତୁଳିଖୁଣ୍ଟି,୨୫।୯(ସମିସ): ନବରଙ୍ଗପୁର ଜିଲ୍ଲା ଖାତିଗୁଡା ସ୍ଥିତ ପିଏମ୍ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ସ୍ମାର୍ଟ ଟ୍ରାଫିକ୍ ଅପ୍ଟିମାଇଜେସନ୍ ପ୍ରକଳ୍ପ ଜାତୀୟ ସ୍ତରରେ ପ୍ରଦର୍ଶନ ପାଇଁ ଚୟନ ହୋଇଛି। ଜାତୀୟ ସ୍ତରର ଶିକ୍ଷାଗତ ଅନୁସନ୍ଧାନ ଏବଂ ପ୍ରଶିକ୍ଷଣର ପରିଷଦ ପାଇଁ ଖାତିଗୁଡା ନବୋଦୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ଏହି ପ୍ରକଳ୍ପ ୫୨ତମ ବାଲ୍ ବିଜ୍ଞାନ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଛି। କମ୍ପ୍ୟୁଟର ବିଜ୍ଞାନ ଅଧ୍ୟାପକ ୱେଇ ପି ସିଂ ଏବଂ ଗଣିତ ବିଜ୍ଞାନ ଅଧ୍ୟାପିକା ମେହେକ ମେହେଲା ଏବଂ ବିଜ୍ଞାନ ଅଧ୍ୟାପକ ଏସ ଏସ ଭୋରାଙ୍କ ନେତୃତ୍ୱରେ ଦଶମ ଶ୍ରେଣୀ ଛାତ୍ର ପିୟୁଷ ରୋଏ, ଓଁ ସରକାର, ସ୍ୱାଗତ ପଣ୍ଡା, ଯଶମନ୍ତ ନାଗ ପ୍ରମୁଖ ସହରାଞ୍ଚଳ ରେ ସୁପରିକଳ୍ପିତ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ଏହି ପ୍ରକଳ୍ପ ମଡେଲ ପ୍ରସ୍ତୁତ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ଉଲ୍ଲେଖନୀୟ ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ତଥା ନବରଙ୍ଗପୁର ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ବିଦ୍ୟାଳୟ ଅଧ୍ୟକ୍ଷ ଡ଼ ପୀତବାସ ପ୍ରହରାଜଙ୍କ ସମେତ ବିଦ୍ୟାଳୟ ପରିଚାଳନା ସମିତି ଏବଂ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଖୁସି ବ୍ୟକ୍ତ କରିଛନ୍ତି। ନବୋଦୟ ବିଦ୍ୟାଳୟପ୍ରତିଭା ପ୍ରତିଦ୍ୱନ୍ଦ୍ୱୀଙ୍କୁ ଏହି ପ୍ରକଳ୍ପ ପ୍ରଦର୍ଶନୀ ଲୋକଲୋଚନ ଆଣିବ ବୋଲି କହିଛନ୍ତି ଅଧ୍ୟକ୍ଷ ଡ. ପ୍ରହରାଜ।

## ସାଂସଦଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ




ମାଲକାନଗିରି, ୨୫।୯(ସମିସ): ମାଲକାନଗିରି ଜିଲ୍ଲା ଗସ୍ତରେ ଆସିଥିବା ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଆଜି ଜିଲ୍ଲା ସଦରରେ ଥିବା ମୁଖ୍ୟ ଚିକିତ୍ସାଳୟକୁ ଗସ୍ତ କରି ସେଠାରେ ବିଭିନ୍ନ ସମୀକ୍ଷା କରିଛନ୍ତି। ଶ୍ରୀ ମାଝି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ରୋଗୀ ଓ ଲୋକଙ୍କ ସହ ସ୍ୱାସ୍ଥ୍ୟ ସେବାକୁ ନେଇ ଆଲୋଚନା କରିଥିଲେ। ପରେ ପରେ ସେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ସମସ୍ୟା ରହିଥିବା ତାଙ୍କ ନଜରକୁ ଆସିଥିବା ବେଳେ ବିଶେଷ କରି ଗତ କିଛିଦିନ ସେଠାରେ ଲିଫ୍ଟ ଅକାମି ହୋଇ ରହିବା, ପାଣିର ସମସ୍ୟା ଓ ଏହାର ରକ୍ଷଣା ବ୍ୟକ୍ଷଣାର ସମସ୍ୟାକୁ ନେଇ ସେ ଆଲୋଚନା କରିଥିଲେ। ତେବେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜବନ୍ଧୁ ଦାସଙ୍କ ସହ ଏନେଇ ସେ ଆଲୋଚନା କରିଥିବା ବେଳେ ସମସ୍ତ ସମସ୍ୟା ବିଷୟରେ ଲିଖିତ ଆକାରରେ ଦେବା ପାଇଁ ସାଂସଦ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କର ଏହି ଗସ୍ତ ସମୟରେ ଜିଲ୍ଲା ବିଜେପି ସଭାପତି ଅଶୋକ ପରିଡା, ମାଲକାନଗିରି ପୌର ପରିଷଦର ସାଂସଦ ପ୍ରତିନିଧି ବିଜୟ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ସାଇକଲ ଶୋଭାଯାତ୍ରା କରି ସଚେତନତା



ଜୟପୁର,୨୫।୯(ସମିସ): ଜୟପୁର ପୌରସଂସ୍ଥା ପକ୍ଷରୁ ସାଇକଲ ଶୋଭାଯାତ୍ରା କରି ଲୋକଙ୍କ ସଫେଇ ନେଇ ସଚେତନତା କରାଯାଇଛି। ଏଥିରେ ସହରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ସଂସ୍ଥାର ଯୁବକ ଯୁବତୀ ମାନେ ଯୋଗ ଦେଇଥିଲେ। ସ୍ଥାନୀୟ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଖେଳପଡିଆଠାରୁ ଏହି ସାଇକଲ ଶୋଭାଯାତ୍ରା ଶୁଭାରମ୍ଭ ହୋଇ ସହର ପରିକ୍ରମା ସହ ରାଜାନହର ଦେଇ ପୁଣି କଲେଜ ପଡିଆରେ ପହଞ୍ଚିଥିଲା। ଏଥିରେ ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ତଥା ଉପ ଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି, ବିକ୍ରମଦେବ ବିଶ୍ୱବିଦ୍ୟାଳୟର କୁଳଚିବ ମହେଶ୍ୱର ଚନ୍ଦ୍ର ନାୟକ, ତହସିଲଦାର ସବ୍ୟସାଚୀ ଜେନା, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷା ବି. ସୁନିତା, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ ପ୍ରମୁଖ ଉପସ୍ଥିତ ରହ ଶୁଭ ଉଦ୍‌ଘାଟନ କରିବା ସହ ୫ଜଣ ସାଇକଲ ମାଧ୍ୟମରେ ପ୍ରଥମେ ପହଞ୍ଚିଥିବା ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀ ମାନେ ସ୍ଥାନୀୟ ସିଟି ଉଚ୍ଚବିଦ୍ୟାଳୟର ରହିଛନ୍ତି। ଏହି ଅବସରରେ ଗତକାଲି ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ମାନଙ୍କୁ ନେଇ ହୋଇଥିବା ଏକ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ଆଜିର ଏହି ମଞ୍ଚରେ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପୌରପାଳିକାର ସମସ୍ତ କାଉନସିଲର, କର୍ମଚାରୀ ପୁଲିସ କର୍ମଚାରୀ, ସହରର ବୁଦ୍ଧିଜୀବୀ ଓ ବ୍ୟବସାୟୀ ମାନେ ଉପସ୍ଥିତ ଥିଲେ।

## ଜାତୀୟ ସେବା ଯୋଜନା ଦିବସ

ସୁନାବେଡ଼ା,୨୫।୯(ସମିସ): ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଠାରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ମନୋରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷା ଉଷାରାଣୀ ଦାଶ ଏ ନେଇ ବକ୍ତବ୍ୟ ରଖିଥିଲେ। ପ୍ରୋଗ୍ରାମ ଅଫିସର ସରିତା ପରିଡ଼ା ସଭାକାର୍ଯ୍ୟ ପରିଚାଳନା କରିବା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏନ୍‌ଏସ୍‌ଏସ୍‌ର ଏକ ସ୍ମୃତି ପତ୍ରିକା "ସେବା ଯାତ୍ରା, କ୍ୟାମ୍ପସ୍‌ଠୁ କମ୍ୟୁନିଟୀ"ର ଉଦ୍‌ଘାଟନ ଅତିଥି ମାନଙ୍କ ଦ୍ୱାରା କରାଯାଇଥିଲା। ଶେଷରେ ସ୍ୱେଚ୍ଛାସେବୀ ସୁଶ୍ରୀ ସରୋଜିନୀ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ଦୋଳନ ସ୍ଥଳରେ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ

କୋରାପୁଟ,୨୫।୯(ସମିସ): ଗୁରୁବାର ପୂର୍ବାହ୍ନରେ କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଆନ୍ଦୋଳନରତ ମିଶନ ଶକ୍ତି କର୍ମଚାରୀ ମାନଙ୍କୁ ଭେଟି ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ରାଜ୍ୟ ସରକାର ନିଜ ନିଷ୍ପତି ପ୍ରତ୍ୟାହାର କରି ପୂର୍ବ ସରକାରଙ୍କ ବ୍ୟବସ୍ଥା କାର୍ଯ୍ୟକାରି କରିବାକୁ ଦାବି କରିଛନ୍ତି। ଶ୍ରୀ ପଡ଼ାଲ ଧାରଣାରତ କର୍ମଚାରୀଙ୍କୁ ବିସ୍କୁଟ ବଣ୍ଟନ କରିଥିଲେ। ପୂର୍ବତନ ବିଧାୟକ ଶ୍ରୀ ପଡ଼ାଲଙ୍କ ସହ ବ୍ଲକ ବିଜେଡି ସଭାପତି ମଣ୍ଟୁ ବେନିଆ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ସରକାର ମହିଳା ସଶକ୍ତିକରଣ ପାଇଁ ଗୁରୁତ୍ୱ ଦେଉଥିବା ବେଳେ ଆମ କାମ ସରିଗଲାରୁ ଏବେ ରାଜରାସ୍ତାକୁ ଫୋପାଡି ଦେଇଥିବା ଅଭିଯୋଗ କରିଛନ୍ତି କୋରାପୁଟ ବ୍ଲକ୍ ସଭାନେତ୍ରୀ ସିପ୍ରା ରାଉତ୍ ଏବଂ ସମ୍ପାଦୀକା ମିନା ଖରା। ସରକାରଙ୍କ ନିକଟରେ ସପୋର୍ଟ ଷ୍ଟାଫ୍ ସଦସ୍ୟ ନିବେଦନ କରିଛନ୍ତି ଦାବି ଗୁଡିକ ଉପରେ ଗୁରୁତ୍ୱ ଦେଇ ପୂରଣ କରିବାକୁ ସ୍ଥାୟୀ ବ୍ୟବସ୍ଥା କରନ୍ତୁ। ସରକାରଙ୍କ ଆଗକୁ ବହୁ ଯୋଜନା ରହିଛି ଯାହାର ଟାର୍ଗେଟ ପୁରଣ ପାଇଁ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ସହଯୋଗ ଆବଶ୍ୟକ ପଡ଼ିବ। ରାଜ୍ୟ ସରକାର ତୁରନ୍ତ ଉକ୍ତ ଦାବି ଗୁଡ଼ିକ ଗୁରୁତର ଭାବରେ ନେଇ ବକେୟା ଦରମା ପ୍ରଦାନ କରିବା ସହ ସ୍ଥାୟୀ ସମାଧାନ କରିବାକୁ ନିବେଦନ କରିଛନ୍ତି।



## ମିଶନ ଶକ୍ତି କାର୍ଯ୍ୟାଳୟର ତାଲା ଭଙ୍ଗା ଘଟଣାର ପର୍ଦାଫାଶ

ନନ୍ଦପୁର, ୨୫।୯ (ସମିସ): ଗୁରୁବାର ଓଡ଼ିଶା ଜୀବିକା ମିଶନର ସିଆର୍‌ପି ଏମ୍‌ବିକେ ମାନେ ଧାରଣା ସ୍ଥଳକୁ ଆସିଥିବା ବେଳେ ନନ୍ଦପୁର ବ୍ଲକ୍‌ର ବିଏଲସି ବିଚିତ୍ର କୁମାର ରାଉତ ମିଶନ ଶକ୍ତି କାର୍ଯ୍ୟାଳୟର ତାଲା ଭାଙ୍ଗି ଲେପ୍ ଟପ୍ ନେଇ ଯାଇଥିବା ଅଭିଯୋଗ ହୋଇଥିଲା। ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିବାପରେ ବିଏଲସି ଶ୍ରୀ ରାଉତଙ୍କୁ ଡକାଇ ଜିପିଏଲ ଏଫ୍ କର୍ମୀ ସଂଘ ସହ ଆଲୋଚନା ହୋଇଥିଲା। ଏହି ଘଟଣା ନେଇ ବି ଏଲ ସି ଶ୍ରୀ ରାଉତ ଦୁଃଖ ପ୍ରକାଶ କରିଥିବା ଜଣାପଡ଼ିଛି। ଏଭଳି ଘଟଣା ଯେମିତି ପୁନର୍ବାର ନ ହୁଏ ସେଥିପାଇଁ ଧ୍ୟାନ ଦେବାକୁ ତାଗିଦ କରିଛନ୍ତି ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା।

## ଯୁବ ଶିକ୍ଷକଙ୍କ ଅକାଳ ବିୟୋଗ

ବୈପାରିଗୁଡା, ୨୫।୯(ସମିସ): ବୈପାରୀଗୁଡା ବ୍ଲକ ମହୁଲି ପଞ୍ଚାୟତ ଅନ୍ତର୍ଗତ ଗୁଞ୍ଜି ପ୍ରାଥମିକ ବିଦ୍ୟାଳର ଶିକ୍ଷକ ଭାସ୍କର ବେରୁକୁଙ୍କ ଅକାଳ ବିୟୋଗ ଘଟିଛି। ବ୍ରହ୍ମପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଗତ ଦୁଇ ଦିନ ତଳେ ହଠାତ୍ ସେ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ପ୍ରଥମେ ଜୟପୁର ଜିଲ୍ଲା ହସପିଟାଲରେ ଭର୍ତି ହୋଇଥିଲେ। ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ ହୋଇଥିଲେ। ସେଠାରେ ମଧ୍ୟ କିଛି ସୁଫଳ ନମିଳିବାରୁ ବ୍ରହ୍ମପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। କିନ୍ତୁ ଆଜି ଭୋର ୪ଟା ବେଳେ ଚିକିତ୍ସାଧିନ ଅବସ୍ଥାରେ ଡ଼ାକ୍ତର ତାଙ୍କୁ ମୃତ୍ୟୁ ଘଟିଛି। ଭାସ୍କର ବେରୁକୁଙ୍କ ନିଜ ଗାଁ ବୈପାରିଗୁଡା ବ୍ଲକ କୋଲାର ପଞ୍ଚାୟତର କରାପୁଟରେ ଶେଷକୃତ ସମ୍ପନ୍ନ ହୋଇଛି। ତାଙ୍କ ପରଲୋକରେ ବୈପାରିଗୁଡା ବ୍ଲକ ତଥା ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି।



## ଆନ୍ଦୋଳନକୁ ବିଜେଡିର ସମର୍ଥନ

ଲମତାପୁଟ,୨୫।୯ (ସମିସ): ଆଜି ଲମତାପୁଟ ବ୍ଲକର ୬ ଗୋଟି କ୍ୟାଡ଼ର ମହିଳା ମାନେ ଗୀତ ମାଧ୍ୟମରେ ସରକାରଙ୍କୁ ନିଜର ଗୁହାରି ଜଣାଇଛନ୍ତି। ଆଜି ଚତୁର୍ଥ ଦିନରେ ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର, ସହ ସିଆରପି, ଏମବିକେ ମାନେ ପୂର୍ବତନ ବିଜେଡି ବିଧାୟକ ରଘୁରାମ ପଡାଲ, ଲମତାପୁଟ କଂଗ୍ରେସ ସଭାପତି କୃପା ମୁଦୁଲି ଲମତାପୁଟ ବିଜେଡି ସଭାପତି ସୁନାଧର ଅଡାରିଙ୍କୁ ଦାବିପତ୍ର ଗୀତ ମାଧ୍ୟମରେ ଦେଇଥିଲେ। ଏ ବିଷୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କୁ ଜଣାଇବା ସହ ବିଜେଡି ସର୍ବଦା ନାରୀଙ୍କୁ ସମ୍ମାନ ଦେଇ ଆସିଛି, ରାଜ୍ୟ ସରକାର ନ ଶୁଣିଲେ ବିଜେଡି ରାଜରାସ୍ତା ସହ ଅନ୍ୟ ସ୍ଥାନରେ ଆନ୍ଦୋଳନ କରିବ ବୋଲି ଶ୍ରୀ ପଡାଲ କହିଛନ୍ତି

## ମଦ ଦୋକାନକୁ ବିରୋଧ, ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ବୈପାରୀଗୁଡା, ୨୫।୯(ସମିସ): ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଆଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଘ କର୍ମକର୍ତ୍ତା ମାନେ ସ୍ଥାନୀୟ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘ ସମ୍ପାଦିକା ଲକ୍ଷ୍ମୀ ବାରିକଙ୍କ ନେତୃତ୍ୱରେ ସ୍ଥାନୀୟ ବିଡ଼ିଓ ଶକ୍ତି ମହାପାତ୍ରଙ୍କୁ ଦାବୀ ପ୍ରଦାନ କରାଯାଇଛି। ଦାବି ଅନୁଯାଇ, ରାଜ୍ୟରେ ବନ୍ଦ ହୋଇଥିବା ସତୁରି ମଦ ଦୋକାନ ଖୋଲା ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ଚାରୋଟି ନୂତନ ମଦ ଦୋକାନ ଏବଂ ୩ଟି ମଦ ଖରଖାନା ଖୋଲା ଯିବ ଯାହାକୁ ନେଇ ବିରୋଧ କରିଛି ଆଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଘ।

## ସିଏସ୍ଏସ୍ କର୍ମୀଙ୍କ ଧାରଣା ଜାରି; ଶୁଣୁନାହାନ୍ତି ସରକାର, ପ୍ରଶାସନ

ରାୟଗଡ଼ା,୨୫।୯(ସମିସ): ୪ ଦିନରେ ପହଞ୍ଚିଛି ମିଶନ ଶକ୍ତି ବିଭାଗର ଗୋଷ୍ଠୀ ସହାୟିକା କର୍ମୀ (ସିଏସଏସ)ଙ୍କ ଧାରଣା। ପ୍ରୋତ୍ସାହନ ରାଶି ପରିବର୍ତ୍ତେ ନିର୍ଦ୍ଦିଷ୍ଟ ପାରିଶ୍ରମିକ ଦାବିରେ ରାୟଗଡ଼ା ବ୍ଲକ୍ ସମ୍ମୁଖରେ ସିଏସଏସ ରାୟଗଡ଼ା ବ୍ଲକ୍ ସଂଘ ପକ୍ଷରୁ ନିୟମିତ ଭାବେ ଧାରଣା ଦିଆଯାଉଛି। ସ୍ଥାନୀୟ ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଆଜି ରାୟଗଡ଼ା ବ୍ଲକ୍ କଂଗ୍ରେସ ସଭାପତି ଗାଡିଗା ବାଚେଲି ସିଏସ୍ଏସ୍ କର୍ମୀଙ୍କ ଧାରଣାସ୍ଥଳକୁ ଯାଇ ସେମାନଙ୍କ ସହ ଆଲୋଚନା କରିବା ସହ ମୋଦି ଓ ମୋହନ ସରକାରଙ୍କୁ ସମାଲୋଚନା କରିଥିଲେ। ଯଦି ତୁରନ୍ତ ମହିଳା କର୍ମୀମାନଙ୍କ ଦାବି ପୂରଣ ନହୁଏ, ତେବେ ଏହି ଧାରଣା ଏକ ତୀବ୍ର ଆନ୍ଦୋଳନରେ ପରିଣତ ହେବା ସହ ସରକାରଙ୍କ ଅସଲ ମୁଖାକୁ ଖୋଲାଯିବ ବୋଲି ଶ୍ରୀ ବାଚେଲି କହିଛନ୍ତି। ସେହିପରି ସ୍ଥାୟୀ ଦରମା ଦାବି ପୂରଣ ନ ହେବା ଯାଏଁ ଆମେ ଧାରଣାରେ ବସି ରହିବୁ ବୋଲି ସଂଘ ସଂପାଦିକା ସୁନିତା ତୁରୁକ ପ୍ରକାଶ କରିଛନ୍ତି।

## ସପ୍ତାହ ଧରି ଗାଁ ଅନ୍ଧାରରେ

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଲୋକେ

ବୈପାରୀଗୁଡ଼ା, ୨୫।୯(ସମସ): ସପ୍ତାହ ଧରି ଗାଁ ଅନ୍ଧାର। ବିଦ୍ୟୁତ ସେବାରୁ ବଞ୍ଚିତ ହୋଇ ହନ୍ତସନ୍ତ ହେଉଛନ୍ତି ଲୋକେ। ଅଭିଯୋଗ କଲେ ବି ଶୁଣୁନାହାନ୍ତି ବିଭାଗୀୟ ଅଧିକାରୀ। ଏଣୁ ତାତିଲେ ଗାଁ ଲୋକେ। ଘେରିଲେ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ। ବୈପାରୀଗୁଡା ସଦର ମହକୁମା ସ୍ଥିତ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଏଭଳି ଦେଖିବାକୁ ମିଳିଛି। ଅଫିସ ଭିତରକ ଧସେଇ ପଶିଲେ ବୋଦାପୁଟର ମାଳିଗୁଡା ଗାଁ ଲୋକେ। କିଛି ସମୟ ପାଇଁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲ। ପରେ ଶାନ୍ତ ପଡିଥିଲେ ଗାଁ ଲୋକେ। ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଗତ ଏକ ସପ୍ତାହ ଧରି ବିଦ୍ୟୁତ ସେବାରୁ ବଞ୍ଚିତ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ପିଲାଙ୍କ ପାଠପଢା ସହ ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏପରି ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସକୁ ଫୋନ କରିବା ପାଇଁ ମୋବାଇଲରେ ଚାର୍ଜ ରହୁନି। ଏହି ସମସ୍ୟା ନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ସ୍ଥାୟୀ ସମାଧାନ କରୁନାହାନ୍ତି। ଏଣୁ ଆଜି ବିଦ୍ୟୁତ ବିଭଗ କାର୍ଯ୍ୟକ୍ରମ ଘେରିଥିଲେ। ଅଭିଯୋଗ ପରେ ସଙ୍ଗେ ସଙ୍ଗେ ମାଳିଗୁଡାରେ ପହଞ୍ଚି ସମସ୍ୟାର ସମାଧାନ କରିଥିବା ବିଦ୍ୟୁତ ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।



## ଅଫିସ ସଫା କଲେ ଜିଲ୍ଲା ପରିଷଦ ଅଧିକାରୀ, କର୍ମଚାରୀ

କୋରାପୁଟ,୨୫।୯(ସମିସ): କୋରାପୁଟ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଏବଂ ଏହାର ପରିସରକୁ ଅଧିକାରୀ ଏବଂ କର୍ମଚାରୀ ମିଳିମିଶି ସଫା କରିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ନିଜ ଚାମ୍ବର ଏବଂ ପରିସରରେ ପଡ଼ିଥିବା ଅଳିଆ ସଫା କରୁଥିବା ଦେଖିବାକୁ ମିଳିଥିଲା। ଗାଁ ପରିବେଶକୁ ସଫା ରଖିବାକୁ ଆହ୍ୱାନ ଦିଆଯାଇଛି। ସ୍ୱଚ୍ଛ କୋରାପୁଟ ସୁନ୍ଦର କୋରାପୁଟ ଲକ୍ଷ ନେଇ ସମସ୍ତେ ସ୍ୱଚ୍ଛତାକୁ ପ୍ରାଥମିକତା ଦେବାକୁ ସେ ଜିଲ୍ଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି।



## ଏବେ ବି ରାୟଗଡ଼ା ଜିଲ୍ଲାର ବହୁ ଗାଁକୁ ବିଦ୍ୟୁତ୍ ଅପହଞ୍ଚ

# ଶକ୍ତିମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ବିବାଦ ବଢ଼ିଲା

ରାୟଗଡ଼ା,୨୫।୯(ସମିସ): ରାୟଗଡ ଜିଲ୍ଲାର ଅନେକ ଗାଁରେ ଆଜି ମଧ୍ୟ ବିଜୁଳି ସଂଯୋଗ ହୋଇପାରିନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ଅନେକ ଗାଁରେ ବିଦ୍ୟୁତ୍ ସଂଯୋଗ ପାଇଁ ବିଦ୍ୟୁତ୍ ଖୁଣ୍ଟପୋତା ଯାଇଛି, ଟ୍ରାନ୍ସଫର୍ମର ସ୍ଥାପନ ହୋଇଛି । କିନ୍ତୁ ଚାର୍ଜ ହେଉ ନ ଥିବାରୁ ବଜାରରେ ମିଳୁଥିବା ଛୋଟ ଛୋଟ ସୋଲାର ବ୍ୟାଟେରୀ ଲାଇଟ, ଡିବିରି, ଲଣ୍ଠନ ଆଲୁଅରେ ଗ୍ରାମବାସୀ ଦିନ କାଟୁଛନ୍ତି। ଏହାର ଅନେକ ଉଦାହରଣ ଜିଲ୍ଲା ପ୍ରଶାସନ ପାଖରେ ରହିଥିବା ବେଳେ ଜିଲ୍ଲାରେ ଟିପିଏସଓଡିଏଲ ସଂସ୍ଥା ପକ୍ଷରୁ ଚାଲିଥିବା ସର୍ଭେ କାମ ଶେଷ ହେବାର ନାଁ ଧରୁନି ବୋଲି ଗ୍ରାମବାସୀମାନେ ପ୍ରକାଶ କରୁଛନ୍ତି। କାଶିପୁର ବ୍ଲକ ସଦର ପଞ୍ଚାୟତର ପରଜାଶିଳା ଧାଦମୁଣ୍ଡି ସାହି, ମାଣ୍ଡିବିସି ପଞ୍ଚାୟତ ଅନ୍ତର୍ଗତ ଲେକାପାଇ, ରାୟଗଡ଼ା ସଦର ବ୍ଲକ ପିପଲଗୁଡା ପଞ୍ଚାୟତ ଅନ୍ତର୍ଗତ ତଳକଣା ଗ୍ରାମ ଭଳି ଆହୁରି ଅନେକ ଗାଁରେ ଆଜି ମଧ୍ୟ ବିଜୁଳି ସଂଯୋଗ ହୋଇପାରିନାହିଁ। ଉକ୍ତ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ବିଜୁଳି ସଂଯୋଗକୁ ଅନେଇ ବସିଛନ୍ତି। କିନ୍ତୁ ରାଜ୍ୟର ଶକ୍ତିମନ୍ତ୍ରୀ ରାୟଗଡ଼ାର ସବୁ ରାଜସ୍ୱ ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇଥିବା କଥା ବିଧାନସଭାରେ ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ଏଭଳି ବିବୃତ୍ତି ଜିଲ୍ଲାବାସୀଙ୍କୁ ବିସ୍ମିତ କରିଛି। ସୂଚନା ଅନୁସାରେ ରାୟଗଡ଼ା ବିଧାୟକ କାଡ୍ରକା ଆପାଲାସ୍ୱାମୀ ଗତ ବିଧାନସଭାରେ ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ରାୟଗଡ଼ା ଜିଲ୍ଲାର କେତୋଟି ଗାଁରେ ବିଦ୍ୟୁତ୍ ନାହିଁ, କେତୋଟି ଗାଁରେ ବିଦ୍ୟୁତ୍

### ବିଧାନସଭାରେ ବିଧାୟକଙ୍କ ପ୍ରଶ୍ନ

ଖୁଣ୍ଟ ପଡିଛି କିନ୍ତୁ ସଂଯୋଗ କରାଯାଇନାହିଁ, ବିଦ୍ୟୁତ ସଂଯୋଗ ଥାଇ ମଧ୍ୟ ବିଚ୍ଛିନ୍ନ କେତୋଟି ଗାଁ ରହିଛି ଏବଂ ଜିଲ୍ଲାର ସମସ୍ତ ଗାଁରେ କେବେ ସୁଦ୍ଧା ବିଦ୍ୟୁତ୍ ସଂଯୋଗ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ପ୍ରଶ୍ନ କରିଥିଲେ। ରାୟଗଡ଼ା ଜିଲ୍ଲାର ସମସ୍ତ ରାଜସ୍ୱ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇସାରିଛି। ବିଦ୍ୟୁତ୍‌କରଣ ହୋଇ ନଥିବା ବଳକା ପରିବାରଙ୍କୁ ଚିହ୍ନଟ କରିବା ପାଇଁ ବିଭାଗୀୟ ସର୍ଭେ କାର୍ଯ୍ୟ ଚାଲୁ ରହିଛି। ସର୍ଭେ ମାଧ୍ୟମରେ ଚିହ୍ନଟ ହୋଇଥିବା ବାସଗୃହ ଗୁଡିକୁ ଜିଲ୍ଲା ବିଦ୍ୟୁତ୍ କମିଟି (ଡିଇସି)ର ଅନୁମୋଦନ କ୍ରମେ ରାଜ୍ୟ ସରକାରଙ୍କ ଯୋଜନାରେ ବିଦ୍ୟୁତକରଣ କରାଯାଉଥିବା ଶକ୍ତି ମନ୍ତ୍ରୀ ଶ୍ରୀ ସିଂହଦେଓ ଉତ୍ତର ରଖିଛନ୍ତି। ତେବେ ଜିଲ୍ଲାର ଅନେକ ଗ୍ରାମ ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ଥିବା ବେଳେ ଶକ୍ତିମନ୍ତ୍ରୀଙ୍କ ସମସ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇସାରିଥିବା ତଥ୍ୟ ଉପସ୍ଥାପନ କରିଥିଲେ। ସେହିପରି ରାୟଗଡ଼ା ଜିଲ୍ଲାରେ ମୋଟ ୨,୩୬,୩୫୨ବିଦ୍ୟୁତ୍ ଉପଭୋକ୍ତା ରହିଥିବା ବେଳେ ଏହି ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଇବା ପାଇଁ ଦୈନିକ ୫୬.୧ମେଗା ୱାଟ୍ ବିଦ୍ୟୁତ୍ ଆବଶ୍ୟକ ହେଉଛି। ଗତ ଜାନୁଆରୀ ୨୦୨୫ ଠାରୁ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ମରାମତି ପାଇଁ ସହରରେ ଦୈନିକ ହାରାହାରି ୧୨ମିନିଟ ବିଦ୍ୟୁତ୍ କାଟ କରାଯାଇଥିବା ନେଇ ଶକ୍ତିମନ୍ତ୍ରୀ ଉତ୍ତର ରଖିଥିଲେ। ତେବେ ମନ୍ତ୍ରୀ ବିଧାନସଭାରେ ଯେଉଁ ତଥ୍ୟ ଉପସ୍ଥାପନ କରିଛନ୍ତି ତାର ସତ୍ୟତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆନ୍ଦୋଳନ ବେଳେ ଗୋଷ୍ଠୀ ସହାୟିକା ଅସୁସ୍ଥ

ତେନ୍ତୁଳିଖୁଣ୍ଟି,୨୫।୯(ସମିସ): ତେନ୍ତୁଳୀଖୁଣ୍ଟି ବ୍ଲକର ଶତାଧିକ ଏବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ତିନିଦିନ ଧରି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭୋକ ଉପାସରେ ଧାରଣାରେ ବସିଛନ୍ତି। ତେବେ ମଞ୍ଚାଗାଁ ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ସିଆରପି ମିଲିମା କର୍କରା ଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଦ୍ୱାରା ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡା. କିଷାନ କୁମାର ଦାସଙ୍କ ଦ୍ୱାରା ଚିକିତ୍ସିତ ହେବା ପରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଓଡିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ସିଏସଏସଙ୍କର କାର୍ଯ୍ୟ ଭିତ୍ତିକ ପାରିଶ୍ରମିକ ପରିବର୍ତ୍ତେ ସ୍ଥାୟୀ ଦରମା ପ୍ରଦାନ ଦାବିରେ ତେନ୍ତୁଳୀଖୁଣ୍ଟି ବ୍ଲକର ୧୫ ପଞ୍ଚାୟତର ଶତାଧିକ ଗୋଷ୍ଠି ସହାୟିକା କର୍ମଚାରୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

# ଜାତୀୟ ସେବା ଯୋଜନା ଦିବସ

ଜୟପୁର,୨୫।୯(ସମିସ): ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଠାରେ ଏନଏସଏସ ବ୍ୟୁରୋ ଆନୁକୁଲ୍ୟରେ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ, ପି.ଜି. କାଉନ୍‌ସିଲର ଅଧ୍ୟକ୍ଷ ଡ.ପ୍ରଶାନ୍ତ କୁମାର ପାତ୍ର ଓ ମୁଖ୍ୟବକ୍ତା ଭାବେ ସେମିଳିଗୁଡା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନସି ସିଂ ଯୋଗଦେଇ ସେବା ହିଁ ଶାନ୍ତି ଓ ମୁକ୍ତି ଏବଂ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କ ସେବା ଆଜି ସମାଜକୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ସଂଯୋଜକ ଭାବେ ଶିକ୍ଷା ବିଭାଗର ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନ ବାର୍ଷିକ ବିବରଣୀ ସହ ପ୍ରାରମ୍ଭିକ ଅଭିଭାଷଣ ଦେବା ସହ ମଞ୍ଚାସୀନ ଅତିଥିମାନେ ବ୍ୟୁରୋ ଅନ୍ତର୍ଗତ ସମସ୍ତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଉତ୍ସର୍ଗୀକୃତ




ସେବାର ପ୍ରଶଂସା କରିବା ସହ ଆଗାମୀ ଦିନରେ ବ୍ୟୁରୋ ରାଜ୍ୟରେ ଅଗ୍ରଣୀ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଡ. ସିଂଙ୍କୁ ଜାତୀୟ ସେବା ଯୋଜନା ପ୍ରତି ଥିବା ଅବଦାନ ପାଇଁ ଉପଢୌକନ, ପୁଷ୍ପଗୁଚ୍ଛ ଓ ସ୍ମୃତି ଫଳକ ଦେଇ ସମ୍ମାନିତ କରାଯିବା ସହ ବିଭିନ୍ନ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। ଏହି ଅବସରରେ କାର୍ଯ୍ୟକ୍ରମ ଅଧିକାରୀ ସୁକାନ୍ତି ସଅ ଅତିଥି ପରିଚୟ ଏବଂ ଲୋକେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱେଚ୍ଛାସେବୀ ସିଦ୍ଧାର୍ଥ ଶେଖର ଜେନା ଓ ମାନସୀ ରାଣୀ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକା , ଛାତ୍ର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ସେହିପରି ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ଏନ୍.ଏସ୍.ଏସ୍ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସୁନା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ଡ. ଡମ୍ବରୁଧର ଦାସ ସେବାରେ କୌଣସି ପ୍ରାପ୍ତିର ଆଶା ନ ରଖିବା ଏବଂ ମହାପୁରୁଷଙ୍କ ଜୀବନରୁ ଶିକ୍ଷା ଗ୍ରହଣ କରିବା ସମ୍ପର୍କରେ କହିଥିଲେ। ଯୁକ୍ତ୨ ଜାତୀୟ ସେବା ଯୋଜନା ଅଧିକାରୀ ସୀମା ମହାପାତ୍ର ଏବଂ ଯୁକ୍ତ୩ ଜାତୀୟ ସେବା ଯୋଜନା ଅଧିକାରୀ ସୁନିତା କୁମାରୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ରାଷ୍ଟ୍ରୀୟ ସେବା ଯୋଜନା ପକ୍ଷରୁ 'ମାଇଁ ଭାରତ' ପୋର୍ଟାଲରେ ସ୍ୱେଚ୍ଛାସେବୀଙ୍କ ନାମ ପଞ୍ଜିକରଣ କରିବା ପାଇଁ ଅଧ୍ୟାପକ ଆଲୋକ ମହାରଣା ଓ କାହ୍ନୁ ଚରଣ ବରାଡ଼ ସହାୟତା କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# କଣ୍ଟା ବାଉଁଶୁଣି ଏଗ୍ରୋ ପ୍ରଡ୍ୟୁସର ଗ୍ରୁପ୍‌ର ବାର୍ଷିକ ସାଧାରଣ ସଭା

ସେମିଳିଗୁଡ଼ା, ୨୫।୯ (ସମିସ) :

କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକର କଣ୍ଟା ବାଉଁଶୁଣି ଏଗ୍ରୋ ପ୍ରଡକ୍ଟସ୍ ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡ଼ର ଚତୁର୍ଥ ବାର୍ଷିକ ସାଧାରଣସଭା ହାତଗୁଡା ଗ୍ରାମପଞ୍ଚାୟତ ଅଧୀନ ମାଳି ଦୁସୁରା ଗ୍ରାମରେ ବୁଧବାର ଆୟୋଜିତ ହୋଇଯାଇଛି। ଉକ୍ତ ଏଫ୍‌ପିଓ ସଂସ୍ଥା ମୁଖ୍ୟ ମମତା ଖୋସଲା ଅଧ୍ୟକ୍ଷତା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେମିଳିଗୁଡା ସିଡିପିଓ ବିନୋଦିନୀ ବେହେରା ଯୋଗ ଦେଇଥିଲେ। ହାତଗୁଡା ସରପଞ୍ଚ ନାରାୟଣ ନନ୍ଦୀବାଲି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳା ଚାଷୀମାନେ ସାର ବିହନ କୃଷି ଉପକରଣ ପାଇବା ନେଇ ଆଲୋଚନା କରିଥିଲେ। ସବୁ ଗ୍ରାମରେ ଉନତିମୂଳକ କାର୍ଯ କରିବା




ଉପରେ ଆଲୋଚନା ହୋଇଥିଲା। କଣ୍ଟା ବାଉଁଶୁଣି ଏଗ୍ରୋ ପ୍ରୋଡକ୍ଟସ୍ ପ୍ରୋଡ୍ୟୁସର୍ କମ୍ପାନୀ ଲିମିଟେଡ଼ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରିଥିଲେ। ସମ୍ପାଦିକା ପଦ୍ମିନୀ ଗୁଣ୍ଠା, ସଭ୍ୟମାନେ ଜ୍ୟୋତି, ଜମ୍ମୁ ଖରା, ପଦ୍ମା ନନ୍ଦୀ ବାଲି, ନବିନା ଦାମୀ, ରଶ୍ମି, ସହ ସେମିଳିଗୁଡା ବ୍ଲକର ୬୦୦ ଅଂଶୀଦାର ସଦସ୍ୟ ମାନେ ଯୋଗ ଦେଇଥିଲେ। ବର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ୧୭ଟି ଗ୍ରାମପଞ୍ଚାୟତର ମହିଳା ନିଯୁକ୍ତି ହୋଇ କାର୍ଯ୍ୟ କରୁଛନ୍ତି ଏବଂ ସ୍ଥାନୀୟ ଅଞ୍ଚଳରର ବିଭିନ୍ନ କିସମର ଖାଦ୍ୟ, ସୁଆଁ, ମାଣ୍ଡିଆ, ବିରି, କୋଳଥ, କାଙ୍ଗୁ, ତଥା ଆମ୍ବ, କଦଳୀ, ଲିଚୁ, ସପୁରି, ଷ୍ଟ୍ରବେରୀ, ଅମୃତ ଭଣ୍ଡା, ଲେମ୍ବୁ, କମଳା, ଆଦି ବଜାରରୁ କମ ଦରରେ ବିକ୍ରି କରାଯାଉଛି। ଓରମାସ ଅଧୀନରେ ଥିବା ଏଗ୍ରୋ ପ୍ରଡ୍ୟୁସର କଣ୍ଟା ବାଉଁଶଣୀ ଗ୍ରୁପ ୨୦୨୧ରୁ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟ କରି ଆସୁଅଛି ବୋଲି ଏଫ୍‌ପି ଓ ସଂସ୍ଥା ମୁଖ୍ୟ ମମତା ଖୋସଲା ସୂଚନା ପ୍ରଦାନ କରିଥିଲେ।

## ଜାତୀୟ ସେବା ଯୋଜନା ଦିବସ ପାଳିତ

ସେମିଳିଗୁଡ଼ା,୨୫।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ମୁଖ୍ୟ ଅତିଥି କୃଷ୍ଣ ସିଂହଙ୍କ ଦ୍ୱାରା ଜାତୀୟ ସେବା ଯୋଜନାର ପତାକା ଉତ୍ତୋଳନ କରାଯାଇଥିଲା। ଅଧ୍ୟକ୍ଷା ଡ. ଝାନ୍ସୀ ସିଂହଙ୍କ ତତ୍ତ୍ୱାବଧାନ ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ରମେଶ କୁମାର ମଲିକ, ଶ୍ରୀମତୀ ସ୍ନିଗ୍ଧା ପଟ୍ଟନାୟକଙ୍କ ମିଳିତ ଉଦ୍ୟମରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଉକ୍ତ ସଭାରେ ଭୁଦାନ କର୍ମୀ ତଥା ମହାବିଦ୍ୟାଳୟର ପ୍ରତିଷ୍ଠାତା କୃଷ୍ଣ ସିଂହ ଓ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ସଂଯୋଜକ ଡ. ମନୋରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରତିଷ୍ଠାତା ଶ୍ରୀ ସିଂହ ଜାତୀୟ ସେବା ଯୋଜନାର ସଂଯୋଜକଙ୍କୁ ପୁଷ୍ପଗୁଚ୍ଛ, ଅଶୋକ ବୃକ୍ଷ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ସମ୍ପ୍ରତି ଭାରତୀୟ ସମାଜ ବ୍ୟବସ୍ଥାରେ ଯୁବବର୍ଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ସିଂହ ମତବ୍ୟକ୍ତ କରିଥଲେ। ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ଜାତୀୟ ସେବା ଯୋଜନାର ପରିଚାଳକ ଡ. ପ୍ରଧାନ ଜାତୀୟ ସେବା ଯୋଜନାର ଗୁରୁତ୍ୱ ଉପରେ କହିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ମଲିକ ସ୍ୱତନ୍ତ୍ର ଚାରାରୋପଣ କାର୍ଯ୍ୟକ୍ରମର ଧାରାବିବରଣୀ ପ୍ରଦାନ କରିବା ସହ ଅତିଥିମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସଭାରେ ଅଧ୍ୟାପକ ଦେବରାଜ ନାୟକ, ପ୍ରେମାନନ୍ଦ ରାଉତ, ରଶ୍ମିତା ସାହୁ, ବିଜୟଲକ୍ଷ୍ମୀ ବେହେରା, ପୂର୍ଣ୍ଣିମା ଗିରି, ଶ୍ରୀପତି ଗିରି, ରୋହିଣୀ ସିରିକାଙ୍କ ସମେତ ଉଭୟ ୟୁନିଟ୍‌ର ୨ ଶହରୁ ଅଧିକ ସ୍ୱେଚ୍ଛାସେବୀ ସଭାରେ ଉପସ୍ଥିତ ରହିଥିଲେ। ଅଧ୍ୟାପକ ଶିବାଷୀଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ୱାର୍ଡସ୍ତରୀୟ ଅଙ୍ଗୀକାର ଅଭିଯାନ ସଚେତନତା ଶିବିର

କୋରାପୁଟ,୨୫।୯(ସମିସ): କୋରାପୁଟ ଟାଉନ ହଲ୍ ଠାରେ ଅଙ୍ଗୀକାର ଅଭିଯାନ ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନା ୨.୦ ଏବଂ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାକୁ ନେଇ ୱାର୍ଡସ୍ତରୀୟ ହିତାଧିକାରୀଙ୍କୁ ସଚେତନ କରାଯାଇଛି। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, କାଉନସିଲର ପ୍ରଫୁଲ୍ଲ କୁମାର ମହାପାତ୍ର, ରବି ପରଜା ଓ ମୁନୀ ମୁଦୁଲି , ଟାଟା ପାୱାରର ମାମାନୀ ଦାଶ ଏବଂ ଆଇଓବି ଅଧିକାରୀ ଏ. ସନ୍ଦୀପ ପ୍ରମୁଖ ଉପସ୍ଥିତ ଥିଲେ। ସାମନ୍ତ ଚନ୍ଦ୍ରଶେଖର ଦାଶ ଓ ଶଶୀକାନ୍ତ ସ୍ୱାଇଁ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଗତ ୨୨ ଓ ୨୩ ତାରିଖ ଦିନ କୋରାପୁଟ ପୌର ପରିଷଦ ଅନ୍ତର୍ଗତ ପୂଜାରୀପୁଟ କଲ୍ୟାଣ ମଣ୍ଡପ ଏବଂ ଗାନ୍ଧୀନଗର କଲ୍ୟାଣ ମଣ୍ଡପ ଠାରେ ବିଭିନ୍ନ ୱାର୍ଡର ହିତାଧିକାରୀ ମାନଙ୍କୁ ନେଇ ୱାର୍ଡସ୍ତରୀୟ ଅଙ୍ଗୀକାର ଅଭିଯାନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥି ସହିତ କୋରାପୁଟ ପୌର ପରିଷଦର ସମସ୍ତ ୱାର୍ଡର ହିତାଧିକାରୀ ମାନଙ୍କୁ ଅଙ୍ଗୀକାର ଅଭିଯାନ ସମ୍ପର୍କୀତ ସମସ୍ତ ତଥ୍ୟ ପୌର ପରିଷଦ ଅଧିକାରୀ, ଟାଟା ପାୱାର ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରାଞ୍ଜଳ ଭାବେ ବୁଝାଇଛନ୍ତି।

## ଦଶହରା କପ୍ ରାତ୍ରିକାଳୀନ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# କର୍ଚାମାଳକୁ ହରାଇ ଉମରି ଦଳ ଚାମ୍ପିଅନ୍

ନବରଙ୍ଗପୁର,୨୫।୯(ସମିସ): ନବରଙ୍ଗପୁର ଟାଉନ ଫୁଟବଲ୍ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ କଲେଜ ଫୁଟବଲ୍ ପଡ଼ିଆ ଠାରେ ନବରଙ୍ଗପୁର ଜିଲ୍ଲାରେ ପ୍ରଥମ ଥର ପାଇଁ ରାତ୍ରକାଳୀନ ଫୁଟବଲ୍ ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ସଂପାଦକ ପ୍ରହ୍ଲାଦ ତ୍ରିପାଠୀ, ଉପ ସଭାପତି ଏମ.ବାଲା କୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଦଶହରା କପ୍ ଫାଇନାଲ ଆରମ୍ଭ କରିବା ପୂର୍ବରୁ ମହିଳା ଫୁଟବଲ ପ୍ରତି ଝିଅ ମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ନବରଙ୍ଗପୁର ସହର ମହିଳା ଫୁଟବଲ ଖେଳାଳି ବନାମ ମାଝିଗୁଡ଼ା ବଲାଶ୍ରମ ମହିଳା ଫୁଟବଲ୍ ଖେଳାଳୀ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା । ସହର ଦଳ ୩-୦ ଗୋଲରେ ବଲାଶ୍ରମ ଦଳକୁ ପରାସ୍ତ କରିଥିଲେ। ସେହିପରି ବରିଷ୍ଠ ଫୁଟବଲ୍ କ୍ରୀଡାବିତ୍ ଏବଂ ଟାଉନ ଫୁଟବଲ୍ ଏକାଡେମୀ ମଧ୍ୟରେ ବନ୍ଧୁତ୍ୱ ପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଟାଉନ ଫୁଟବଲ୍ ଏକାଡେମୀ ଦଳ ୨-୦ ଗୋଲରେ ବରିଷ୍ଠ ଦଳକୁ ପରାସ୍ତ କରିଥିଲେ। ଶେଷରେ ଦଶହରା କପ୍ ଫୁଟବଲ୍ ର ଏକ ସଂଘର୍ଷ ପୂର୍ଣ୍ଣ ଫାଇନାଲ ମ୍ୟାଚରେ କୋରାପୁଟ ଜିଲ୍ଲାର ଉମରି ଦଳ କର୍ଚାମାଲ୍ ଦଳକୁ ୨-୦ ଗୋଲରେ ପରାସ୍ତ କରି ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଟ୍ରଫି ହାସଲ କରିଥିଲେ। ଉଦ୍‌ଯାପନୀ ଉତ୍ସବର ପୁରସ୍କାର




ବିତରଣ କାର୍ଯ୍ୟକ୍ରମରେ ପାପଡ଼ାହାଣ୍ଡି ବ୍ଲକ୍‌ର ଉପ ସଭାପତି ସୁଶାନ୍ତ କୁମାର ବେହେରା, ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଜିଲ୍ଲା କିନ୍ନର ସଂଘର ସମ୍ପାଦକ ଚୁମୁକି କିନ୍ନର, ବରିଷ୍ଠ କ୍ରୀଡାବିତ୍ ଦିଲୀପ କୁମାର ବେହେରା, ମାରାଥନ ଧାବକ ଚିତ ରଞ୍ଜନ ପାତ୍ର, ପରିବର୍ତ୍ତନ ଫାଉଣ୍ଡେସନର ସଭାପତି ନିନିବାବୁ ତ୍ରିପାଠୀ ଏବଂ ସମାଜ ସେବୀ ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇ ବିଜେତା ଦଳକୁ ଟ୍ରଫି ସହ ୧୫୦୦୦ ଟଙ୍କା ସେହିପରି ଉପ ବିଜେତା ଦଳକୁ ଟ୍ରଫି ସହ ୧୦୦୦୦ ଟଙ୍କା ଦେଇ ଖେଳାଳୀ ମାନଙ୍କୁ ପୁରସ୍କୃତ କରିଥିଲେ। ଜିଲ୍ଲା କ୍ରୀଡା ସଂଘର ଏଥେଲେଟିକ ସମ୍ପାଦକ ଜ୍ୟୋତି ପରିଛା ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାର ସଫଳତା ପାଇଁ ଏକାଡେମୀର ମୁଖ୍ୟ ଅଶୋକ ପାତ୍ରଙ୍କୁ ପ୍ରଶଂସା କରାଯାଇଛି। ସୂଚନା ଯୋଗ୍ୟ ଯେ ଏହି ଟୁର୍ଣ୍ଣାମେଣ୍ଟରେ ଅବିଭକ୍ତ କୋରାପୁଟ ଜିଲ୍ଲାର ମୋଟ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ରେଫେରୀ ଭାବରେ କୋରାପୁଟ ଜିଲ୍ଲାର ବରିଷ୍ଠ ରେଫରି ସଞ୍ଜୟ ଜେନା ସମେତ, ବିଜୟ ନାୟକ, ଲାଛୁ ଭୂମିଆ ଏବଂ ରଇଲା ଭତରା ପ୍ରମୁଖ ପରିଚାଳନା କରିଥିଲେ।

## ମଧୁବନ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା କାଟ୍ ଖାଇଲା

ଗୁଡାରୀ,୨୫।୯(ସମିସ): ଗୁଡାରୀ ବ୍ଲକ୍ ମଧୁବନ ପଞ୍ଚାୟତର ସରପଞ୍ଚଙ୍କ ନାଁରେ ଅଣାଯାଇଥିବା ଅନସ୍ଥା ପ୍ରସ୍ତାବ କାଟ୍ ଖାଇଛି। ନିର୍ବାଚନ ଦାୟିତ୍ୱରେ ଥିବା ଗୁଡାରୀ ତହସିଲଦାର ଏମ.ସ୍ନେହା କୁମାରୀ ଏହାକୁ ରଦ୍ଦ କରିଛନ୍ତି।ସୂଚନା ମୁତାବକ ଗତ ଜୁଲାଇ ୨୩ ତାରିଖରେ ମଧୁବନ ସରପଞ୍ଚଙ୍କ ନାମରେ ଅନସ୍ଥା ଆଣିଥିଲେ ଆଠ ଜଣ ୱାର୍ଡ ମେମ୍ବର। ଗୁରୁବାର ଦିନ ମଧୁବନ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିର୍ବାଚନ ଅଧିକାରୀ ଏକ ସ୍ୱତନ୍ତ୍ର ବୈଠକରେ ପଞ୍ଚାୟତର ସମସ୍ତ ସଦସ୍ୟଙ୍କ ସାମ୍ନାରେ ଅନାସ୍ଥାକୁ ନେଇ ଉପସ୍ଥାପନା କରିଥିଲେ। ସରପଞ୍ଚଙ୍କ ବିରୋଧରେ କୋରମ ମାଧ୍ୟମରେ ୯ ଜଣ ସଦସ୍ୟ ଦରକାର ଥିବାବେଳ ସମୟ ଥିଲା ସକାଳ ୧୦.୩୦ ପର୍ଯ୍ୟନ୍ତ । କିନ୍ତୁ ଦିନ ୧୧ଟା ପର୍ଯ୍ୟନ୍ତ ଅପେକ୍ଷା କରାଯିବା ପରେ ମଧ୍ୟ ୮ ଜଣ ସଦସ୍ୟ ଉପସ୍ଥିତ ଥିଲେ । ଏଣୁ ସରପଞ୍ଚ ବଂଶୀଧର ଶବରଙ୍କ ନାମ ଆସିଥିବା ଅନସ୍ଥା ରଦ୍ଦ ହୋଇଛି।

## ଆଇନ ସଚେତନତା ଶିବିର

ରାୟଗଡ଼ା,୨୫।୯(ସମିସ): ରାୟଗଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଗୁରୁବାର ସ୍ଥାନୀୟ କୁଲି ଗ୍ରାମପଞ୍ଚାୟତ ପରିସରରେ ଥିବା କଲ୍ୟାଣ ମଣ୍ଡପରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡ଼ା ଓ ଜିଲ୍ଲା ଶ୍ରମ ବିଭାଗ ମିଳିତ ଆନୁକୂଲ୍ୟରେ ପ୍ରବାସୀ ଶ୍ରମିକ ମାନଙ୍କ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ରାୟଗଡ଼ା ଜିଲ୍ଲାର ଡିଭିଜିନାଲ ଲେବର କମିଶନର ସୁବାସ ଚନ୍ଦ୍ର ମଣ୍ଡଳ, ଜିଲ୍ଲା ଶ୍ରମ ଅଧିକାରୀ ରବିନ୍ଦ୍ରନାଥ ତ୍ରିପାଠୀ, ଜିଲ୍ଲାର ଅତିରିକ୍ତ ଶ୍ରମ ଅଧିକାରୀ, ରାୟଗଡ଼ା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ, କୁଲି ଗ୍ରାମ ପଞ୍ଚାୟତର ସରପଞ୍ଚ, ନାଏବ ସରପଞ୍ଚ ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ନିଜର ବକ୍ତବ୍ୟରେ ରାୟଗଡ଼ା ଜିଲ୍ଲାର ଡିଭିଜନାଲ ଲେବର କମିଶନର ସୁବାସ ଚନ୍ଦ୍ର ମଣ୍ଡଳ ଶ୍ରମିକ ମାନଙ୍କ ପାଇଁ ଉପଲବ୍ଧ ଥିବା ସରକାରଙ୍କର ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

## କୋଷାଗୁମୁଡାରେ ସ୍ୱାସ୍ଥ୍ୟ ସଚେତନତା

କୋଷାଗୁମୁଡା,୨୫।୯(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବ୍ଲକ ଅଧ୍ୟକ୍ଷ ସର୍ବେଶ୍ୱରୀ ମାଝୀ, ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ସାଂସଦ ପ୍ରତିନିଧି ସୁରେଶ ପାତ୍ର,ବିଧାୟକ ପ୍ରତିନିଧି ବଦ୍ରିନାରାୟନ ସିଂ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ହରିବନ୍ଧୁ ମାଝୀ, ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ ଓ ତ୍ରିଲୋଚନ ଧାକୋଡ଼, ଜିଲ୍ଲା ପରିଷଦ ସଭ୍ୟ କ୍ଷୀରୋଦ ନାୟକ/ସଭ୍ୟା ରମାବତୀ ପୂଜାରୀ,ଦନାଇ ଭତ୍ରା, ସ୍ଥାନୀୟ ବିଡ଼ିଓ ଆଶିଷ ତ୍ରିପାଠୀ, ରେଞ୍ଜର ପୂର୍ଣ୍ଣ ଚନ୍ଦ୍ର ନନ୍ଦ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. ଆଦିତ୍ୟ ବେହେରା ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ବିଭିନ୍ନ ପ୍ରକାର ବିଶେଷଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା ଓ ସ୍ୱାସ୍ଥ୍ୟସେବା ସ୍ଥାନୀୟ ୨୬ଟି ପଞ୍ଚାୟତର ଅଞ୍ଚଳବାସୀଙ୍କୁ ଯୋଗାଇ ଦିଆଯାଇଥିଲା। ଏହି ସମୟରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ , ନାସା ଓ ଗୋଳା ବିଶେଷଜ୍ଞ , ଚକ୍ଷୁ ବିଶେଷଜ୍ଞ ,ଔଷଧ ବିଶେଷଜ୍ଞ, ଏକ୍ସରେ, ପ୍ରମୁଖଙ୍କ ସହ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ,ସୁପରଭାଇଜର, କିରାଣୀ, ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା ଓ ସେବା ଯୋଗାଇଥିଲେ। ସମସ୍ତ କାର୍ଯ୍ୟର ତଦାରଖ ବିପିଏମ ସୁଦୀପ୍ତ ରଞ୍ଜନ ରାଉତ ଓ ଡା.ଆଦିତ୍ୟ ବେହେରା କରିଥିଲେ। କୋଷାଗୁମୁଡା ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ୨୬ଗୋଟି ପଞ୍ଚାୟତରୁ ଲୋକେ ନିଜ ନିଜ ସ୍ୱାସ୍ଥ୍ୟ ସମସ୍ୟା ଗୁଡିକୁ ବିଶେଷଜ୍ଞ ମାନକୁ ଦେଖାଇଥିଲେ।ଆଜିର ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ, ଆଶା, ଅଙ୍ଗନବାଡି କର୍ମୀ ସହଯୋଗ କରି ଏହି ଶିବିରକୁ ସଫଳ କରିଥିଲେ।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ଚୟନ ପ୍ରତିଯୋଗିତା



କୁନ୍ଦୁର, ୨୫।୯ (ସମିସ): କୁନ୍ଦୁରା ବ୍ଲକ ମହକୁମା ସ୍ଥିତ ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ ଠାରେ ବ୍ଲକସ୍ତରୀୟ ବିଦ୍ୟାଳୟ କ୍ରୀଡା ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଶିକ୍ଷକ ଅନିଲ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଘୁନାଥ ପାଙ୍ଗି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ପ୍ରଭାତୀ ସେଠୀ, ଲାଛନାଗୁଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ସରୋଜ କୁମାର ପାଢ଼ୀ, ଏସଏମସି ସଭାପତି ପ୍ରଦୀପ କୁମାର ନାୟକ, ଡିପିଓ ଲଲାଟେନ୍ଦୁ ପୂଜାରୀ ବାଲିଗାଁ ଖେଳ ଶିକ୍ଷକ ଜି ଶ୍ରୀନିବାସ,ବ୍ଲକ କ୍ରୀଡା ଶିକ୍ଷକ ସଂପାଦକ ସଞ୍ଜୟ କୁମାର ରାଉତ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ମୁଖ୍ୟ ଅତିଥି କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ଶପଥ ପାଠ ପରେ ଆନୁଷ୍ଠାନିକ ଭାବେ କ୍ରୀଡ଼ା ଶୁଭାରମ୍ଭ କରାଯାଇଥିଲା। ପ୍ରତିଯୋଗିତାରେ ବ୍ଲକର ୪ଟି ଜୋନରୁ ୧୫୦ ଜଣ ଖେଳାଳି ଯୋଗ ଦେଇଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ (15.09.2025 ରୁ 29.09.2025 ପର୍ଯ୍ୟନ୍ତ ପଞ୍ଜୀକରଣ ଦ୍ୱାର ପୁନର୍ବାର ଖୋଲୁଛି)**

ନିମ୍ନଲିଖିତ ପଦବୀ ପାଇଁ ବିଜ୍ଞାପନ ନମ୍ବର CRPD/SCO/2025-26/05 ମାଧ୍ୟମରେ ଚୁକ୍ତିଭିତ୍ତିକ ସ୍ପେସିଆଲିଷ୍ଟ କ୍ୟାଡ଼ର ଅଧିକାରୀ ନିଯୁକ୍ତି ପାଇଁ ବିଜ୍ଞାପନ 11.07.2025 ରୁ 07.08.2025 ପର୍ଯ୍ୟନ୍ତ ପଞ୍ଜୀକରଣ ପାଇଁ ଖୋଲା ଥିଲା।

ନିମ୍ନଲିଖିତ ପଦବୀ ପାଇଁ 15.09.2025 ରୁ 29.09.2025 ପର୍ଯ୍ୟନ୍ତ ପଞ୍ଜୀକରଣ ଦ୍ୱାର ପୁନଃ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି।

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/05 (ସଂଶୋଧିତ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଜେନେରାଲ୍ ମ୍ୟାନେଜର (ଆଇଏସ୍ ଅଡିଟ୍) | 01 | ଚୁକ୍ତିନାମା |
| 2 | ଏଜିଏମ (ଆଇଏସ୍ ଅଡିଟ୍) | 14 | ଚୁକ୍ତିନାମା |

**ଯେଉଁ ପ୍ରାର୍ଥୀମାନେ ଉପରୋକ୍ତ ଯେକୌଣସି ପଦବୀ ପାଇଁ ଏହି ନିଯୁକ୍ତି ନିମନ୍ତେ ପୂର୍ବରୁ 11.07.2025 ରୁ 07.08.2025 ପର୍ଯ୍ୟନ୍ତ ଆବେଦନ କରିଛନ୍ତି ସେମାନଙ୍କୁ ଆବେଦନ କରିବାକୁ ପଡିବ ନାହିଁ । କେବଳ ଯେଉଁ ପ୍ରାର୍ଥୀମାନେ ପୂର୍ବରୁ ଆବେଦନ କରି ନାହାଁନ୍ତି ସେମାନେ ବିଜ୍ଞାପନ ନଂ. CRPD/SCO/2025-26/05 (ସଂଶୋଧିତ) ରେ ବିସ୍ତୃତ ଭାବରେ ଉଲ୍ଲିଖିତ ପଦବୀ ପାଇଁ ସଂଶୋଧିତ ଯୋଗ୍ୟତା ମାନଦଣ୍ଡ ସହିତ ଆବେଦନ କରିପାରିବେ ।**

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 15.09.2025 ରୁ 29.09.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 15.09.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



ଯଦି ତୁମେ ଶାନ୍ତି ପ୍ରତିଷ୍ଠା କରିବାକୁ ଆଗ୍ରହୀ, ତେବେ ପ୍ରଥମେ ଶତ୍ରୁ ସହିତ ମିଶି କାମ କର। ଆପେ ଆପେ ସେ ତୁମର ମିତ୍ର ହୋଇଯିବ ଏବଂ ଅଶାନ୍ତି ଦୂର ହୋଇଯିବ।

-ନେଲ୍‌ସନ୍ ମାଣ୍ଡେଲା

## ଅଶାନ୍ତ ଲଦାଖ

ହିମାଳୟ ପାଦଦେଶର ପରିବେଶକୁ ବିକାଶ ଆଳରେ ବିନାଶରୁ ସୁରକ୍ଷା ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ ଆଧାରରେ ଅନୁସୂଚିତ ଅଞ୍ଚଳ ମାନ୍ୟତା ପାଇଁ ୨୦୧୯ରୁ ଦାବି କରି ଆସୁଥିବା ସ୍ୱନାମଧନ୍ୟ ବୈଜ୍ଞାନିକ, ଉଦ୍‌ଭାବକ ତଥା ପରିବେଶ ବିଜ୍ଞାନୀ ରମଣ ମାଗେସେସେ ସମ୍ମାନ ବିଜେତା ସୋନମ ୱାଙ୍ଗଚୁକଙ୍କ ସଦ୍ୟତମ ଆମରଣ ଅନଶନ ଆନ୍ଦୋଳନ ହିଂସାର ରୂପ ନେଇଛି। ନେପାଳରେ କ୍ଷମତା ବିରୋଧୀ ଛାତ୍ର ଆନ୍ଦୋଳନ ଅନୁରୂପ ଲଦାଖରେ 'ଜେନ୍‌ଜେଡ୍' ଦ୍ୱାରା ସୃଷ୍ଟ ବ୍ୟାପକ ହିଂସାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନରେ ଚାରିଜଣଙ୍କ ଜୀବନ ଯାଇଥିବା ବେଳେ ୭୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏଭଳି ହିଂସାତ୍ମକ ପଦକ୍ଷେପକୁ ନିନ୍ଦା କରି ୱାଙ୍ଗଚୁକ୍ ଅନଶନ ଭଙ୍ଗ କରିବା ସହିତ ଶାନ୍ତି ରକ୍ଷା ପାଇଁ ଲଦାଖବାସୀଙ୍କୁ ପୁଣି ଥରେ ଆହ୍ୱାନ ଦେଇଛନ୍ତି। ୱାଙ୍ଗଚୁକ୍ ଅନଶନ ପ୍ରତ୍ୟାହାର କରିଥିବାରୁ ଆନ୍ଦୋଳନ କିଛିଦିନ ପାଇଁ ଶିଥିଳ ପଡ଼ିଯାଇପାରେ; କିନ୍ତୁ କ୍ରମାଗତ କେନ୍ଦ୍ରୀୟ ଅବହେଳା ଜନିତ ଅସନ୍ତୋଷ ହୁଏତ ଭବିଷ୍ୟତରେ ପୁଣି ଉଗ୍ରରୂପ ନେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ।

୧୯୪୭ ମସିହା ପରଠାରୁ ଲଦାଖ ଜାମ୍ମୁ-କାଶ୍ମୀର ରାଜ୍ୟର ଏକ ଅଂଶ ଥିବା ବେଳେ ୨୦୧୯ ଅଗଷ୍ଟ ୫ ତାରିଖରେ ସମ୍ବିଧାନର ଧାରା ୩୭୦ର ଉଚ୍ଛେଦ ପରେ କେନ୍ଦ୍ରଶାସିତ ଅଞ୍ଚଳ ଘୋଷିତ ହୋଇଛି। ସମ୍ବିଧାନର ୨୪୪ ଧାରା ଅନ୍ତର୍ଗତ ଷଷ୍ଠ ଅନୁଚ୍ଛେଦରେ ଦେଶର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଆସାମ, ମେଘାଳୟ, ମିଜୋରାମ୍‌ରେ ତିନିଟି ଲେଖାଏଁ ଏବଂ ତ୍ରିପୁରାରେ ଗୋଟିଏ ସ୍ୱୟଂଶାସନ ବିକାଶ ପରିଷଦ ରହିଥିବା ବେଳେ ଏହିଭଳି କ୍ଷମତା ୱାଙ୍ଗଚୁକ୍ ଲଦାଖ୍ ପାଇଁ ଦାବି କରୁଆସୁଛନ୍ତି। ଦାବି ସମ୍ପର୍କରେ ୱାଙ୍ଗଚୁକ୍ ବାରମ୍ବାର ପତ୍ର ଲେଖି ଜଣାଇବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ନ ଦେବାରୁ ଗତବର୍ଷ ସେ ଦୁଇଦୁଇ ଥର ଅନଶନ କରିଥିଲେ। କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ପରେ ପ୍ରତିଥର ଅନଶନରୁ ଓହରି ଆସୁଥିଲେ ହେଁ ସରକାରଙ୍କ ଟାଳଟୁଳ ନୀତି ଲଦାଖବାସୀଙ୍କୁ ଅସନ୍ତୁଷ୍ଟ କରିଛି। ବିଡ଼ମ୍ବନା ହେଉଛି ଲଦାଖ୍‌କୁ ଅନୁସୂଚିତ ଅଞ୍ଚଳ ମାନ୍ୟତା ଦେବାକୁ ବିଜେପି ୨୦୧୯ ସାଧାରଣ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରିବାକୁ ଦୀର୍ଘସୂତ୍ରୀ ପନ୍ଥା ଆପଣେଇଛି।

ଭୂରାଜନୈତିକ ସ୍ଥିତି ଦୃଷ୍ଟିରୁ ଲଦାଖ ଭାରତର ଉତ୍ତର-ସୀମାନ୍ତର ଚୀନ୍ ସଂଲଗ୍ନ ଏକ ସମ୍ବେଦନଶୀଳ ଅଞ୍ଚଳ। ଏବେ ସେଠାରେ କେତେକ ଅତି ଦୁର୍ମୂଲ୍ୟ ଓ ଦୁଷ୍ପ୍ରାପ୍ୟ ଖଣିଜ ସମ୍ପଦର ସନ୍ଧାନ ମିଳିଛି, ଯାହା ଭାରତର ବହୁ ଆକାଂକ୍ଷିତ ସେମିକଣ୍ଡକ୍ଟର ଶିଳ୍ପାୟନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପରିବେଶ ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ଲୋକେ ସେଠାରେ ଖଣିଜ ଖନନକୁ ବିରୋଧ କରୁଛନ୍ତି। ପରିସ୍ଥିତି କ୍ରମେ ଅଧିକ ଜଟିଳ ହେଉଛି। ଏ ଦିଗରେ ଅଧିକ କାଳକ୍ଷେପଣ ନୀତିର ଫାଇଦା ବିଦେଶୀ ବିଚ୍ଛିନ୍ନତାବାଦୀ ନେବାର ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ତେଣୁ ବେଳ ହୁଁ ସରକାର ପଦକ୍ଷେପ ନେବା ଦରକାର।

## ଅଙ୍କୁଶ ଜରୁରୀ

ବିଶ୍ୱର ଯେକୌଣସି ଦେଶରେ ବ୍ୟବସାୟ କରିବାକୁ ହେଲେ ସେହି ଦେଶର ନୀତି-ନିୟମ, ଆଇନ-କାନୁନ୍‌ର ଅନୁପାଳନ ଜରୁରୀ। କିନ୍ତୁ ସାମାଜିକ ଗଣମାଧ୍ୟମ ଏକ୍ସ(ଟୁଇଟର) ଏ ପର୍ଯ୍ୟନ୍ତ ଏହି ନୈତିକବୋଧକୁ ଗ୍ରହଣ କରିପାରିନାହିଁ। ଏକ୍ସର ବ୍ୟବସାୟିକ ନୈତିକତାରେ ଅଜ୍ଞତା ତୁଳନାରେ ଅହଂକାର ଅଧିକ ଥିବା ମନେ ହେଉଛି। ଏହି ଆଭିମୁଖ୍ୟ ଯୋଗୁଁ ଅତୀତରେ ଏହି ସଂସ୍ଥା ତା'ର ମୂଳ ଦେଶ ଆମେରିକା ସରକାରଙ୍କ ଦ୍ୱାରା କଟକଣାର ସମ୍ମୁଖୀନ ହୋଇଥିବା ବେଳେ ଭାରତ ସରକାର ମଧ୍ୟ ତାଗିଦ କରିଥିଲେ। ବାରମ୍ବାର ତାଗିଦା ସତ୍ତ୍ୱେ ଏକ୍ସ(ପୂର୍ବର ଟୁଇଟର) ଚେତୁ ନାହିଁ; ବରଂ ଭାରତୀୟ ଆଇନ କାନୁନ୍‌କୁ ଆହ୍ୱାନ ଦେବା ଭଳି ଆଭିମୁଖ୍ୟ ପୋଷଣ କରୁଛି।

ସାମ୍ପ୍ରତିକ ଡିଜିଟାଲ୍ ଗଣମାଧ୍ୟମ ଯୁଗରେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟସ୍‌ଆପ୍, ଟେଲିଗ୍ରାମ୍, ଏକ୍ସ ଆଦି ସାମାଜିକ ଗଣମାଧ୍ୟମ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ସେମାନଙ୍କ ଅର୍ଥାଗମ ଓ ପ୍ରତିପତ୍ତି ମଧ୍ୟ କମ୍ ନୁହେଁ। ଅର୍ଥ ଓ ପ୍ରତିପତ୍ତି ବଳରେ ସେମାନେ ବିଭିନ୍ନ ସମୟରେ ସାମାଜିକ ବିରୋଧୀ ତତ୍ତ୍ୱମାନଙ୍କର ପ୍ରରୋଚନାରେ ବିଭ୍ରାନ୍ତିକର ଖବର, ଫଟୋ ଓ ଭିଡିଓର ଉଦ୍ଦେଶ୍ୟମୂଳକ ଭାବେ ପ୍ରଚାର ପ୍ରସାର କରିଆସୁଛନ୍ତି, ଯାହାର ପ୍ରଭାବ ଦେଶର ଏକତା, ସ୍ଥିରତା, ଅଖଣ୍ଡତା ଓ ସାର୍ବଭୌମତା ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ସାମାଜିକ ଗଣମାଧ୍ୟମର ମନମୁଖି ଖବର ପ୍ରସାରଣକୁ ନିୟନ୍ତ୍ରଣ ପାଇଁ ଭାରତ ସରକାର 'ସୂଚନା ପ୍ରଯୁକ୍ତି ଆଇନ-୨୦୦୦' ଆଣିଛନ୍ତି। ଭାରତ ମାଟିରେ ସକ୍ରିୟ ରହିବାକୁ ହେଲେ ସଂସ୍ଥାଙ୍କୁ ଉପରୋକ୍ତ ଆଇନ ଅନୁଯାୟୀ ପଞ୍ଜୀକୃତ ହେବା ବାଧ୍ୟତାମୂଳକ। ଆଇନର ଧାରା ୭୯(୩)(ଖ) ଅନୁଯାୟୀ ଯେକୌଣସି ଆପତ୍ତିମୂଳକ ଖବର/ଫଟୋ/ଭିଡିଓକୁ ହଟାଇବା ପାଇଁ ସରକାର ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇପାରିବେ; ଏପରିକି ସଂସ୍ଥାର କାରବାରକୁ ରଦ୍ଦ କରିପାରିବେ। ସେହିଭଳି ୨୦୨୧ର ଡିଜିଟାଲ୍ ମିଡିଆ ନୀତି ମାର୍ଗଦର୍ଶିକା(କୋଡ୍ ଅଫ୍ ଏଥିକ୍ସ)ରେ ବିଭିନ୍ନ ପ୍ରତିକାର ଓ କଟକଣା ବ୍ୟବସ୍ଥା ରହିଛି। କେବଳ ଏକ୍ସକୁ ଛାଡ଼ିଦେଲେ ଅନ୍ୟ ସବୁ ସାମାଜିକ ଗଣମାଧ୍ୟମ ସଂସ୍ଥା ନୂଆ ଆଇଟି ଆଇନ୍‌କୁ ଅନୁପାଳନ କରିଛନ୍ତି। ଆମେରିକାରେ ସାମାଜିକ ଗଣମାଧ୍ୟମ କଟକଣାକୁ ଏକ୍ସ ମାନିଥିବା ବେଳେ ବାକ୍ ସ୍ୱାଧୀନତା ଆଳ ଦେଖାଇ ଭାରତୀୟ ଆଇନକୁ ଆହ୍ୱାନ ଦେଇଆସୁଛି ଏବଂ ବିଭିନ୍ନ ସମୟରେ ଆଇନ ଅଦାଲତର ଦ୍ୱାରସ୍ଥ ହେଉଛି। ସଦ୍ୟତମ ଘଟଣାରେ ଆଇଟି ଆଇନ୍ ଧାରା ୭୯ ଆଧାରରେ ଭାରତର ପ୍ରଶାସନିକ ଅଧିକାରୀ କୌଣସି ବିଷୟବସ୍ତୁକୁ ହଟାଇ ପାରିବେ ନାହିଁ ବୋଲି ଏକ୍ସ ଯୁକ୍ତି ଦର୍ଶାଇଛି ଏବଂ ସମ୍ବିଧାନର ବାକ୍ ସ୍ୱାଧୀନତା ଧାରାକୁ କାଠଗଡ଼ା ଭିତରକୁ ଟାଣିଛି।

ଏକ୍ସ ଦ୍ୱାରା ଆଗତ ଅଭିଯୋଗ ଆଧାରିତ ଆବେଦନର ବିଚାର ଅବସରରେ ଅଦାଲତ ଏକ୍ସକୁ ସ୍ପଷ୍ଟ ଭାବେ କହିଛନ୍ତି ଯେ ଭାରତରେ ବ୍ୟବସାୟ କରିବାକୁ ହେଲେ ଦେଶର ଆଇନ କାନୁନ୍ ମାନିବାକୁ ଏବଂ ସରକାରଙ୍କ 'ସହଯୋଗ' ପୋର୍ଟାଲ୍‌ରେ ପଞ୍ଜିକୃତ ହେବାକୁ ବାଧ୍ୟ। କାର୍ଯ୍ୟ ପରିସର ଯେତେ ବ୍ୟାପକ ଏବଂ ପ୍ରସାରଣ ଦକ୍ଷତା ଯେତେ ଉନ୍ନତ ହେଉ ନା କାହିଁକି ସାମାଜିକ ଗଣମାଧ୍ୟମ ଉପରେ କଟକଣା ରହିବା ଜରୁରୀ। ଆଇନର ଉଲ୍ଲଙ୍ଘନ ଏକ ଅପରାଧ ଏବଂ ଏଥିପାଇଁ ଦଣ୍ଡବିଧାନ ଭୋଗିବାକୁ ହେବ। ସର୍ବୋପରି ସାମାଜିକ ଗଣମାଧ୍ୟମ ଉପରେ ଅଙ୍କୁଶ ଜରୁରୀ। ଏକ୍ସ ଏହା ଯଥାଶୀଘ୍ର ମାନି ନେଉ।

# ନିରୀହ କରମର୍ଦ୍ଦନର ଅସ୍ପଷ୍ଟ ଆର୍ତ୍ତନାଦ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ଦୁବାଇରେ ଅନୁଷ୍ଠିତ ଏସିଆ କପ୍ କ୍ରିକେଟ ମ୍ୟାଚ୍‌ରେ ଭାରତର ଅଧିନାୟକ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଆମ ନବପ୍ରଜନ୍ମର ଧୁରନ୍ଧର ଖେଳାଳିମାନେ ପ୍ରତିପକ୍ଷ ପାକିସ୍ତାନକୁ ଏକ ଲଜ୍ଜାକର ପରାଜୟର ତିକ୍ତସ୍ୱାଦ ଦେବା ଯେତିକି ଆମ ଦେଶର କ୍ରିକେଟ-ଅନ୍ଧଭକ୍ତମାନଙ୍କୁ ନୃତ୍ୟୋନ୍ମତ୍ତ କରିଥିଲା, ତା'ଠାରୁ କାହିଁ କେତେଗୁଣ ଅଧିକ ତିକ୍ତତା, ଉଦ୍ଦାମତାର ସହ ସେମାନଙ୍କୁ ନୃତ୍ୟୋନ୍ମତ୍ତ କରିଥିଲା 'କରମର୍ଦ୍ଦନ-ବର୍ଜନ'ର ସେହି ସଂକ୍ଷିପ୍ତ ଅଥଚ ଅତି ରୋମାଞ୍ଚକ ନାଟ୍ୟାଭିନୟ ଗୋଟିକ। ଏ ନାଟକର ସୂତ୍ରଧର ଯିଏ ବା ଯେଉଁମାନେ, ସେମାନେ ଥିଲେ ନେପଥ୍ୟରେ, କିନ୍ତୁ ନାୟକ ଭୂମିକା ବେଶ୍ ପାରଙ୍ଗମତାର ସହ ତୁଲାଇଥିଲେ ଅଧିନାୟକ ସୂର୍ଯ୍ୟ। 'ଭାରତମାତା'ଙ୍କ ସ୍ତୁତି, ସ୍ତବ ଓ ବନ୍ଦାପନାକୁ ସର୍ବମହତ୍ତ୍ୱ ଦେଉଥିବା ଆବେଶାକ୍ରାନ୍ତ ସହସ୍ରାଧିକ ଦର୍ଶକମାନଙ୍କ ଆଗରେ ଆମ ଅଧିନାୟକ ଓ ଖେଳାଳିମାନେ ସେମାନଙ୍କ ଉର୍ଜସ୍ୱଳ ଦେଶପ୍ରେମର ନିଆରା ପ୍ରମାଣ ଦେଲେ ଏବଂ ଆମ ପରି ନଛୋଡ଼ବନ୍ଧା ଦେଶପ୍ରେମୀମାନଙ୍କ ଅକୁଳାନ ଚିତ୍ତରଂଜନ ମଧ୍ୟ କଲେ ଦୁବାଇର ଚକାଚକ୍ କ୍ରୀଡ଼ା ପ୍ରାଙ୍ଗଣରେ। ଭଦ୍ର, ସୁଶୀଳ ଓ କୋମଳ ଆବେଗାସିକ୍ତ 'କରମର୍ଦ୍ଦନ' ରୂପକ ଭାବପ୍ରକାଶନୀ ଅଙ୍ଗବିନ୍ୟାସର ଏତାଦୃଶ ଦୟନୀୟ ପରାଭବର ବିଜୟୋତ୍ସବ ପାଳନ କଲେ ଆମେ।

ମାତ୍ର ଚାରିଦିନର ସ୍ୱଳ୍ପ ଅବଧିରେ ଅକାଳ-ସମାପ୍ତି ଭୋଗ କରିଥିବା 'ଅପରେସନ୍ ସିନ୍ଦୂର'ରେ ଚିରଶତ୍ରୁ ପାକିସ୍ତାନର ଦୟନୀୟ ପରାଭବକୁ ଠିକଣା ରଙ୍ଗଢଙ୍ଗରେ ପାଳନ କରି ପାରିନଥିବା ଦେଶପ୍ରେମୀମାନେ ଅତିଶୟ ତୃପ୍ତ ହେଲେ ଅବଶ୍ୟ। କିନ୍ତୁ ଆମ ଦେଶ ଓ ବାହାର ଦେଶମାନଙ୍କରେ ସଦାଜାଗତିଆର ସହସ୍ରାଧିକ କ୍ରିକେଟ୍-ପ୍ରେମୀ ବିଶେଷଜ୍ଞମାନେ ମାନବୀୟ ଭାବୋଚ୍ଛ୍ୱାସର ଅତି ସଂକ୍ଷିପ୍ତ ଇସ୍ତାହାର ଏହି ନମ୍ର 'କରମର୍ଦ୍ଦନ' ପ୍ରତି ଏହା ଏକ ନିଷ୍ଠୁର ଅବିଚାର ବୋଲି କହି ଏକପ୍ରକାର ଅଛିଣ୍ଡା ବିବାଦଟିଏ ସୂତ୍ରପାତ କରିଦେଲେ। ତେଣୁ ଏ ଲେଖକ ପରି ବହୁ ନିରୋଳା ଦେଶପ୍ରେମୀ ଏବେ ଭାବିବାକୁ ବାଧ୍ୟ ହେଉଛନ୍ତି ଯେ ଆମ ରାଜନୀତି, ଆମ ଦେଶପ୍ରେମ, ଆମ କ୍ରିକେଟ୍-ପ୍ରେମ ଆଦିର ରଡ ଗଦ୍ୟାତ୍ମକ ଆବାହାୱାର ସଂସ୍ପର୍ଶରେ 'କରମର୍ଦ୍ଦନ' ପରି ମୃଦୁଭାବରସାଣିତ କବିତାଟି ଯଦି ଜମା ଆସି ନଥା'ନ୍ତା, ତେବେ ବୋଧହୁଏ ସହସ୍ରଗୁଣ ପ୍ରୀତିପଦ ହୋଇଥା'ନ୍ତା ସେ ଦିନର କ୍ରିକେଟ୍ ରଣାଙ୍ଗନରେ ପାକିସ୍ତାନ ବିପକ୍ଷରେ ଆମର ଏ ବିଜୟ। ଅସିମ ମୁନୀରଙ୍କ 'ଡଂପ୍ ଟ୍ରକ୍- ପାକିସ୍ତାନ' ପାଇଁ 'ମର୍‌ସିଡିଜ୍-ଭାରତ'ର ଏହି ପ୍ରଚଣ୍ଡ କ୍ରିକେଟାଘାତଟି ବି ହୋଇଥା'ନ୍ତା ସହସ୍ରଗୁଣ ବେଦନାଦାୟକ। ତେବେ, 'କରମର୍ଦ୍ଦନ-ବର୍ଜନ' ନାଟକ ସମ୍ପର୍କରେ ପକ୍ଷବାଦୀ ଓ ବିପକ୍ଷବାଦୀମାନେ ଯାହା ମତମନ୍ତବ୍ୟ ଦିଅନ୍ତୁ ନା କାହିଁକି, ଗୋଟିଏ କଥା କିନ୍ତୁ ଅବିସମ୍ବାଦିତ ସତ୍ୟ ଯେ 'କରମର୍ଦ୍ଦନ' ଏକ ଅର୍ଥହୀନ ଆଚରଣ ନୁହେଁ, ବରଂ ଏକ ନିର୍ଦ୍ଦୋଷ ଉପଚାର, ଯାହାର ଐତିହାସିକ, ସାଂସ୍କୃତିକ ଓ ମନୋବୈଜ୍ଞାନିକ ମୂଲ୍ୟ, ଆବେଦନ ଓ ଉପାଦେୟତା ସବୁକାଳେ ବହୁସ୍ୱୀକୃତ।

ଉଲ୍ଲେଖନୀୟ ଯେ 'କରମର୍ଦ୍ଦନ' ରୂପକ ସହଜ ଅଙ୍ଗବିନ୍ୟାସଟି ପ୍ରଥମେ ବ୍ୟବହୃତ ହୋଇଥିଲା ଏକ ସଂକେତ ଭାବରେ। ଶତ୍ରୁଭାବାପନ୍ନ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଯେତେବେଳେ ପରସ୍ପର ମଧ୍ୟରେ ସଖ୍ୟଭାବ ସ୍ଥାପନ କରିବା ପାଇଁ ଆଗେଇ ଆସୁଥିଲେ, ସେତେବେଳେ ଜଣେ ଅନ୍ୟ ଜଣଙ୍କ ସହ କରମର୍ଦ୍ଦନ କରି ସ୍ପଷ୍ଟ ସଂକେତ ଦେଉଥିଲେ ଯେ ଉଭୟଙ୍କ କରପଲ୍ଲବ ଦୁଇଟି ଅସ୍ତ୍ରଶୂନ୍ୟ। ପରବର୍ତ୍ତୀ କାଳରେ କରମର୍ଦ୍ଦନ ଏକ ବ୍ୟାପକ ଅର୍ଥବହ, ବ୍ୟାପକ ଭାବସଂଚାରି ସଂକେତ ଭାବରେ ଆଦୃତ ହେବା ଆରମ୍ଭ କଲା। ଏହା ହେଲା ବିଶ୍ୱାସ, ବିଶ୍ୱସ୍ତତା, କପଟଶୂନ୍ୟ ପାରସ୍ପରିକ ସୌହାର୍ଦ୍ଦ୍ୟ, ବୁଝାମଣା ତଥା ସହମତି ଓ ଅନ୍ତରଙ୍ଗତାର ଏକ ମାର୍ମିକ ପ୍ରତୀକ। କୂଟନୈତିକ ଦପ୍ତରମାନଙ୍କର ଆଶାଆଶଙ୍କା ପିଚ୍ଛିଳ ପରିବେଶ ହେଉ କି କର୍ପୋରେଟ୍ ଦପ୍ତରମାନଙ୍କର ଭାବଗମ୍ଭୀର ପରିବେଶ ହେଉ, ଏପରିକି ରଣକ୍ଷେତ୍ରରେ ସାମୟିକ ଅସ୍ତ୍ରବିରତିର ଉଲ୍ଲାସକ ପରିବେଶ ହେଉ, ସବୁଠି ଅନୁସୃତ ହୋଇଥାଏ ଏହି କରମର୍ଦ୍ଦନ ପରମ୍ପରା। ପ୍ରତ୍ୟେକ କ୍ରୀଡ଼ା ପ୍ରତିଯୋଗିତାର ଆରମ୍ଭ ଓ ସମାପନ ତ ନିଶ୍ଚିତ ଭାବେ ହୋଇଥାଏ 'କରମର୍ଦ୍ଦନ' ପର୍ବରେ। ଏ କ୍ଷେତ୍ରରେ ଯେଉଁ ବ୍ୟତିକ୍ରମମାନ ଆମେ ଦେଖିଛେ, ସେ ସବୁ ନିରୋଳା ଉପକ୍ରମ ମାତ୍ର।

ଏହା ମଧ୍ୟ ସତ୍ୟ ଯେ କରମର୍ଦ୍ଦନ-ରୂପକ ଅଙ୍ଗବିନ୍ୟାସଟିର ପବିତ୍ରତା ସବୁବେଳେ ଅତୁଟ ରହିନଥାଏ କି ନିର୍ଭେଜାଲ ହାର୍ଦ୍ଦିକତାର ସଂକେତ ବହନ କରିନଥାଏ। ଦୁର୍ଭାଗ୍ୟଜନକ ହେଉଛି ଯେ ଅନ୍ୟଥା ନିର୍ଦ୍ଦୋଷ, ନିରୀହ ଏହି କରମର୍ଦ୍ଦନ ଅନେକ ସମୟରେ ଶଠତା ଓ କପଟାଚାର ଉପରେ ଆବରଣଟିଏ ଢାଙ୍କିଦେବା ପାଇଁ ନ୍ୟସ୍ତସ୍ୱାର୍ଥୀମାନଙ୍କୁ ସୁଯୋଗ ଦେଇଥାଏ। କରମର୍ଦ୍ଦନ ବା 'ହ୍ୟାଣ୍ଡସେକ୍' ତେଣୁ 'ହାର୍ଟସେକ୍'ର ଦୁର୍ନାମ ମୁଣ୍ଡାଇଥାଏ।

୧୯୩୮ ମସିହାରେ ଇଂଲଣ୍ଡର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ନେଭିଲ୍ ଚେମ୍ବରଲେନ୍ 'ହଲୋକଷ୍ଟ' ପରି ଇହୁଦୀ ନରସଂହାରର ବର୍ବର ରଚୟିତା ହିଟ୍‌ଲରଙ୍କ କରମର୍ଦ୍ଦନ କରି ଫେରି ଆସିଲେ ଲଣ୍ଡନ ଓ ଘୋଷଣା କରିଦେଲେ- 'ଏଣିକି ଶାନ୍ତିର ଉଷାଲୋକରେ ଆମର ବିଶ୍ୱ ପ୍ଲାବିତ ହେବ'। କିନ୍ତୁ ଚେମ୍ବରଲେନ୍‌ଙ୍କ ସେ ସତ୍ ଉଦ୍ଦେଶ୍ୟ-ପ୍ରଣୋଦିତ କରମର୍ଦ୍ଦନ ଇତିହାସର କଳାପୃଷ୍ଠାରେ ସ୍ଥାନ ନେଇଗଲା ହିଟଲର୍ ପରି ଜଣେ ନରାଧମର ତୁଷ୍ଟିକରଣର ଲଜ୍ଜାକର ନମୁନା ଭାବରେ। ମାତ୍ର ୧୯୯୩ ମସିହାରେ ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ସସ୍ନେହ ଅନୁରୋଧ ରକ୍ଷା କରି 'ହ୍ୱାଇଟ୍ ହାଉସ୍'ର ସୁରମ୍ୟ ପ୍ରାଙ୍ଗଣରେ ପରସ୍ପରର କରମର୍ଦ୍ଦନ କରିଥିଲେ ପାଲେଷ୍ଟାଇନ୍‌ର ବିପ୍ଳବୀ ନେତା ୟାସେର୍ ଆରାଫତ୍ ଓ ଇସ୍ରାଏଲର ପ୍ରଧାନମନ୍ତ୍ରୀ ଇଟ୍‌ଝାକ୍ ରାବିନ୍। ଅଳ୍ପ କେଇଟି ବର୍ଷ ବା ମାସ ହେଉ ପଛେ, ଚିରବିକ୍ଷୁବଧ୍ ମଧ୍ୟପ୍ରାଚ୍ୟରେ ବିରାଜମାନ କରିଥିଲା ଶାନ୍ତିର ବାତାବରଣ। ୧୯୪୭ ମସିହାରେ ପରସ୍ପରର କରମର୍ଦ୍ଦନ କରିଥିଲେ ମହାତ୍ମା ଗାନ୍ଧୀ ଓ ଲର୍ଡ ମାଉଣ୍ଟ ବ୍ୟାଟେନ। ସେ କରମର୍ଦ୍ଦନ ଥିଲା ସ୍ୱାଧୀନତା ସୂର୍ଯ୍ୟାଲୋକର ପ୍ରତୀକ ଏବଂ ଔପନିବେଶିକ ଶାସନରେ କ୍ଷତାକ୍ତ କୋଟି କୋଟି ଭାରତୀୟଙ୍କ ଉଦାରତା, କ୍ଷମାଶୀଳତା ଏବଂ ଅହିଂସ, ବିଦ୍ୱେଷହୀନ ଭ୍ରାତୃତ୍ୱବୋଧର ପ୍ରତୀକ ମଧ୍ୟ। ଅନ୍ୟ ଦୁଇଟି ପ୍ରଖ୍ୟାତ ଅଥଚ ବିଡ଼ମ୍ବିତ କରମର୍ଦ୍ଦନର ଅବସର ଆସିଥିଲା ଦୀର୍ଘ ୫୨ ବର୍ଷ ପରେ। ୧୯୯୯ ମସିହାରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ 'ଲାହୋର-ବସ୍' ଯାତ୍ରାରେ ଲାହୋରରେ ପହଞ୍ଚି ପାକିସ୍ତାନର ସାମରିକ ଶାସକ ପର୍‌ଭେଜ୍ ମୁସାରଫଙ୍କ ସହ ସହର୍ଷ କରମର୍ଦ୍ଦନ କରିଥିଲେ ଏବଂ ତା'ର ଦୁଇବର୍ଷ ପରେ 'ଆଗ୍ରା ଶିଖର ସମ୍ମିଳନୀ'ରେ ମଧ୍ୟ ଅନୁରୂପ ଭାବରେ ଆପଣାର ସ୍ୱଭାବ ସୁଲଭ ଆତ୍ମୀୟତା ପ୍ରକାଶ କରି କରମର୍ଦ୍ଦନ କରିଥିଲେ ମୁସାରଫଙ୍କ ସହ। ହେଲେ ନିଷ୍ଫଳ ହୋଇଥିଲା ବାଜପେୟୀଙ୍କ ସତ୍ ଅଭିପ୍ରାୟ। କୁଟିଳ ମୁସାରଫ୍ ଦୁଇଥର ଯାକ ପ୍ରଶସ୍ତ ହସ ହସି ହାତ ମିଳାଇ ଥିଲେ ଶାନ୍ତିକାମୀ ବାଜପେୟୀଙ୍କ ସହ ଏବଂ ପ୍ରମାଣ କରିଦେଇଥିଲେ ଯେ ଜଣେ ହସିପାରେ ଏବଂ ସୈତାନ ପରି କପଟାଚାରୀ ହୋଇପାରେ ଏକା ସାଙ୍ଗରେ। ଏହି ଦୁଇଟି ଯାକ ଆପାତତଃ ପ୍ରତିଶ୍ରୁତି-ଗର୍ଭିତ କରମର୍ଦ୍ଦନର କରୁଣ ମରଣ ଆମେ ପ୍ରତ୍ୟକ୍ଷ କଲେ ଖୁବ୍ ଶୀଘ୍ର-ସେହି ମୁସାରଫଙ୍କ ଦ୍ୱାରା ପ୍ରାୟୋଜିତ 'କାର୍‌ଗିଲ୍'ର ରଣାଙ୍ଗନରେ।

ତେବେ ମୁସାରଫଜାତୀୟ ରାଜନେତାମାନଙ୍କ ସହ ସଦିଚ୍ଛା-ରଞ୍ଜିତ କରମର୍ଦ୍ଦନ ସର୍ବଦା ନିରର୍ଥକ ବୋଲି ବହୁପୂର୍ବରୁ ଜଣାଇ ସାରିଥିଲେ ଲୌହ-ମାନବୀ ଇନ୍ଦିରା ଗାନ୍ଧୀ। ଥରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ୟାହିଆ ଖାଁ ଇନ୍ଦିରାଙ୍କ ସହ କରମର୍ଦ୍ଦନ କରିବାର ଅଭିପ୍ରାୟ ପୋଷଣ କରି ଆଗେଇ ଆସୁଥିବା ବେଳେ ଆପଣାର ଶାଣିତ ବୁଦ୍ଧିମତ୍ତା ଓ ପ୍ରତ୍ୟୁତ୍ପନ୍ନମତିତା ତତ୍‌କାଳ ପ୍ରକାଶ କରି କହିଥିଲେ ସେ - 'ନୋ ୱାନ କ୍ୟାନ ସେକ୍ ହ୍ୟାଣ୍ଡସ୍ ଉଇଥ୍ ଏ କ୍ଲେନଚଡ୍ ଫିଷ୍ଟ' (ମୁଦ୍ରାବଦ୍ଧ ମୁଷ୍ଟି ସହିତ କେହି କେବେ ହାତ ମିଳାଇ ନପାରେ)। କେବଳ କୂଟନୀତି ନୁହେଁ, ସାର୍ବଜନୀନ କ୍ଷେତ୍ରରେ ମଣିଷ-ମଣିଷ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା ପାଇଁ ଆଗଭର ହେବାବେଳେ ଆମେ ଇନ୍ଦିରାଙ୍କ ଏହି ଆପ୍ତବାକ୍ୟ ଭଳି ମହତ୍ତ୍ୱପୂର୍ଣ୍ଣ ଉଚ୍ଚାରଣଟିକୁ ପ୍ରଥମେ ସ୍ମରଣ କରିବା ଖୁବ୍ ଆବଶ୍ୟକ ନିଶ୍ଚୟ।

ରାଜନୈତିକ ଓ କୂଟନୈତିକ ଆବଶ୍ୟକତା ବା ବାଧ୍ୟବାଧକତା ଦୃଷ୍ଟିରୁ ବହୁଦିନ ତଳୁ କରମର୍ଦ୍ଦନ ପ୍ରାୟତଃ ଏକ ରୁଟିନବନ୍ଧା ଆଚରଣ ହୋଇସାରିଛି- ତେଣିକି ଏହା ନିର୍ମଳ ଭାବପ୍ରେରିତ ହେଉ ବା ବିଶୁଦ୍ଧ ଛଳନାମଖା ହେଉ। ଏବେ ଆମେରିକାର ଟ୍ରମ୍ପ ମହାଶୟ ଏ ଶିଷ୍ଟଶାଳୀନ କରମର୍ଦ୍ଦନକୁ ପରିଣତ କରିଦେଇ ସାରିଲେଣି ଏକପ୍ରକାର କରକର୍ଷଣ ବା କରପେଷଣ ଭାବରେ। ଏ ଦୁର୍ବିନୀତ ମଣିଷ ଜଣକ ସହ ହାତ ମିଳାଇବାର ଦୁଃସାହସ କରିବା ବେଳେ କେତେକେତେ ବିଶ୍ୱସ୍ତରୀୟ ନେତା, ଉପନେତାଙ୍କ ଅସ୍ପଷ୍ଟ ଆର୍ତ୍ତନାଦ ଆମ ପାଇଁ ଏକ ହାସ୍ୟୋଦ୍ଦୀପକ ପରିବେଶ ସୃଷ୍ଟି କରିଥାଏ।

ଶୁଭବୁଦ୍ଧିସଂପନ୍ନ ସଚେତନ ବ୍ୟକ୍ତିବିଶେଷମାନଙ୍କ ସ୍ପଷ୍ଟ ମତ ହେଉଛି - 'ପ୍ରତ୍ୟେକ ଖେଳର ଅନ୍ତଃସ୍ୱର ହେଉଛି ଶାନ୍ତି, ସଂହତି ଓ ସଦ୍‌ଭାବନା। ଆଦର୍ଶସ୍ଥାନୀୟ 'ଖେଳୁଆଡ଼ ମନୋବୃତ୍ତି' ପ୍ରତ୍ୟକ୍ଷରେ ବା ପରୋକ୍ଷରେ ଏହି ମୂଲ୍ୟବୋଧ ସବୁର ପରିପୋଷଣ କରିଥାଏ'। ଏହି ମତ ଆମକୁ ଚେତାଇ ଦେଇଥାଏ ଯେ ପ୍ରତ୍ୟେକ କ୍ରୀଡ଼ାପ୍ରତିଯୋଗିତା, ସେ ବିଶ୍ୱସ୍ତରୀୟ ବା ଆଞ୍ଚଳିକ ହେଉ, ସର୍ବଦା ସମସ୍ତ ପ୍ରକାର ଉଗ୍ର, ରକ୍ଷଣଶୀଳ ନୀତି, ଆଦର୍ଶ ଓ ରାଜନୀତିଠାରୁ ନିରାପଦ ଦୂରତାରେ ରହିବା ଆମ ସଭ୍ୟତା ପାଇଁ ଓ ବିଶ୍ୱ ପାଇଁ ଶୁଭଙ୍କର।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ସବୁଜ-ସୁନାର ଉପଯୋଗିତା

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ବହୁମୁଖୀ ବ୍ୟବହାର, ଉପାଦେୟତା ଏବଂ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ବାଉଁଶକୁ ସବୁଜ ସୁନା କୁହାଯାଏ। ଅଥଚ ସେ ଦିଗରେ ପର୍ଯ୍ୟାପ୍ତ ସଚେତନତା ସୃଷ୍ଟି ହୋଇପାରିନାହିଁ। ଚୀନ୍ ପରେ ଭାରତ ଦ୍ୱିତୀୟ ବୃହତ୍ତମ ବାଉଁଶ ଉତ୍ପାଦନକାରୀ ଦେଶ। ତଥାପି ରପ୍ତାନିରେ ଆମେ ଚୀନ୍ ଠାରୁ ବହୁତ ପଛରେ। ବ୍ରିଟିଶ ସରକାର ଅମଳରେ ବାଉଁଶକୁ ଏକ ଉଦ୍ଭିଦ ଭାବରେ ବର୍ଗୀକୃତ କରି ଏହାର ଚାଷ ଓ ଅମଳ ଉପରେ ପ୍ରତିବନ୍ଧକ ଲାଗୁ ହୋଇଥିଲା। ଜାତୀୟ ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ପରିବେଶ ସୁରକ୍ଷା ଦେବାରେ ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ସରକାର ୨୦୧୭ରେ ବାଉଁଶକୁ ଏକ ଚାଷୋପଯୋଗୀ ଫସଲ ଭାବରେ ପୁନଃବର୍ଗୀକୃତ କରିଥିଲେ। ଏହା ସାରା ଦେଶରେ ବାଉଁଶ ଚାଷ ଓ ଶିଳ୍ପର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଭଳି ରାଜ୍ୟ ଏହି ପଦକ୍ଷେପକୁ ପୁଞ୍ଜିକୃତ କରିଥିଲେ ଏବଂ ବାଉଁଶରୁ ବିଭିନ୍ନ ଉତ୍ପାଦ ଉତ୍ପାଦନ ପାଇଁ ଯୋଜନା ଆରମ୍ଭ କରିଥିଲେ, ଯାହା ଦ୍ରୁତ ଗତିରେ ରପ୍ତାନି ସମ୍ଭାବନା ବୃଦ୍ଧି କରିଥିଲା।

ବାଉଁଶ ଚାଷ ବହୁମୁଖୀ। ଏହା ଜଳକୁ ବିଶୋଧନ କରିବା ସହିତ ବାୟୁକୁ ବିଶୁଦ୍ଧ କରେ ଏବଂ ମାଟି କ୍ଷୟକୁ ହ୍ରାସ କରେ। ଏହା ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରିବାରେ ସାହାଯ୍ୟ କରେ। ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିଛି ଯେ ବାଉଁଶ ଅନ୍ୟ ଗଛ ତୁଳନାରେ ୩୩ ପ୍ରତିଶତ ଅଧିକ ଅଙ୍ଗାରକାମ୍ଳ ଶୋଷଣ କରେ ଏବଂ ୩୫ ପ୍ରତିଶତ ଅଧିକ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼େ। ଏହାକୁ ଆୟୁର୍ବେଦିକ ବା ପ୍ରାକୃତିକ ଔଷଧରେ ମଧ୍ୟ ବ୍ୟବହାର କରାଯାଉଛି। ଏଥିସହିତ ଖେଳନା, ଆସବାବପତ୍ର, ପ୍ରସାଧାନ, କାଗଜ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ସୌନ୍ଦର୍ଯ୍ୟବର୍ଦ୍ଧକ, କୃଷି ଉପକରଣ ଓ ମନୋରଞ୍ଜନ ସାମଗ୍ରୀ ପ୍ରସ୍ତୁତିରେ ବାଉଁଶର ବ୍ୟବହାର ସାରା ବିଶ୍ୱରେ ଦ୍ରୁତଗତିରେ ବୃଦ୍ଧି ପାଉଛି। ବାଉଁଶ ତନ୍ତୁ ପ୍ରାକୃତିକ ଭାବରେ ଆଣ୍ଟିବ୍ୟାକ୍ଟେରିଆଲ ଏବଂ ଆର୍ଦ୍ରତା ଶୋଷଣ କରି ଚର୍ମକୁ ସୁରକ୍ଷିତ ଏବଂ ଆରାମଦାୟକ କରି ରଖୁଥିବାରୁ ବୟନ ଶିଳ୍ପରେ ଏହାର ଉପଯୋଗ ବଢ଼ିବାରେ ଲାଗିଛି। ଏହାଛଡ଼ା ପୋଲ, ସିଡ଼ି, ଟୋକେଇ ଓ ମ୍ୟାଟ୍ ତିଆରି ପାଇଁ ବାଉଁଶର ବ୍ୟବହାର ବଢ଼ୁଛି। ଏପରିକି ଜୈବ ଇନ୍ଧନ ଉତ୍ପାଦନ ପାଇଁ ମଧ୍ୟ ବାଉଁଶ ବ୍ୟବହାର କରାଯାଉଛି।

ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ ସରକାରମାନେ 'ଜାତୀୟ ବାଉଁଶ ମିଶନ ଅଧୀନ'ରେ ବାଉଁଶ ଶିଳ୍ପକୁ ପ୍ରୋତ୍ସାହନ ଦେଉଛନ୍ତି। ସ୍ଥାୟୀ ବିକାଶ ଏବଂ ପରିବେଶ ସୁରକ୍ଷା ପାଇଁ ଭବିଷ୍ୟତରେ ବାଉଁଶ ଭାରତର ସବୁଜ ସୁନା ପ୍ରମାଣିତ ହୋଇପାରେ। ବର୍ତ୍ତମାନ କେବଳ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ଦକ୍ଷିଣ ଭାରତର କିଛି ଅଞ୍ଚଳରେ ବାଉଁଶ ବହୁଳ ପରିମାଣରେ ଚାଷ କରାଯାଉଥିବା ବେଳେ ଅନ୍ୟ ଅଞ୍ଚଳକୁ ଏହାର ପରିବର୍ଦ୍ଧନ ପାଇଁ କେନ୍ଦ୍ର ସରକାର ୨୦୧୭ ରେ 'ଭାରତୀୟ ବନ ଆଇନ ୧୯୨୭'କୁ ସଂଶୋଧନ କରି ବାଉଁଶକୁ ଗଛ ପରିବର୍ତ୍ତେ ଘାସ ଭାବରେ ବର୍ଗୀକୃତ କରିଥିଲେ। ବାଉଁଶକୁ କମ ମୂଲ୍ୟର ଉଚ୍ଚ-ଅମଳକାରୀ ଘାସ ଭାବରେ ଜଙ୍ଗଲ ଓ ଶୁଷ୍କ ଅଞ୍ଚଳରେ ଚାଷ କରାଯାଇପାରିବ। ବିଶେଷଜ୍ଞଙ୍କ ମତରେ ବାଉଁଶ ସାଧାରଣତଃ ତିନିରୁ ଚାରି ବର୍ଷ ମଧ୍ୟରେ ଅମଳ ପାଇଁ ପ୍ରସ୍ତୁତ ହୁଏ। ଥରେ ଲଗାଗଲେ ଏହା ଚାଳିଶରୁ ପଚାଶ ବର୍ଷ ପର୍ଯ୍ୟନ୍ତ ଅମଳ ଦେଇପାରେ। ଅମଳ ପରେ ଏହା ପୁଣି ବଢ଼ିବା ଆରମ୍ଭ କରେ।

ବାଉଁଶ ଏପରି ଏକ ଉଦ୍ଭିଦ, ଯାହାର ପ୍ରତ୍ୟେକ ଅଂଶ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ। ପ୍ରାୟ ୧୩୬ପ୍ରଜାତିର ବାଉଁଶ ଅଛି, ଯାହା କଠୋର ପରିସ୍ଥିତିରେ ମଧ୍ୟ ବଢ଼ିପାରେ। କିନ୍ତୁ ସଚେତନତାର ଅଭାବ ଯୋଗୁଁ ଭାରତରେ ଏହାର ବାଣିଜ୍ୟିକ ବ୍ୟବହାର ଏପର୍ଯ୍ୟନ୍ତ ସୀମିତ। ଏହି ସମ୍ପର୍କରେ ତାଲିମ ଓ ସଚେତନତା ଚାଷୀଙ୍କ ଆୟ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଚୀନ ୧୯୮୦ ଦଶକରେ ବାଉଁଶ ଚାଷର ପ୍ରୟାସ କରିଥିଲା ଏବଂ ଆଜି ଏହା ସର୍ବାଧିକ ଆର୍ଥିକ ଲାଭ ଉପଭୋଗ କରୁଛି। ସେଠାରେ ୫୦ଲକ୍ଷ ହେକ୍ଟର ଜମିରେ ବାଉଁଶ ଚାଷ କରାଯାଏ। ଭାରତରେ ୧କୋଟି ହେକ୍ଟରରେ ବାଉଁଶ ଚାଷ ହେବା ସତ୍ତ୍ୱେ ଏହାର ବିବିଧତା ଓ ଉପଯୋଗିତା ବିଷୟରେ ସଚେତନତାର ଅଭାବ ଏବଂ ବଜାରୀକରଣ ଅସୁବିଧା ଯୋଗୁଁ ଆମେ ଏହାର ଉପଯୁକ୍ତ ଆର୍ଥିକ ଲାଭରୁ ବଞ୍ଚିତ।

ଯଦି ଭାରତୀୟ କୃଷି ଗବେଷଣା ପରିଷଦ ଏବଂ କୃଷି ବିଶ୍ୱବିଦ୍ୟାଳୟର ପ୍ରସାରଣ ଶିକ୍ଷା ଅଧୀନରେ ବାଉଁଶ ଉତ୍ପାଦନ ତାଲିମ୍‌କୁ ପରିବର୍ଦ୍ଧିତ କରାଯାଏ ତେବେ ବାଉଁଶ ଚାଷୀଙ୍କ ଆର୍ଥିକ ସଶକ୍ତୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ରାଜସ୍ଥାନର ରାଜସମନ୍ଦ ଜିଲ୍ଲାର ପିପଲାନ୍ତରି ଗାଁରେ ଗୋଚର ଜମିରେ ବାଉଁଶ ଚାଷ ଏବଂ ବାଉଁଶ ଉତ୍ପାଦନର ବିବିଧତା ଉପରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଛି। ସେଠାରେ ଅନେକ ପ୍ରକାରର ବାଉଁଶ ଚାଷ କରାଯାଏ।

ଯଦି ପରିବେଶ ଅନୁକୂଳ ବାଉଁଶ ଉତ୍ପାଦଗୁଡ଼ିକୁ ଅନୁର୍ବର ଓ ଗୋଚର ଜମିରେ ଚାଷ କରିବାକୁ ଉତ୍ସାହିତ କରାଯାଏ ତେବେ ଏହା ଭବିଷ୍ୟତରେ ବହୁତ ଭଲ ଫଳାଫଳ ଦେବ ଏବଂ ପ୍ଲାଷ୍ଟିକ୍‌ର ବିକଳ୍ପ ହୋଇପାରିବ। ଗ୍ରାମୀଣ ଜୀବିକା ନିର୍ବାହରେ ବାଉଁଶର ବ୍ୟବହାର ପାଇଁ ଏକ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ଅଛି। ଚୀନର ଉଦାହରଣ ଅନୁସରଣ ପୂର୍ବକ ଆମ ଦେଶରେ ଉପଲବ୍ଧ ବିପୁଳ ପରିମାଣର ଅନୁର୍ବର ଜମିକୁ ପୁନରୁଦ୍ଧାର କରି ଗ୍ରାମୀଣ ସମ୍ପ୍ରଦାୟର ଆୟକୁ ଉନ୍ନତ କରିବା ପାଇଁ ବାଉଁଶ ଚାଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ହୁଦୁଡ଼ ଦୁର୍ଗା ଭାବେ ପୂଜା ପାଆନ୍ତି ମହିଷାସୁର

**ଓଜସ୍ୱିନୀ**

## ବିଚିତ୍ର ବିଶ୍ୱାସ

*ପୂର୍ବପ୍ରକାଶିତ ଉତ୍ତାରୁ...*

ପଶ୍ଚିମବଙ୍ଗର ପଶ୍ଚିମ ମେଦିନାପୁର ଜିଲ୍ଲାର କେନ୍ଦାସୋଲ ସମେତ ଆଉ କେତେକ ଗାଁର ଅସୁର ଜନଜାତି ସପ୍ତମୀ ସନ୍ଧ୍ୟାଠାରୁ ଦଶମୀ ପର୍ଯ୍ୟନ୍ତ ମହିଷାସୁରଙ୍କ ଏକ ମୂର୍ତ୍ତି ନିର୍ମାଣ କରି 'ହୁଦୁଡ଼ ଦୁର୍ଗା' ଭାବେ ପୂଜା କରି ଆସୁଛନ୍ତି। ନବରାତ୍ରି ସମୟରେ ଏଠାରେ ଅନେକ ସ୍ଥାନରେ 'ମହିଷାସୁର ଶହାଦତ ଦିବସ' ପାଳିତ ହୋଇଥାଏ। ଅସୁର ଜନଜାତି ଏତେମାତ୍ରାରେ ମହିଷାସୁରଙ୍କୁ ଭକ୍ତି କରନ୍ତି ଯେ, ବିଗତ କିଛି ବର୍ଷ ଧରି ସେମାନେ ଦୁର୍ଗାଙ୍କ ହିଂସ୍ର ରୂପରେ ମହିଷାସୁର ବଧର ମୂର୍ତ୍ତିକୁ ବିରୋଧ କରୁଛନ୍ତି। କାରଣ ସେମାନଙ୍କ ମତାନୁସାରେ ଏହା ତାଙ୍କ ପୂର୍ବଜ ମହିଷାସୁରଙ୍କ ସହିତ ସମସ୍ତ ଅସୁର ସମ୍ପ୍ରଦାୟର ଅପମାନ। ସେମାନେ ଏ ସମ୍ପର୍କରେ ଅନେକ ଗଣମାଧ୍ୟମରେ ମଧ୍ୟ ସ୍ୱର ଉତ୍ତୋଳନ କରିଛନ୍ତି। ସମଗ୍ର ଭାରତରେ ପଶ୍ଚିମବଙ୍ଗରେ ଦୁର୍ଗାପୂଜା ସବୁଠାରୁ ଜାକଜମକରେ ଆୟୋଜନ ହେଉଥିଲେ ମଧ୍ୟ ଜଳପାଇଗୁଡ଼ି ଜିଲ୍ଲାସ୍ଥିତ ଅଲିପୁରଦୁଆରର ମାଝେରଡାବରି ଚା' ବଗିଚା ଅଞ୍ଚଳରେ ରହୁଥିବା ଅସୁର ଜନଜାତି ଦୁର୍ଗାପୂଜାର ୯ଦିନ ଶୋକ ପାଳନ କରିଥା'ନ୍ତି ଏବଂ କୌଣସି ଶୁଭ କାର୍ଯ୍ୟ କରିନଥା'ନ୍ତି।

କର୍ଣ୍ଣାଟକ ଓ ମୈସୁରରେ ମହିଷାସୁରଙ୍କ ବିଶାଳ ପ୍ରତିମା ସ୍ଥାନ ପାଇଛି। କୁହାଯାଏ ଯେ, ମୈସୁର ସହର(ମହିଷାସୁରାନା ଉରୁ- ଅର୍ଥାତ୍ ମହିଷାସୁରଙ୍କ ଦେଶ) ମହିଷାସୁରଙ୍କ ନାମାନୁଯାୟୀ ରଖାଯାଇଛି। କର୍ଣ୍ଣାଟକର ତଟବର୍ତ୍ତୀ ଅଞ୍ଚଳରେ ରହୁଥିବା କେତେକ ସମ୍ପ୍ରଦାୟ ସମ୍ପୂର୍ଣ୍ଣ ବିଧିବିଧାନର ସହ ମହିଷାସୁରଙ୍କ ପୂଜା କରିଥା'ନ୍ତି। ବିଭିନ୍ନ ସ୍ଥାନୀୟ ଲୋକକଥା ଅନୁସାରେ ମହିଷାସୁରଙ୍କୁ କୁଣ୍ଡୋଦରା, ମହିଷନ୍ଧା, ମେଷନ୍ଧା ଓ ନନ୍ଦିକୋନା ଆଦି ନାମରେ ଦେବତା ଭାବେ ପୂଜା କରାଯାଏ। ବିଶେଷ ଭାବେ ସେମାନେ ମଇଁଷିକୁ ପୂଜା କରିଥା'ନ୍ତି। ଏହି ସମ୍ପ୍ରଦାୟଙ୍କ ମଧ୍ୟରେ ଭୂତାରାଦନେ ଓ ଦେବରାଧନେ ନାମକ ଦୁଇଟି ପରମ୍ପରା ରହିଛି, ଯାହା ମାଧ୍ୟମରେ ସେମାନେ ଅଦ୍ୱିତୀୟ ଦେବତା ଓ ଭୂତପ୍ରେତ(ଆତ୍ମା)ଙ୍କୁ ପୂଜା କରିଥା'ନ୍ତି। ତେଣୁ



ପରମ୍ପରା ଅନୁସାରେ ସେମାନେ ମହିଷାସୁରଙ୍କୁ ତାଙ୍କର ଆଦିଦେବତା ଭାବେ ଦେବରାଧନେ ବିଧିରେ ପୂଜାର୍ଚ୍ଚନା କରିଥା'ନ୍ତି। ମୈସୁର ବ୍ୟତୀତ ମାଧବାଚାର୍ଯ୍ୟଙ୍କ ଦ୍ୱୈତ ଦର୍ଶନର ପୀଠ ଉଡୁପି ସ୍ଥିତ ଶ୍ରୀକୃଷ୍ଣ ମଠରେ ମଧ୍ୟ ଭୂତରାଜ ଭାବେ ମହିଷାସୁରଙ୍କୁ ପୂଜା କରାଯାଉଛି। ମଠ ପରିସରରେ ଥିବା ଅନନ୍ତେଶ୍ୱର ମନ୍ଦିରରର ରକ୍ଷକ ହେଉଛନ୍ତି ମହିଷାସୁର। ସ୍ଥାନୀୟ ମାନ୍ୟତା ଅନୁସାରେ ଯେଉଁମାନେ ମହିଷାସୁରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ନ ମାନନ୍ତି, ସେମାନଙ୍କ ପରିବାରରେ ବିଭିନ୍ନ ସମସ୍ୟା ଆସିଥାଏ। ତେଣୁ ସେମାନେ ମହିଷାସୁରଙ୍କୁ ଅନ୍ନ, ମୁଢ଼ି, ଫଳ, ନଡ଼ିଆ, ନଡ଼ିଆ ଚଅଁର, ଧୂପ, ଦୀପ, ଫୁଲ ଅର୍ପଣ କରିବା ସହିତ କୁକୁଡ଼ା ବଳି ଦେଇ ସନ୍ତୁଷ୍ଟ କରି ଆଶିଷ ଭିକ୍ଷା କରନ୍ତି। ଏହାପରେ ମହିଷାସୁରଙ୍କ ଆତ୍ମା ଜଣେ ବ୍ୟକ୍ତିଙ୍କ ଶରୀରରେ ପ୍ରବେଶ ହୋଇଥା'ନ୍ତି ଏବଂ ଅନେକ ପାରିବାରିକ ସମସ୍ୟା ନେଇ ଆସିଥିବା ଭକ୍ତମାନଙ୍କର ସମସ୍ୟାର ସମାଧାନ କରିଥା'ନ୍ତି। ଏହି ସମୟରେ ଉତ୍ତମ ପାରିବାରିକ ଓ ସାମାଜିକ ଚଳଣି ସମ୍ପର୍କିତ ଅନେକ ନୀତିନିୟମ ସମ୍ପର୍କରେ ସେ ଉପଦେଶ ମଧ୍ୟ ଦେଇଥା'ନ୍ତି। ଏହି ନିୟମଗୁଡ଼ିକ ଯେଉଁମାନେ ପାଳନ କରନ୍ତି ନାହିଁ, ସେମାନଙ୍କ ଉପରେ ମହିଷାସୁରଙ୍କ କୋପଦୃଷ୍ଟି ପଡ଼ିଥାଏ ଏବଂ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି ବୋଲି ବିଶ୍ୱାସ ରହିଛି। ତେବେ ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଈଶ୍ୱରୀୟ ସତ୍ତା ସହିତ ଆସୁରିକ ଶକ୍ତି ଉପରେ ଭକ୍ତମାନଙ୍କର ପ୍ରଗାଢ଼ ବିଶ୍ୱାସ କେବଳ ଭାରତରେ ହିଁ ସମ୍ଭବ। (ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରାଜନୈତିକ ହଟଚମଟ କରୁଛନ୍ତି ଏଜି: ବିଜେଡି

ଭୁବନେଶ୍ୱର,୨୫।୯ (ସମିସ): ମହାନଦୀ ଜଳ ବିବାଦ ଏକ କୃତ୍ରିମ ବିବାଦ ଭାବେ ସୃଷ୍ଟି କରାଯାଇଥିଲା ବୋଲି ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଦେଇଥିବା ମନ୍ତବ୍ୟ ଉପରେ କଡ଼ା ପ୍ରତିକ୍ରିୟା ଦେଇଛି ବିଜେଡି। ଏଜିଙ୍କ ମନ୍ତବ୍ୟ କେବଳ ରାଜନୈତିକ ହଟଚମଟ ପାଇଁ ଉଦ୍ଦିଷ୍ଟ । ଶ୍ରୀ ଆଚାର୍ଯ୍ୟଙ୍କ ହିସାବରେ ଯଦି ଏହା ଏକ କୃତ୍ରିମ ସମସ୍ୟା, ତାହେଲେ ବିଜେପି କ୍ଷମତାକୁ ଆସିବାର ପନ୍ଦର ମାସ ପରେ ମଧ୍ୟ ଏହାକୁ ସମାଧାନ କରିବା ପାଇଁ ସଫଳ ହୋଇପାରି ନାହିଁ କାହିଁକି ବୋଲି ପ୍ରଶ୍ନ କରିଛି ବିଜେଡି।

ବିଜେଡି ପକ୍ଷରୁ ଜାରି ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ.ଲେନିନ ମହାନ୍ତି କହିଛନ୍ତି ଯେ ଆଡଭୋକେଟ ଜେନେରାଲ ଗୋଟିଏ ସାମ୍ବିଧାନିକ ପଦବୀ । ସେହି ପଦବୀରେ ଥିବା ବ୍ୟକ୍ତିମାନେ ସାଧାରଣତଃ କୌଣସି ରାଜନୈତିକ ବକ୍ତବ୍ୟ ପ୍ରଦାନ କରନ୍ତି ନାହିଁ। ଶ୍ରୀ ଆଚାର୍ଯ୍ୟ ଆଜି ଦେଇଥିବା ବକ୍ତବ୍ୟ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଏହା ପୂର୍ବ ସରକାରଙ୍କ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ ପାଇଁ ଉଦ୍ଦିଷ୍ଟ। ଏହାଛଡା ଶ୍ରୀ ଆଚାର୍ଯ୍ୟଙ୍କ ବକ୍ତବ୍ୟରେ କୌଣସି ସତ୍ୟତା ନାହିଁ; ଶ୍ରୀ ଆଚାର୍ଯ୍ୟ ବକ୍ତବ୍ୟ ଅନୁସାରେ ଯଦି

- **ମହାନଦୀ ଜଳ ବିବାଦ ଯଦି କୃତ୍ରିମ, ତେବେ ସମାଧାନ ପାଇଁ ବିଳମ୍ବ କାହିଁକି**
- **ଆଚାର୍ଯ୍ୟଙ୍କ ମନ୍ତବ୍ୟ ଆଡଭୋକେଟ ଜେନେରାଲ ପଦର ଗରିମା କ୍ଷୁଣ୍ଣ କରିଛି**

ମହାନଦୀ ଜଳ ବିବାଦ କୃତ୍ରିମ ଥିଲା ତା ହେଲେ ସରକାର ପରିବର୍ତ୍ତନ ପରେ ସମସ୍ୟା ସମାଧାନ ପାଇଁ ଗୋଟିଏ ମିନିଟ ମଧ୍ୟ ଲାଗିବା ଉଚିତ ନୁହେଁ। କେବଳ ଓଡ଼ିଶାରେ ନୁହେଁ କେନ୍ଦ୍ରରେ ଓ ଛତିଶଗଡ଼ରେ ମଧ୍ୟ ବିଜେପି ସରକାର ଅର୍ଥାତ ଟ୍ରିପଲ ଇଞ୍ଜିନ ସରକାର ରହିଛି। ଏହାପରେ ମଧ୍ୟ ରାଜ୍ୟରେ ବିଜେପି ସରକାର ଆସିବା ପନ୍ଦର ମାସ ବିତିଯାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରି ନାହିଁ କାହିଁକି? ଏଥିରୁ ସ୍ପଷ୍ଟ ହେଉଛି ଯେ



ମହାନଦୀ ଜଳ ବିବାଦ କୃତ୍ରିମ ନ ଥିଲା। ଶ୍ରୀ ଆଚାର୍ଯ୍ୟଙ୍କ ଆଜିର ମନ୍ତବ୍ୟ କେବଳ ରାଜନୈତିକ ହଟଚମଟ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ। ଡ. ମହାନ୍ତି ଆହୁରି କହିଛନ୍ତି ଯେ କେବଳ ଦାମୀ ଓକିଲଙ୍କୁ ପୋଷିବା ପାଇଁ ମହାନଦୀ ଜଳ ବିବାଦ ସୃଷ୍ଟି କରାଯାଇଥିଲା ବୋଲି ଦେଇଥିବା ମନ୍ତବ୍ୟ ମଧ୍ୟ ହାସ୍ୟାସ୍ପଦ। ସେ ଆଡଭୋକେଟ ଜେନେରାଲ ପଦବୀ ଗ୍ରହଣ କରିବା ପରେ ରାଜ୍ୟର ଆଡଭୋକେଟ ଜେନେରାଲ ପାଉଥିବା ପାରିତୋଷିକକୁ ଅହେତୁକ ବୃଦ୍ଧି କରାଯାଇଛି କି ? କେଉଁ କାରଣରୁ ଏପରି ବୃଦ୍ଧି କରାଯାଇଛି ତାହା ଶ୍ରୀ ଆଚାର୍ଯ୍ୟ ସ୍ପଷ୍ଟ କରିବେ କି? ରାଜ୍ୟର ଆଡଭୋକେଟ ଜେନେରାଲ ପଦବୀରେ ପୂର୍ବରୁ କାର୍ଯ୍ୟ କରି ଆସୁଥିବା ବ୍ୟକ୍ତି ମାନଙ୍କ ଅପେକ୍ଷା ଶ୍ରୀ ଆଚାର୍ଯ୍ୟ କଣ ଅଧିକ ଯୋଗ୍ୟ। ତେଣୁ ଓକିଲଙ୍କୁ ପୋଷିବା ପାଇଁ ବିବାଦ ସୃଷ୍ଟି ହୋଇଥିଲା ବୋଲି ଦେଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ। ଏଭଳି ବିବାଦୀୟ ମନ୍ତବ୍ୟ ଦେଇ ଶ୍ରୀ ଆଚାର୍ଯ୍ୟ ଆଡଭୋକେଟ ଜେନେରାଲ ପଦବୀର ମର୍ଯ୍ୟାଦାହାନୀ କରିଛନ୍ତି। ଯେ ପର୍ଯ୍ୟନ୍ତ ସେ ଏହି ଗରିମାମୟ ପଦବୀରେ ଅଛନ୍ତି, ତାଙ୍କର ଆଚରଣ ଓ ଉଚ୍ଚାରଣ ପ୍ରତି ଯତ୍ନବାନ ହୁଅନ୍ତୁ ବୋଲି ସେ କହିଛନ୍ତି।

**■ ଲିଙ୍ଗରାଜ ମନ୍ଦିର ନିକଟରେ 'ସ୍ୱଚ୍ଛତା ହି ସେବା ୨୦୨୫'**

## 'ଗଣସଫେଇ ଅଭିଯାନ'ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୯ (ସମିସ): ସ୍ୱଚ୍ଛତା ହିଁ ସେବା ୨୦୨୫ ଅଭିଯାନ ଓ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଅବସରରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପାଶ୍ୱରେ ଆୟୋଜିତ ଗଣସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା ଓ ନୂଆ ଓଡ଼ିଶାରେ ପରିଣତ କରିବା ପାଇଁ ଆମ ସମସ୍ତଙ୍କୁ ଆଜି ସଂକଳ୍ପ ନେବାକୁ ପଡିବ। ସ୍ୱଚ୍ଛତା କ୍ଷେତ୍ରରେ ସମସ୍ତଙ୍କୁ ଅଧିକ ସଚେତନ କରାଇବାର ଆବଶ୍ୟକତା ରହିଛି। ସଫେଇ କ୍ଷେତ୍ରରେ ଦେଶର ପ୍ରଥମ ତିନୋଟି ସ୍ଥାନରେ ରହିବା ପାଇଁ ଆମ ସମସ୍ତଙ୍କୁ କାର୍ଯ୍ୟ କରିବାକୁ ପଡିବ। ଆଗାମୀ ଦିନରେ ଆବର୍ଜନାରୁ କୋଇଲା ଏବଂ କୋଇଲାରୁ ଶକ୍ତି ଉତ୍ପାଦନ କରିବା ପାଇଁ ଆମର ଯୋଜନା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଭାରତୀୟ ସାଂସ୍କୃତିକ ବିଚାରଧାରା ସହିତ ସ୍ୱତନ୍ତ୍ର ଅର୍ଥନୈତିକ ଚିନ୍ତାଧାରାର ପ୍ରସାର କ୍ଷେତ୍ରରେ ଯଦି କାହାର ସର୍ବାଧିକ ଅବଦାନ ଥାଏ, ସେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ସୁଲୋଚନା ଦାସ, କର୍ପୋରେଟରମାନଙ୍କ ସହ ବିଜେପି ନେତା ଜଗନ୍ନାଥ ପ୍ରଧାନ ଉପସ୍ଥିତ ଥିଲେ।

## ତେଜସ ଜେଟ୍ ପାଇଁ 'ହାଲ୍' ସହିତ ବୁଝାମଣା

ନୂଆଦିଲ୍ଲୀ, ୨୫।୯: ୯୭ଟି ତେଜସ୍ ଯୁଦ୍ଧ ବିମାନ ଲାଗି ପ୍ରତିରକ୍ଷା ବିଭାଗ ଆଜି ହାଲ୍ (ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍) ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ଏଥିରେ ୬୮ଟି ଲଢୁଆ ବିମାନ ଏବଂ ୨୯ଟି ଟୁଇନ୍ ସିଟର ବିମାନ ରହିଛି। ୬୨ ହଜାର ୩୭୦ କୋଟି ଟଙ୍କାରେ ଏହି ତେଜସ୍ ବିମାନ କିଣାଯିବ ବୋଲି ବାୟୁ ସେନା ପକ୍ଷରୁ କୁହାଯାଇଛି। ବାୟୁ ସେନାରେ ଲଢୁଆ ବିମାନ ସଂଖ୍ୟା କମିକମି ଯାଉଥିବାରୁ ସେନା ଚିନ୍ତାରେ ପଡ଼ିଯାଇଛି। ପୂର୍ବରୁ ଯୁଦ୍ଧ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମିଗ୍ ବିମାନ ଆସନ୍ତାକାଲି ଶୁକ୍ରବାର ଦିନ ଅବସର ନେବାପରେ ଭାରତୀୟ ବାୟୁ ସେନାରେ ଫାଇଟର ସ୍କ୍ୱାର୍ଡନ ସଂଖ୍ୟା ୩୦କୁ ହ୍ରାସ ପାଇବ। ସୂଚନାଯୋଗ୍ୟ ଯେ ତେଜସ୍‌ର ୬୪ ପ୍ରତିଶତ ଯନ୍ତ୍ରାଂଶ ଭାରତରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ କରାଯାଉଛି।

## ଯାଞ୍ଚ ହେବ ବେଆଇନ ପାଥୋଲାବ୍ ଓ କ୍ଲିନିକ୍

### ସିଏଚ୍‌ସି ସୁପରିଟେଣ୍ଡେଣ୍ଟଙ୍କୁ ଚିଠି ଲେଖିଲେ ସିଡିଏମ୍‌ଓ

ଭୁବନେଶ୍ୱର,୨୫।୯ (ସମିସ): ବର୍ଷ ବର୍ଷ ଧରି ଖୋର୍ଦ୍ଧା ଜିଲ୍ଲାରେ ଚାଲୁଥିବା ବେଆଇନ ପାଥୋଲାବ୍ ଓ କ୍ଲିନିକ୍‌ଗୁଡ଼ିକର ଯାଞ୍ଚ ହେବ। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସିଏଚ୍‌ସି ସୁପରିଟେଣ୍ଡେଣ୍ଟମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ସିଏଚ୍‌ସି ଅଧୀନରେ ଥିବା ଏହି ବେଆଇନ ସ୍ୱାସ୍ଥ୍ୟାନୁଷ୍ଠାନର ତାଲିକା ପ୍ରସ୍ତୁତ କରି ଜିଲ୍ଲାପାଳଙ୍କୁ ଦେବା ପାଇଁ କୁହାଯାଇଛି। ବେଆଇନ ଭାବେ ସ୍ଥାପିତ ପାଥୋଲାବ୍ ଓ କ୍ଲିନିକ୍‌ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜଣାପଡ଼ିଛି।

**'ସକାଳ' ପ୍ରଭାବ**

ଏ ପ୍ରସଙ୍ଗରେ ଗତ ସେପ୍ଟେମ୍ବର ୧୯ରେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଥିବା ଜଣାପଡ଼ିଛି। ବର୍ଷ ବର୍ଷ ଧରି ଖୋର୍ଦ୍ଧା ଜିଲ୍ଲାରେ ବିନା ପଞ୍ଜିକରଣରେ ଶତାଧିକ ପାଥୋଲାବ୍ ଓ କ୍ଲିନିକ୍ ଚାଲୁଛି। ସରକାରୀ ଭାବେ କେବଳ ୪୪ଟି ପାଥୋଲାବ୍‌କୁ ଅନୁମତି ମିଳିଛି; ମାତ୍ର ଶତାଧିକ ବେନାମୀ ସଂସ୍ଥା ଖୋଲିଛି। ରୋଗୀମାନଙ୍କର ଏମାନେ ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା କରି ଭୁଲ୍ ରିପୋର୍ଟ ଦେଉଛନ୍ତି। ଫଳସ୍ୱରୂପ ଭୁଲ୍ ଚିକିତ୍ସାରେ ରୋଗୀ ଖର୍ଚ୍ଚାନ୍ତ ହେବା ସହ ପ୍ରାଣହାନୀ ଘଟୁଛି। ଏହାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ନଚେତ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସାଧାରଣ ନିରୀହ ରୋଗୀଙ୍କ ଜୀବନ ବିପନ୍ନ ହୋଇଯିବ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି।

## ନର୍ସିଂ ଛାତ୍ରୀଙ୍କ ଆତ୍ମହତ୍ୟା

ମାଲକାନଗିରି, ୨୫।୯ (ସମିସ): ମାଲକାନଗିରି ଜିଲ୍ଲା ଏମ୍‌ଭି ୧୩ ଗ୍ରାମର ନର୍ସିଂ ଛାତ୍ରୀ ଅଙ୍କିତା ବିଶ୍ୱାସ ଆତ୍ମହତ୍ୟା କରିଛନ୍ତି। ପ୍ରେମରେ ବିଫଳ ହୋଇ କିଛି ଦିନ ପୂର୍ବେ ସେ ଏକ ବଟିକା ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ହସ୍ପିଟାଲରୁ ଚିକିତ୍ସିତ ହୋଇ ଘରକୁ ଫେରିବା ପରେ ଆଜି ବେକରେ ଫାଶି ଲଗାଇ ସେ ଆତ୍ମହତ୍ୟା କରିଛି।

ସୂଚନା ଅନୁଯାୟୀ, ଅଙ୍କିତା ଜିଲ୍ଲା ସଦରରେ ଥିବା ଏକ ଘରୋଇ କଲେଜରେ ବିଏସ୍‌ସି ନର୍ସିଂର ଶେଷ ବର୍ଷର ଛାତ୍ରୀ ଥିଲେ। ପ୍ରେମ ସମ୍ପର୍କକୁ ନେଇ ସେ ପୂର୍ବରୁ କୌଣସି ଏକ ବଟିକା ଖାଇ ଦେବାରୁ ଗୁରୁତର ଅବସ୍ଥାରେ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗତକାଲି ସୁସ୍ଥ ହୋଇ ସେ ଘରକୁ ଫେରିଥିଲେ। ତେବେ ଆଜି ପୁନର୍ବାର ସେ ନିଜ ଘରେ ଫାଶି ଲଗାଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ। ଝିଅକୁ ଝୁଲନ୍ତା ଅବସ୍ଥାରେ ଦେଖି ତାଙ୍କ ବାପା ବୃନ୍ଦାବନ ବିଶ୍ୱାସ ତାଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପ୍ରେମଜନିତ କାରଣକୁ ନେଇ ଅଙ୍କିତା ଆତ୍ମହତ୍ୟା କରିଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି । ଏହାକୁ ନେଇ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

**ମୋଟରଯାନ ନିୟମ ଉଲ୍ଲଙ୍ଘନ ବିରୋଧରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ**

## ୩ ଦିନରେ ୩୪୯୪ ଇ-ଚାଲାଣ ଓ ୫୪ ଲକ୍ଷ ଜରିମାନା

କଟକ, ୨୫।୯ (ସମିସ): ମୋଟରଯାନ ନିୟମ ଉଲ୍ଲଙ୍ଘନ ବିରୋଧରେ ପରିବହନ ବିଭାଗର ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଜାରି ରହିଛି। ତିନି ଦିନରେ ରାଜ୍ୟରେ ସମୁଦାୟ ୩,୪୯୪ ଚାଲାଣ ଜାରି ହୋଇଛି। ଜରିମାନା ବାବଦରେ ୫୪ ଲକ୍ଷ ୮୨ହଜାର ୪୬୨ ଟଙ୍କା ଆଦାୟ କରାଯାଇଛି। ଓଭରଲୋଡିଂ ପାଇଁ ୧୭୬ଟି ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଥିବା ବେଳେ ଫିଟନେସ୍ ଓ ପରମିଟ୍ ବାବଦରେ ୯୪୨ ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଛି। ସେହିପରି ପ୍ରଦୂଷଣ ପ୍ରମାଣପତ୍ର ନିୟମ ଉଲ୍ଲଙ୍ଘନ ପାଇଁ ୯୭୭, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ପାଇଁ ୨୧୪, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ପାଇଁ ୧୩୦, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନିୟମ ଉଲ୍ଲଘନ ଯୋଗୁଁ ୨୦୪ଟି ଇ-ଚାଲାଣ ଜାରି କରାଯାଇଛି।

ଗତ ୩ ଦିନ ମଧ୍ୟରେ ରାଜ୍ୟବ୍ୟାପୀ ଆରଟିଓ ଟିମ୍ ଦ୍ୱାରା ମୋଟର ଯାନର ୭ଟି ନିୟମ ଉଲ୍ଲଙ୍ଘନ ବିରୋଧରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ କରାଯାଇଛି। ଓଭରଲୋଡିଂ, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର, ବିନା ଫିଟନେସ୍, ବିନା ପରମିଟ୍

**ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର ପାଇଁ ୧୩୦ ଚାଲାଣ**

ଓ ବିନା ପ୍ରଦୂଷଣ ପ୍ରମାଣପତ୍ର ଭଳି ନିୟମ ଉଲ୍ଲଘନ ସହ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଞ୍ଚ ହୋଇଛି। ଗାଡ଼ି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କ୍ଷେତ୍ରରେ ଏଆରଟିଓ ବଡ଼ବିଲଙ୍କ ଦ୍ୱାରା ସର୍ବାଧିକ ୮୦ଟି ଇ-ଚାଲାଣ, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନ ଥିବାରୁ ବରଗଡ଼ ଆରଟିଓଙ୍କ ଦ୍ୱାରା ସର୍ବାଧିକ ୩୬ଟି ଇ-ଚାଲାଣ ଜାରି ହୋଇଛି। ଭରଲୋଡିଂ ବାବଦରେ ସମ୍ବଲପୁର ଆରଟିଓଙ୍କ ଦ୍ୱାରା ୨୨ଟି ,ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ଯୋଗୁଁ ଗଞ୍ଜାମ ଆରଟିଓଙ୍କ ଦ୍ୱାରା ୧୫ଟି ଇ-ଚାଲାଣ ଜାରି କରାଯାଇଛି। ଗାଡ଼ି ଚଳାଉଥିବା ବେଳେ ମୋବାଇଲ ଫୋନ ବ୍ୟବହାର ଯୋଗୁଁ ଝାରସୁଗୁଡା ଆରଟିଓଙ୍କ ଦ୍ୱାରା ସର୍ବାଧିକ ୧୯ଟି ଇ-ଚାଲାଣ ଜାରି କରାଯାଇଛି। ଫିଟନେସ ଓ ପରମିଟ୍ ପ୍ରମାଣପତ୍ର ନିୟମ ଉଲ୍ଲଘନ ବିରୋଧରେ ଏନଫୋର୍ସମେଣ୍ଟରେ ଝାରସୁଗୁଡ଼ାରେ ୬୯ଇ-ଚାଲାଣ ଜାରି ହୋଇଛି। ଜରିମାନା ବାବଦରେ ସର୍ବମୋଟ୍ ଭୁବନେଶ୍ୱର-୧ ଆରଟିଓରେ ସର୍ବାଧିକ ୧୫,୧୯,୧୯୧ ଟଙ୍କା ଆଦାୟ ହୋଇଥିବା ବେଳେ ବଲାଙ୍ଗିରରେ ୪,୭୭,୮୬୫, ବାଲେଶ୍ୱରରେ ୩,୭୧,୬୩୧, ସୋନପୁରରେ ୩,୩୦,୩୨୪, ଝାରସୁଗୁଡ଼ା ଆରଟିଓଙ୍କ ଦ୍ୱାରା ୨,୪୮,୫୫୫, ରାୟଗଡ଼ାରେ ୨,୪୬,୦୦୦ ଓ ଭୁବନେଶ୍ୱର-୨ ଆରଟିଓଙ୍କ ଦ୍ୱାରା ୨,୩୯,୯୫୦, ଟଙ୍କା ଆଦାୟ କରାଯାଇଛି।

## ଅବଶିଷ୍ଟାଂଶ

### ଦକ୍ଷିଣକୁ ବର୍ଷା...

ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ସବୁଠୁ ଅଧିକ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଶୁକ୍ରବାର କୋରାପୁଟ ଓ ମାଲାକାନଗିରି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା ରହିଥିବା ବେଳେ ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ଗଜପତି ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରାଯାଇଛି। ୨୭ରେ ମଧ୍ୟ ସମାନ ସ୍ଥିତି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

ଅନ୍ୟପଟେ ଗଲା ଲଘୁଚାପ ଯୋଗୁଁ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦକୁ ପ୍ରବଳ ବନ୍ୟା ଜଳ ପ୍ରବେଶ କରୁଛି। ଏଥିପାଇଁ ହୀରାକୁଦରୁ ଆଜି ଆଉ ୪ଟି ଗେଟ୍ ସହ ମୋଟ୍ ୨୦ଟି ଗେଟ୍ ଦେଇ ସାଢ଼େ ୩ଲକ୍ଷ କ୍ୟୁସେକରୁ ଅଧିକ ବନ୍ୟା ଜଳ ନିଷ୍କାସିତ କରାଯାଉଛି। ଯେହେତୁ ତଳମୁଣ୍ଡରେ ଦୁଇ ଦିନ ହେବ ବର୍ଷା ସାମାନ୍ୟ କମିଛି, ତେଣୁ ମୁଣ୍ଡଳୀରେ ଯେଉଁ ପରିମାଣରେ ବନ୍ୟା ଜଳ ଆସିବ ବୋଲି ଆକଳନ କରାଯାଇଥିଲା, ସେଥିରେ ହ୍ରାସ ଘଟିବ ବୋଲି ଜଳସମ୍ପଦ ବିଭାଗ କହିଛି। ୨୬ ତାରିଖରେ ମୁଣ୍ଡଳିରେ ସକାଳ ୮ ରୁ ୧୧ ଟା ମଧ୍ୟରେ ୬ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେବ ବୋଲି ବିଭାଗ କହିଛି। ଏହା ପ୍ରଭାବରେ ମହାନଦୀର ଶାଖା ନଦୀଗୁଡ଼ିକରେ ଜଳସ୍ତର ବଢ଼ିବ। କିନ୍ତୁ ବର୍ଷା କମିଥିବାରୁ ବନ୍ୟା ସ୍ଥିତି ଦେଖିବାକୁ ମିଳିବ ନାହିଁ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଆଗକୁ ଥିବା ଅବପାତ ପ୍ରଭାବରେ ଦକ୍ଷିଣ ଓଡ଼ିଶା ପ୍ରଭାବିତ ହେବ। ଏହାଦ୍ୱାରା ଦକ୍ଷିଣ ଓଡ଼ିଶା ଜିଲ୍ଲାଗୁଡ଼ିକରେ ଥିବା ଜଳ ଭଣ୍ଡାର ଗୁଡିକରେ ଜଳ ସଂରକ୍ଷଣ ହୋଇ ରହିବ।

### ୧୮ ଜିଲ୍ଲାପାଳଙ୍କୁ...

ଯନ୍ତ୍ରୀ, ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା, ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ତଥା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ସତର୍କତାମୂଳକ ପଦକ୍ଷେପସ୍ୱରୂପ, ବିଶେଷ ଭାବେ ପ୍ରଭାବିତ ହେବାକୁ ଥିବା କୋରାପୁଟ ଓ ମାଲକାନାଗିରି ସହିତ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କୁ କର୍ମ କ୍ଷେତ୍ରରେ ରହି ପରିସ୍ଥିତିର ମୁକାବିଲା କରିବା ପାଇଁ ସଜାଗ ରହିବାକୁ ଏସ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ଅଗ୍ନିଶମ ସେବା ଏବଂ ଓଡ୍ରାଫ୍ ଦଳଗୁଡ଼ିକୁ ନିୟୋଜିତ କରିବା ସହ ଯେକୌଣସି ବନ୍ୟା ପରିସ୍ଥିତିର ମୁକାବିଲା କରିବା ପାଇଁ ଡ୍ରେନେଜ୍ ଇଞ୍ଜିନିୟର/ଅଧିକାରୀମାନଙ୍କୁ ଲୋକ ଏବଂ ଯନ୍ତ୍ରପାତି ସହିତ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି। ପରିସ୍ଥିତିର ମୁକାବିଲା ନିମନ୍ତେ ପ୍ରଶାସନ ସଂପୂର୍ଣ୍ଣ ରୂପରେ ପ୍ରସ୍ତୁତ ଅଛନ୍ତି। ରାଜ୍ୟ ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖୁଛନ୍ତି ବୋଲି ଏସ୍‌ଆରସି କହିଛନ୍ତି। ଏହି ବୈଠକରେ ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା, ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ତଥା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଟ୍ରେନ୍‌ରୁ 'ଅଗ୍ନି'...

ଡିଆର୍‌ଡିଓ ସୂତ୍ରରୁ ପ୍ରକାଶ ଯେ ଏହି କ୍ଷେପଣାସ୍ତ୍ରର ପରୀକ୍ଷା କାନିଷ୍ଟରାଇଜଡ ଲଞ୍ଚ ସିଷ୍ଟମରୁ କରାଯାଇଛି। କାନିଷ୍ଟରାଇଜଡ ଲଞ୍ଚ ସିଷ୍ଟମ ହେଉଛି ମିସାଇଲ ଲଞ୍ଚ କରିବାର ଏକ ଅତ୍ୟାଧୁନିକ ବ୍ୟବସ୍ଥା। ଏଥିପାଇଁ ସ୍ୱତନ୍ତ୍ର ଭାବେ ଏକ ଟ୍ରେନ୍ ଡିଜାଇନ୍ କରାଯାଇଥିଲା। ଏହି ଟ୍ରେନ୍ ରେଳ ଲାଇନ୍‌ଥିବା ଦେଶରୁ ସବୁ ସ୍ଥାନକୁ ଯାଇପାରିବ। ଓଡ଼ିଶାର ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପପୁଞ୍ଜ ପରୀକ୍ଷଣ କେନ୍ଦ୍ରରୁ ଏହି ପରୀକ୍ଷା କରାଯାଇଛି। ଅଗ୍ନି ପ୍ରାଇମ କ୍ଷେପଣାସ୍ତ୍ର ୨୦୦୦ କିମି ପର୍ଯ୍ୟନ୍ତ ନିଜର ଲକ୍ଷ୍ୟ ଭେଦ କରିପାରିବ। ଏଥିରେ ବହୁତ ଅତ୍ୟାଧୁନିକ ଆଡଭାନ୍ସଡ ଫିଚର ରହିଛି। ଏହି ପରୀକ୍ଷା ଭାରତ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଶତ୍ରୁ ଦୃଷ୍ଟିରୁ ଲୁଚି ରହିବା ପାଇଁ ନିଜ ମିସାଇଲକୁ ରେଳ ସୁଡଙ୍ଗରେ ଲୁଚାଇ ରଖାଯାଇପାରିବ। ରାତିର ଘନ ଅନ୍ଧାକାରରେ ଓ କୁହୁଡି ତଥା ଧୂଆଁଳିଆ ଇଲାକା ମଧ୍ୟରେ କ୍ଷେପଣାସ୍ତ୍ର ଲଞ୍ଚ କରାଯାଇପାରିବ। ଦେଶର ରେଳ ନେଟୱର୍କ ଉପଯୋଗ ସହ ପୂର୍ବ ପ୍ରସ୍ତୁତି ବିନା ଯେକୌଣସି ସ୍ଥାନରୁ ମୋବାଇଲ ଲଞ୍ଚର ଯୋଗେ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ପ୍ରଣାଳୀ ବ୍ୟବହାରରେ ଏହା ପ୍ରଥମ।

ଉତ୍‌କ୍ଷେପଣ ପରେ କ୍ଷେପଣାସ୍ତ୍ରର ଗତି, ବେଗ ଓ କାର୍ଯ୍ୟଦକ୍ଷତା ନିରୀକ୍ଷଣରୁ ମିଳିଥିବା ତଥ୍ୟ ଅନୁସାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଏହି ପରୀକ୍ଷଣ ସମସ୍ତ ପ୍ରକାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହାସଲ କରିପାରିଛି। ଭବିଷ୍ୟତରେ ସେନାବାହିନୀ ଦ୍ୱାରା ରେଳ ନେଟୱର୍କ ଭିତ୍ତିକ ବ୍ୟବସ୍ଥା ବ୍ୟବହାର ନେଇ ଏହି ସଫଳ ପରୀକ୍ଷଣ ବାଟ ଫିଟାଇଛି। 'ଅଗ୍ନି ପ୍ରାଇମ'ର ସଫଳ ପରୀକ୍ଷଣକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ, ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ ଓ ଭାରତୀୟ ସେନାବାହିନୀକୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ବିଭାଗର ସଚିବ ତଥା ଡିଆରଡିଓର ଚେୟାରମ୍ୟାନ ଡ. ଭି କାମତ ଏହି ସଫଳ ପରୀକ୍ଷଣରେ ଅଂଶଗ୍ରହଣକାରୀ ସମସ୍ତ ସଂସ୍ଥାକୁ ଅଭିନନ୍ଦନ ଜଣାଇଛନ୍ତି।

### ବସ୍-ଟ୍ରକ୍...

ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)କୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରେ ୩ ଶିଶୁ ରହିଛନ୍ତି। ପୁଲିସ ଘଟଣାସ୍ଥଳରୁ ୫ଶବ ଜବତ କରି ଲହୁଣୀପଡ଼ା ଡାକ୍ତରଖାନାକୁ ନେଇଥିଲା। ସେଠାରେ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

ଅପରପକ୍ଷେ, ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଏହି ସହାୟତା ରାଶି ପ୍ରଦାନ କରାଯିବ। ସୂଚନାନୁଯାୟୀ, ରାଉରକେଲାରୁ ବଡ଼ବିଲ ଯାଉଥିବା ଲିଙ୍ଗରାଜ ଯାତ୍ରୀବାହୀ ବସ୍‌ଟି ୫୨୦ନମ୍ବର ଜାତୀୟ ରାଜପଥରେ କେ. ବଲାଙ୍ଗ ନିକଟରେ ଟ୍ରକ୍ ସହ ଧକ୍କା ହୋଇଥିଲା। ରକ୍ସି ରେଳ ଫାଟକ ନିକଟରୁ ଗୋଟିଏ ରାସ୍ତା ସମ୍ପୂର୍ଣ୍ଣ ଜାମ ରହିଥିବାରୁ ଉକ୍ତ ବସ୍‌ଟି ରଙ୍ଗ ରୁଟ୍‌ରେ ଯାଇଥିଲା। ତେବେ ଅପରପଟରୁ କୋଇଡ଼ା ପଟକୁ ଆସୁଥିବା ଏକ ଲୁହାପଥର ବୋଝେଇ ହାଇଓ୍ୱା ଉକ୍ତ ବସକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଏକ ଭୟଙ୍କର ଦୁର୍ଘଟଣା ଘଟିଥିଲା। ଖବର ପାଇ କେ.ବଲାଙ୍ଗ ପୁଲିସ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରି କରିଥିଲେ।

ଉଲ୍ଲେଖଯୋଗ୍ୟ, ରକ୍ସି ଗ୍ରାମର ୩ ଜଣ ଓ ନିକଟସ୍ଥ ମଞ୍ଜାବେଡ଼ା ଗ୍ରାମର ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେହିପରି କେ. ବଲାଙ୍ଗ ଓ ଲହୁଣୀପଡ଼ା ଡାକ୍ତରଖାନାରେ ମୃତାହତ ସମ୍ପର୍କୀୟଙ୍କ କାନ୍ଦବୋବାଳିରେ ଡାକ୍ତରଖାନା ପରିସର ଫାଟି ପଡ଼ିଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.EPC-CECONIV BBS2025041, ତା.18.09.2025ରିଖ

**କାର୍ଯ୍ୟର ନାମ:** EPC ମୋଡ୍‌ରେ ସମ୍ବଲପୁର ସିଟି-ଜରପଡ଼ା ତୃତୀୟ ଏବଂ ଚତୁର୍ଥ ଲାଇନ୍ ପ୍ରକଳ୍ପ ସମ୍ବନ୍ଧୀୟ ମେଜର (Major) ପୋଲ, ରୋଡ଼ ଓଭର ବ୍ରିଜ୍ ଏବଂ ରୋଡ଼ ଅଣ୍ଡର ବ୍ରିଜ୍‌ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 41036.00 ଲକ୍ଷ, EMD (ଟଙ୍କାରେ): 2,00,00,000/-, କାର୍ଯ୍ୟ ଶେଷ ହେବା ଅବଧି: 24 (ଚବିଶି) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.18.11.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-118/CI/25-26

**AFFIDAVIT**

By virtue of an affidavit before the Executive Magistrate, Bhubaneswar, Affidavit No - 54 on dated 24.09.2025. I Susmita Rout, W/o- Sarat Kumar Rout, residing at Plot No. 986/966, Prakruti Vihar, Baramunda, Bhubaneswar-751003, Dist- Khordha, Odisha. That my maiden name is Susmita Sahoo, D/o- Hrusikesh Sahoo. That Susmita Sahoo & Susmita Rout is one and same person. Hence I shall be known as **SUSMITA ROUT** for all future purposes.

**AFFIDAVIT**

I, Nishikanta Parida, aged about 38 years, S/o- Ramesh Parida, resident of Raghupati Nagar, Puri-Two, PO: Puri Station Road, PS- Kumbharpada, Dist- Puri, PIN-752002 declared by this affidavit No. 1968, dtd- 22/09/2025 that now onwards I shall be known as **NISHIKANT PARIDA** for all future purposes.

**AFFIDAVIT**

By virtue of an affidavit (CF No. 85, date- 24/09/2025) before the Executive Magistrate, Bhubaneswar. I, **Nirmala Patasani**, W/o Siba Narayan Swain, resident of Plot No. 238/2961, Lane-6, Srikhetra Vihar, Aiginia, Khandagiri, Bhubaneswar, Dist- Khordha, Odisha declare that, I want to change my name from **Nirmala Swain to Nirmala Patasani** in my son's (Deepam Jyoti Swain) school record (studying in Class IX in PM Shri Kendriya Vidyalay No.2 CRPF Campus, Bhubaneswar) & in Bank related documents. Henceforth, I shall be known as **Nirmala Patasani** for all future purposes.
**Nirmala Patasani**

**AFFIDAVIT**

By virtue of an affidavit No. 2620 sworn before the Executive Magistrate, Sukinda on dated- 25/09/2025. I Sukanta Rana, aged 48 years, S/o- Late Hrushikesh Rana resident of Vill/Po/Ps- Sukinda, Dist- Jajpur, Odisha, Pin-755018 my name & date of birth has been written as Sukanta Rana, DOB- 16/09/1977, in my Aadhar Card No. 3226 3273 6153 & Pan Card No- HRBPR4159C but my name & date of birth has been written as Sasikanta Rana, DOB- 01/01/1997 in my Driving License No- OR0419980054778 issue on dated 07/06/1998 by RTO Chandikhole declare that Sukanta Rana DOB- 16/09/1977 & Sasikanta Rana DOB- 01/01/1997, S/o- Hrushikesh Rana is same & one person for all future purposes.
**SUKANTA RANA**

**AFFIDAVIT**

By virtue of an affidavit sworn before the Executive Magistrate, Brahmagiri, dated- 30.08.2025, I Gitanjali Biswal, W/o. Late Ajaya Biswal, resident of At/Po. Gadarodanga, PS.- Brahmagiri, Dist.- Puri, Odisha- 752011 declare that I have changed my son's name from **Ayushubiswa** to **Ayush Biswal.** Henceforth he will be known as **AYUSH BISWAL** for all purposes.
**Gitanjali Biswal**

**AFFIDAVIT**

By virtue of an affidavit No. 5690 sworn before the Executive Magistrate, Champua on dated- 25/09/2025. I, Sahid Anwar, aged 40 years, S/o- Mohammad Daud, resident of At- Muslim basti, Po/Ps- Champua, Dist- Keonjhar, Odisha, Pin - 758041 my correct name is Sahid Anwar & birth of date 09/02/1985 is mentioned in my Aadhar Card No- 2547 8919 4200 & Pan Card No- CCGPA7431P, in my passport no L5752113 my name wrongly entered Mohammad Sahid Anwar instead of Sahid Anwar & D.O.B wrongly entered 05/05/1983 instead of 09/02/1985, declare that Sahid Anwar, D.O.B 09/02/1985 & Mohammad Sahid Anwar, D.O.B 05/05/1983 same and one person for all future purposes.
**SAHID ANWAR**

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**

By virtue of an affidavit No.10443, Dtd.25.09.2025 sworn before the Executive Magistrate, Balasore I, Basant Manjari Pradhan, W/o.- Late Prafulla Kumar Pradhan, At- Nalkuli, Po.- Manikula, Ps.- Sadar, Dist.- Balasore, Pin- 756002, Odisha renounce, relinquish and abandon the use of my former name Basanti Pradhan (old name) instead of Basant Manjari Pradhan (New name). Henceforth, I will be known as **Basant Manjari Pradhan** for all purposes.

**AFFIDAVIT**

I, Jeet Dash, S/o.: Jiban Pradip Dash, resident of Ranipatna, PO-Balasore, PS- Sahadevkhunta, Dist- Balasore, Pin-756001, Odisha, declare by this affidavit No.: 281, dtd. 25.09.2025 that now onwards I shall be known as **Jeet Prakash Dash** for all future purposes.

**AFFIDAVIT**

By virtue of an affidavit No. 3911, Dtd.25.09.2025 sworn before the Executive Magistrate, Bhograi I, Manasi Das, W/o. Chandan Das, At.Tengramari, Po. Jayrampur, Ps. Bhograi, Dist. Balasore, Pin- 756038, Odisha renounce, relinquish and abandon the use of my minor son's former name Nanit Kumar Das (old name) instead of Nainit Kumar Das (New name). Henceforth, he will be known as **Nainit Kumar Das** for all purposes.

**AFFIDAVIT**

I POTNURU PRASANNA KUMAR, S/o- Late Potnuru Venkata Ramana, resident of Bharat Nagar, Bell Road,, Po/Ps- Jeypore, DT- Koraput- 764 001, Odisha declare by this Affidavit No.3949 Dated - 25/09/2025,that now onwards I shall be known as **POTNURU PRASAN KUMAR** for all future purpose.

**AFFIDAVIT**

I VYSYA PRABHAVATI, D/o DOKI SATYANARAYANA & W/O VYSYARAJU KRISHNA RAJU, resident of Mill Street, Nabarangapur Road, Po/Ps- Borigumma, DT- Koraput-764 056, Odisha declare by this Affidavit No.3948, Dated - 25/09/2025,that now onwards I shall be known as **VYSYA RAJU PRABHAVATI** for all future purpose.

**AFFIDAVIT**

I, Ramesh Chandra Parida, aged about 67 years, S/o- Late Surendra Parida, resident of Raghupati Nagar, Puri-Two, PO: Puri Station Road, PS- Kumbharpada, Dist- Puri, PIN-752002 declared by this affidavit No. 1969, dtd- 22/09/2025 that now onwards I shall be known as **RAMESH PARIDA** for all future purposes.

# ସୋଲାର ଜଳଯୋଗାଣ ଯୋଜନାରେ ଦୁର୍ନୀତି

➤ ବିଡିଓଙ୍କୁ ସରପଞ୍ଚ ସଂଘର ଅଭିଯୋଗ
➤ ବଣ୍ଡାଙ୍କ ଟଙ୍କାକୁ ଆତ୍ମସାତ ଉଦ୍ୟମ

ଖଇରପୁଟ,୨୫।୯ (ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍‌ରେ ସୋଲାର ଯୋଗେ ପିଇବା ପାଣି ଯୋଗାଣ ଯୋଜନାକୁ ନେଇ ଦୁର୍ନୀତିର ଅଭିଯୋଗ ଉଠିଛି। ବଣ୍ଡା ଜନଜାତି ଓ ଖଇରପୁଟ ବ୍ଲକବାସୀଙ୍କ ପାଇଁ ଆସିଥିବା ଟଙ୍କାକୁ ମିଳିମିଶି ଖାଇଦେବାକୁ ଉଦ୍ୟମ କରିବା ପ୍ରୟାସ ହେଉଛି ବୋଲି ସରପଞ୍ଚ ସଂଘ ପକ୍ଷରୁ ଅଭିଯୋଗ ଆସିଛି। ଜିଲ୍ଲା ସରପଞ୍ଚ ସଂଘ ଓ ସଂଘର ସଭାପତି ଶ୍ରୀନିବାସ ମୁଦୁଲି ଓ କିଛି ସରପଞ୍ଚଙ୍କୁ ନେଇ ବିଡ଼ିଓଙ୍କୁ ଏକ ଅଭିଯୋଗପତ୍ର ଦେଇଛନ୍ତି। ସରକାରଙ୍କ ତରଫରୁ ବିଭିନ୍ନ ପଞ୍ଚାୟତରେ ସୋଲାର ଯୋଗେ ପିଇବା ପାଣି ଯୋଗାଇବା ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। କିନ୍ତୁ କେଉଁ ଗ୍ରାମରେ ପାଣିର ସମସ୍ୟା ଅଛି, କେଉଁଠି ପ୍ରକଳ୍ପ କାମ କରିବା ଉଚିତ, ସେଥିପାଇଁ ପଞ୍ଚାୟତ ର ସରପଞ୍ଚଙ୍କ ମତାମତ ନ ନେଇ ସିଧାସଳଖ ଏକ ବେସରକାରୀ ସଂସ୍ଥା କାମ କରୁଛି। ସରପଞ୍ଚମାନଙ୍କ ଅଭିଯୋଗ, କେଉଁ ସଂସ୍ଥା କାମ କରୁଛି, କେଉଁ ଯନ୍ତ୍ରୀଙ୍କ ତଦାରଖରେ ଏହି ପ୍ରକଳ୍ପ ହେଉଛି, କାମର ମାନ ଯାଞ୍ଚ କରିବା କାହା ଦାୟିତ୍ୱ, ସେ ସମ୍ପର୍କରେ କିଛି ସୂଚନା ନାହିଁ। ପାଣି ଯୋଗାଣ ପାଇଁ ବ୍ୟବହୃତ ସାମଗ୍ରୀ ସମ୍ପର୍କରେ ମଧ୍ୟ ସନ୍ଦେହ ବ୍ୟକ୍ତ କରାଯାଇଛି। ଶସ୍ତା ମୋଟର, ପାଇପ୍ ଏବଂ ଟ୍ୟାଙ୍କ ବ୍ୟବହୃତ ହେଉଛି। କିନ୍ତୁ ସେଗୁଡ଼ିକ କେଉଁ ବ୍ରାଣ୍ଡର ଏବଂ କେତେ ଦିନ ଏହାର ସ୍ଥାୟିତ୍ୱ, ସେଥିରେ ଗଭୀର ସନ୍ଦେହ ରହିଛି। ନିୟମ ଅନୁଯାୟୀ ଷ୍ଟାଣ୍ଡପୋଷ୍ଟରେ ଜିଆଇ ସାମଗ୍ରୀ ଲଗିବାକୁ ଥିବା ସତ୍ତ୍ୱେ ସେଥିରେ ମଧ୍ୟ କୌଣସି ଜାଲିଆତି ରହିଥିବାର ଅଭିଯୋଗ ଆସିଛି। ଏଭଳି ନିମ୍ନମାନର ସାମଗ୍ରୀ ଲଗାଇଥିବା ପ୍ରକଳ୍ପ କେତେଦିନ ଚାଲିବ, ଏହାର ରକ୍ଷଣାବେକ୍ଷଣ କିଏ କରିବ ସେ ନେଇ ଅଭିଯୋଗ ହେଉଛି। ପ୍ରକଳ୍ପର କାମ ସ୍ଥାନକୁ ସମ୍ପୃକ୍ତ ଯନ୍ତ୍ରୀମାନେ ଆସୁନାହାନ୍ତି। ଯେଉଁଥିପାଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ସରପଞ୍ଚ ସଂଘ ପକ୍ଷରୁ ଦାବି କରାଯାଇଛି ଯେ, ଏହି ପ୍ରକଳ୍ପରେ ଦୁର୍ନୀତିର ପୂର୍ଣ୍ଣ ତଦନ୍ତ କରି, ଦାୟୀ ଅଧିକାରୀ ଓ ସଂସ୍ଥା ବିରୋଧରେ କଟକଣା ଲଗାଇବାକୁ ପଡ଼ିବ। ଅନ୍ୟ ପକ୍ଷରେ ଖଇରପୁଟ ପାନୀୟଜଳ ଯୋଗାଣ ଯନ୍ତ୍ରୀ ଭୀଷ୍ମ ମଲ୍ଲିକଙ୍କୁ ପଚାରିବାରୁ ସେ କେବଳ କେଉଁଠିରୁ ପାଣି ନେବେ, ସେହି ନଳକୂପ ଦେଖାଯାଉଛି, ଏହା ବ୍ୟତୀତ ଆଉ କୌଣସି ବିଷୟରେ ସେ ଅବଗତ ନଥିବା କହିଛନ୍ତି। ଏପଟେ ଖଇରପୁଟ ବିଡ଼ିଓ ଉମାଶଙ୍କର କୋୟା କହିଛନ୍ତି, ଏ ବାବଦରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଯିବ।

## ଡୁମୁରିପୁଟ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ମେଳା



କୋରାପୁଟ,୨୫।୯ (ସମିସ): କୋରାପୁଟ ବ୍ଲକ୍ ପଦ୍ମପୁର ପଞ୍ଚାୟତର ଡୁମୁରିପୁଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଛି। ମେଡ଼ିକାଲ ଅଫିସର ଡାକ୍ତର ଅନୁପମା ପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରକୁ ବ୍ଲକ ଅଧ୍ୟକ୍ଷା ନମିତା ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ଚୈତନ୍ୟ ମାଝି, ବିଧାୟକ ପ୍ରତିନିଧି ଶୁକ୍ର ହନ୍ତାଳ, ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସୁମନ ଟପନ, ପିଏଚଇଓ ବିଜୟ ଖୋସଲା, ବିପିଏମ ନୂତନ ସିଂ, ସୁନାବେଡା ସିଡ଼ିପିଓ ନଳିନୀ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ମେଳା ଆୟୋଜନ କରିବା ଆବଶ୍ୟକ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ନିକଟସ୍ଥ ଗ୍ରାମାଞ୍ଚଳର ୩୫୦ରୁ ଅଧିକ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ମେଡ଼ିକାଲ ପରିସରରେ ଅଙ୍ଗନବାଡ଼ି କର୍ମୀମାନଙ୍କ ଦ୍ୱାରା ପୋଷଣ ମେଳା ଅନୁଷ୍ଠିତ ହୋଇଥିଲା।

## ରାୟଗଡ଼ା ବ୍ଲକ୍ ଜିପିଡିଓଙ୍କୁ ପଦୋନ୍ନତି



ରାୟଗଡ଼ା,୨୫।୯ (ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ କାର୍ଯ୍ୟାଳୟର ଜିପିଡିଓ ଗୋପାଳ ପଣ୍ଡାଙ୍କୁ ନବରଙ୍ଗପୁର ସଦର ବ୍ଲକର ଏବିଡିଓ ରୂପେ ପଦୋନ୍ନତି ମିଳିଛି। ପଞ୍ଚାୟତିରାଜ ବିଭାଗ ପତ୍ରସଂଖ୍ୟା ୨୬୮୦୭ ଅନୁସାରେ ଚଳିତ ମାସ ୨୩ ତାରିଖରେ ତାଙ୍କୁ ପଦୋନ୍ନତି ମିଳିଛି। ୨୦୧୭ ମେ ମାସ ୨୦ ତାରିଖରେ ଅନୁଷ୍ଠିତ ପ୍ରଗତି ସହାୟକ ଓ ଜିପିଡିଓଙ୍କ ନିଯୁକ୍ତି ପ୍ରକ୍ରିୟାରେ ଓଡିଶାରେ ପ୍ରଥମ ସ୍ଥାନ ପାଇ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ହାତରୁ ନିଯୁକ୍ତିପତ୍ର ପାଇବା ପରେ ରାୟଗଡ଼ା ସଦର ବ୍ଲକରେ ପ୍ରଗତି ସହାୟକ ରୂପେ ଅବସ୍ଥାପିତ ଥିଲେ। ଦୀର୍ଘ ବର୍ଷ ରାୟଗଡ ବ୍ଲକରେ ବିଭିନ୍ନ ସମୟରେ ଜିପିଡିଓ, ସାମାଜିକ ସୁରକ୍ଷା ଅଧିକାରୀ, ମଙ୍ଗଳ ଅଧିକାରୀ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦାୟିତ୍ୱ ନିର୍ବାହ କରିଛନ୍ତି। ବିଦାୟକାଳୀନ ସଭାରେ ବିଡିଓ ସୁଜିତ ମିଶ୍ର, ବିଭାଗୀୟ ଅଧିକାରୀ ରାଜକିଶୋର ଦାଶ, ଶିକ୍ଷକ ନୀଳାଞ୍ଚଳ ମିଶ୍ରଙ୍କ ସମେତ ସମସ୍ତ ବ୍ଲକ କର୍ମକର୍ତ୍ତା, ନିର୍ବାହୀ ଅଧିକାରୀ, ଏଡିଇଓ, ଜିଆରଏସ ଉପସ୍ଥିତ ଥିଲେ।

## ସୁକନ୍ୟା ସମୃଦ୍ଧି ଯୋଜନା ନେଇ ସାଂସଦଙ୍କ ସଚେତନତା



ମାଲକାନଗିରି,୨୫।୯ (ସମିସ): ଆଜି ସୁକନ୍ୟା ସମୃଦ୍ଧି ଯୋଜନା ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରିଛନ୍ତି ସାଂସଦ ଙ୍କ ବଳଭଦ୍ର ମାଝୀ। ଆଜି ପୂର୍ବାହ୍ନରେ ମାଲକାନଗିରି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟ ଶାଖା ଠାରେ ମୁଖ୍ୟ ଅତିଥି ଭାବେ ସାଂସଦ ଙ୍କ ମାଝୀ ଯୋଗ ଦେଇ ୧୦ ବର୍ଷରୁ କମ୍ ବାଳିକା ମାନଙ୍କର ସୁକନ୍ୟା ସମୃଦ୍ଧି ଯୋଜନାରେ ଏକାଉଣ୍ଟ ଖୋଲିବା ପାଇଁ ପଦକ୍ଷେପ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଏସବିଆଇ ମୁଖ୍ୟ ପରିଚାଳକ ବିନୋଦ କୁମାର ବିଷୋୟୀ, ଲିଡ୍ ବ୍ୟାଙ୍କ୍ ମ୍ୟାନେଜର ଚକ୍ରଧର ନାୟକ ଓ ଉପ ଶାଖା ପରିଚାଳକ ଅଜିତ କୁମାର ଆଚାର୍ଯ୍ୟ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ ଅଭିଭାବକମାନଙ୍କୁ ୧୦ ରୁ କମ୍ ବର୍ଷ ବାଳିକାଙ୍କୁ ଏହି ଯୋଜନାରେ ଖାତା ଖୋଲିବା ପାଇଁ ପ୍ରୋତ୍ସାହିତ କରିଥିଲେ। ସେ କହିଥିଲେ ଭାରତର କନ୍ୟାମାନଙ୍କ ସମୃଦ୍ଧି ଯଥା କନ୍ୟାର ଶିକ୍ଷା ଏବଂ ବିବାହ ଖର୍ଚ୍ଚ ଭରଣା ପାଇଁ ଏହା ଏକ ସଞ୍ଚୟ ଯୋଜନା। ଏଥିରେ ପିତାମାତା କିମ୍ବା ଆଇନଗତ ଅଭିଭାବକମାନେ ୧୦ ବର୍ଷରୁ କମ୍ ଝିଅମାନଙ୍କ ପାଇଁ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ସୁଯୋଗ ପାଇବେ। ମାଲକାନଗିରି ପୌର ପରିଷଦ ଅନ୍ତର୍ଗତ ୨୨ ଗୋଟି ବିଦ୍ୟାଳୟର ୧୦୦ ଜଣ ବାଳିକା ଙ୍କର ଆଜି ଏହି ଯୋଜନାରେ ଖାତା ଖୋଲା ଯାଇଛି। ସାଂସଦ ଏବଂ ଜିଲ୍ଲାପାଳ ନୂତନ ଭାବେ ଏହି ଯୋଜନାରେ ଏକାଉଣ୍ଟ ଖୋଲିଥିବା ବାଳିକାଙ୍କର ଅଭିଭାବକଙ୍କୁ ଖାତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ ନିଜେ ୧୦ ହଜାର ଓ ବ୍ୟାଙ୍କ୍ କର୍ମଚାରୀ ୧୫ ହଜାର ଅର୍ଥାତ୍ ସମୁଦାୟ ୨୫ ହଜାର ଟଙ୍କାର ପ୍ରାରମ୍ଭିକ କିସ୍ତି ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ମଧ୍ୟ ଅଭିଭାବକ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ ଏବଂ ସେ ନିଜ ଝିଅର ଏହି ଯୋଜନାରେ ଖାତା ଖୋଲିଛନ୍ତି। ବୋଲି ସୂଚନା ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଆନନ୍ଦ ରାଓ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଙ୍କ ସମେତ ଶିକ୍ଷା ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

## ଗାଡ଼ି ଚୋରି ମାମଲା; ୩ ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ୍

ରାୟଗଡ଼ା,୨୫।୯ (ସମିସ): ରାୟଗଡ଼ା ଏସଡିଜେଏମ୍ ବର୍ଷା ଦାସ ଏକ ଚୋରି ମାମଲାର ବିଚାର କରି ୩ ଅଭିଯୁକ୍ତଙ୍କୁ ୨ବର୍ଷ ଜେଲ୍ ସହ ୧୦ହଜାର ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ମାସ କାରାଦଣ୍ଡ ହୋଇଛି। ସୂଚନା ପ୍ରକାରେ , ଗତ ଫେବୃଆରୀ ୧୦ତାରିଖ ଦିନ ରାୟଗଡ଼ା ସହରର ରାଣୀଗୁଡା ସ୍ଥିତ ସନ୍ତୋଷ ମିଣିଆକାଙ୍କ ଘର ଆଗରୁ ତାଙ୍କ ମଟର ସାଇକେଲ ଚୋରି ହୋଇଯାଇଥିଲା। ଏହି ଘଟଣାକୁ ଆଧାର କରି ରାୟଗଡ ଥାନାରେ ଏକ ଏତଲା ଦେଇଥିଲେ। ଥାନା ଅଧିକାରୀ ଏତଲାକୁ ଥାନା କେସ ନଂ- ୧୦୦/୨୫ ଦଫା ୩୦୩ (୨) ବିଏନଏସରେ ରୁଜୁ କରି ଏଏସଆଇ ଅମୂଲ୍ୟ ରତ୍ନ ପଣ୍ଡାଙ୍କୁ ତଦନ୍ତ ଭାର ପ୍ରଦାନ କରିଥିଲେ। ତଦନ୍ତକାରୀ ଅଫିସର ଅଭିଯୁକ୍ତ ଅରଜୁ ପିଡିକା, ସହଦେବ ମାଣ୍ଡାଙ୍ଗି, ବିଜୟ ମାଣିଆ ସାହୁଙ୍କୁ ଗିରଫ କରିବା ସହ ଗାଡି ଜବତ କରି କୋର୍ଟଚାଲାଣ କରିଥିଲେ। ଏହି କେସରେ ମୋଟ ୧୦ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ତରଫରୁ ଓକିଲ ସଚ୍ଚିଦାନନ୍ଦ ଖାଡଙ୍ଗା ମାମଲା ପରିଚାଳନା କରୁଥିଲେ।

## ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ଶିବିର



କୁଡୁମୁଲୁଗୁମ୍ମା,୨୫।୯ (ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶେଷଜ୍ଞ ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦଳମଣୀ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଚିକିତ୍ସା ବିଶେଷଜ୍ଞ ଭାବରେ ଚର୍ମରୋଗ ବିଶେଷଜ୍ଞ ଡା. ନୀହାର ରଞ୍ଜନ ପ୍ରହରାଜ, ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ ଡା. ସିମାଞ୍ଚଳ ଦାସ, ମେଡିସିନ ବିଭାଗ ବିଶେଷଜ୍ଞ ଡା. ବାସନ୍ତୀ ହାଓସଦା, ଶିଶୁ ବିଶେଷଜ୍ଞ ଡା. ପିତାମ୍ବର ମୁର୍ମୁ, ଚକ୍ଷୁ ବିଶେଷଜ୍ଞ ଡା. ସଞ୍ଜିବ୍ କର, ମାନସିକ ରୋଗ ବିଶେଷଜ୍ଞ ଡଃ ଅବିଦ୍ ହୁସେନ ପ୍ରମୁଖ ଉପସ୍ଥିତ ରହି ରୋଗୀ ମାନଙ୍କର ଚିକିତ୍ସା କରିଥିଲେ। ଏହି ଶିବିରର ସମ୍ପୂର୍ଣ୍ଣ ପରିଚାଳନା କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ମହେଶ ପଡି କରିଥିଲେ। ଏହି ଶିବିରରେ ମୋଟ ୨୮୫ ରୋଗୀ ଚିକିତ୍ସିତ ହେଉଥିଲା ବେଳେ ଶିବିର ଆୟୋଜନରେ କୁଡୁମୁଲୁଗୁମ୍ମା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏମ୍ ସଞ୍ଜୟ କୁମାର ଗୌଡ଼, ଫାର୍ମାସିଷ୍ଟ ସଞ୍ଜୟ କୁମାର ପୃଷ୍ଟିଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

■ ରାସ୍ତା ମରାମତି କଲାନି ପ୍ରଶାସନ

## ମେଟାଲ କଂକ୍ରିଟ୍ କରି ମରାମତି କଲେ ବିଦ୍ୟାଳୟ ସଭାପତି

ଟେନ୍ତୁଳିଖୁଣ୍ଟି, ୨୫।୯ (ସମିସ): ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ପ୍ରକଳ୍ପ ଅଞ୍ଚଳର ସମସ୍ତ କଲୋନୀ ରାସ୍ତା ମରଣ ଯନ୍ତା ପାଲଟିଛି। ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଲୋକଙ୍କ ଦେହସୁହା ହୋଇଗଲାଣି। ଖାତିଗୁଡା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପୂର୍ବ ପାଶ୍ୱର୍ ଫାଟକ ସମ୍ମୁଖରେ ଥିବା ପ୍ରକଳ୍ପ ରାସ୍ତାରୁ ପିଚୁ ଉଠି ରାସ୍ତା ମରଣ ଯନ୍ତା ପାଲଟିବା ସହ ବର୍ଷା ଦିନରେ ଉକ୍ତ ସ୍ଥାନ କୃତ୍ରିମ ପୋଖରୀ ସଦୃଶ ହେଉଥିଲା। ଉକ୍ତ ରାସ୍ତା ଦେଇ ପ୍ରତିଦିନ ବିଦ୍ୟାଳୟ ଛାତ୍ରଛାତ୍ରୀ ଯାତାୟାତ କରୁଛନ୍ତି । ସମ୍ଭାବ୍ୟ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ପ୍ରତିଷ୍ଠାତା ତଥା ପୂର୍ବତନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଙ୍କ ସନ୍ତୋଷ କୁମାର ଗାହାଣ ବିଦ୍ୟାଳୟ ସମ୍ମୁଖରେ ପ୍ରକଳ୍ପ ରାସ୍ତାରେ ମେଟାଲ କଙ୍କ୍ରିଟ୍ କରି ରାସ୍ତାକୁ ସମତୁଲ କରିଛନ୍ତି । ଇନ୍ଦ୍ରାବତୀ ପ୍ରକଳ୍ପର ଅନେକ କଲୋନୀ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ପ୍ରକଳ୍ପ ପ୍ରଶାସନ ବର୍ତମାନ ନିଘୋଡ଼ ନିଦ୍ରାରେ ରହିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟ ପକ୍ଷରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ରାସ୍ତା ମରାମତିକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏହି ରାସ୍ତା ମରାମତି ସମୟରେ ବିଦ୍ୟାଳୟ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମାହାଙ୍କୁଡ ନିଜେ କାର୍ଯ୍ୟ ତଦାରଖ କରିଥିଲେ।

## ସଫେଇ ପାଇଁ ଅଧିକାରୀ ଓ କର୍ମଚାରଙ୍କ ଶ୍ରମଦାନ




ରାୟଗଡ଼ା,୨୫।୯ (ସମିସ): ଆଜି ସକାଳେ 'ଏକ୍ ଦିନ୍, ଏକ୍ ଘଣ୍ଟା, ଏକ୍ ସାଥ' ଶ୍ରମଦାନ କାର୍ଯ୍ୟକ୍ରମ ଅନ୍ତର୍ଗତ ରାୟଗଡ଼ା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଓ ଏହାର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ସମସ୍ତ କର୍ମଚାରୀ ଓ ପୌର ପରିଷଦର ସଫେଇ କର୍ମଚାରୀ ଉପସ୍ଥିତ ରହି ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଓ ଏହାର ପରିସରକୁ ସଫେଇ କରିଥିଲେ। ସଫେଇ କାର୍ଯ୍ୟକ୍ରମ ସହିତ ଏକ ସେଲ୍ଫି ପଏଣ୍ଟ ଓ କର୍ମଚାରୀଙ୍କ ସ୍ୱଚ୍ଛତା ଉପରେ ମତାମତ ପାଇଁ ଏକ ସ୍ୱାକ୍ଷର ଅଭିଯାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ନିଜ କାର୍ଯ୍ୟାଳୟ ସଫେଇ ନିମନ୍ତେ ଶ୍ରମଦାନ କରିଥିଲେ। ପରିଶେଷରେ ଜିଲ୍ଲା ପରିଷଦ, ରାୟଗଡ଼ାରମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଖେମୁଣ୍ଡୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ଅର୍ଥ) ବିଜୟ କୁମାର ନାୟକ, ଜିଲ୍ଲା ପରାମର୍ଶଦାତା ଲକ୍ଷ୍ମୀ ନାରାୟଣ ଦୋରା ଓ ୱାଇ.ଜୟଲକ୍ଷ୍ମୀ ପାତ୍ର ପରିଚାଳନା କରିଥିଲେ।

## ଆରଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଚେତନତାମୂଳକ କାର୍ଯ୍ୟକ୍ରମ

ପଦ୍ମପୁର,୨୫।୯ (ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ସ୍ଥିତ ଆରଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି କର୍ମଚାରୀ ଏବଂ ଛାତ୍ରଛାତ୍ରୀ ତଥା ଯୁବ ରେଡ଼କ୍ରସ ସ୍ୱେଚ୍ଛାସେବୀଙ୍କୁ ନେଇ କାର୍ଯ୍ୟ କ୍ଷେତ୍ରରେ ଯୌନ ନିର୍ଯାତନା ଏବଂ ପୋକ୍ସ ଆକ୍ଟ ୨୦୧୩ ସମ୍ବନ୍ଧରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧ୍ୟକ୍ଷ ରଶ୍ମିତା କୁମାରୀ ସ୍ୱାଇଁ, ଅଧ୍ୟାପିକା ମନୋଜ କୁମାର ଶତପଥୀ, ଅଧ୍ୟାପିକା ରିଙ୍କି କୈବର୍ତ୍ତ, ବିଦ୍ୟାବତୀ ନିମଲା ଏବଂ ଛାତ୍ର ଛାତ୍ରୀ ପ୍ରତିନିଧି ସହ ୨୦୦ଜଣ ଛାତ୍ରୀ ଯୋଗଦାନ କରିଥିଲେ। ବିଦ୍ୟାଳୟରଅଧ୍ୟକ୍ଷ ଅଶୋକକୁମାରଦାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କମିଟିର ଆଇନ ପରାମର୍ଶ ଦାତା ତଥା ସଭ୍ୟ ରମେଶ ଚନ୍ଦ୍ର ଲିମା, ଡ. ମନୋଜ କୁମାର ଶତପଥୀ, ଅଧ୍ୟକ୍ଷ ଅଶୋକ ଦାସ ଏ ସମ୍ପର୍କରେ ସଚେତନ କରିଥିଲେ। ଅଧ୍ୟାପକ ଏବଂ ଯୁଥ୍ ରେଡକ୍ରସ, କାଉନସେଲର ରମେଶ ଚନ୍ଦ୍ର ଦୋରା, ଅଧ୍ୟାପକ ରମେଶ ପଣ୍ଡା, ରାମନାଥ ସାହୁ, ସୁବାଷ ଚନ୍ଦ୍ର ସାହୁ ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଅଧ୍ୟକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ

## କୋଲନରା ବ୍ଲକ୍ ଆଶାକର୍ମୀ ସଂଘର ବୈଠକ




ରାୟଗଡା/କୋଲନରା,୨୫।୯ (ସମିସ): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘର ଏକ ବୈଠକ କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। କୋଲନରା ବ୍ଲକ୍ ସମ୍ପାଦିକା ସୁବାସିନୀ ପିଡିପାଙ୍କ ନେତୃତ୍ୱରେ ଆଶାକର୍ମୀ ସଂଘର ଜିଲ୍ଲା ସମ୍ପାଦିକା ଶ୍ରୀମତୀ ଗୀତାଞ୍ଜଳି ହୀଆଲ ଏବଂ କୋଷାଧ୍ୟକ୍ଷ ପୁଷ୍ପାଞ୍ଜଳି ବେହୁରାଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ଲେଙ୍କା, ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ, ଆଶା କର୍ମୀ ସଂଘର ରାଜ୍ୟ ଉପସଭାନେତ୍ରୀ ମମତା ବିଶ୍ୱାଳ, ବିଦ୍ୟୁତ କର୍ମଚାରୀ ସଂଘର ଆନନ୍ଦ ରାଓ , କୃଷି ଗ୍ରାମିଣ ମଜଦୂର ସଂଘର ସୁନ୍ଦର ରାଓ କାଡ୍ରକା, ପର୍ଯ୍ୟାବରଣ ମଞ୍ଚ ସହ ସଂଯୋଜକ ରମେଶ ହିମିରିକା ଯୋଗ ଦେଇଥିଲେ। ଆଶା କର୍ମୀ ମାନଙ୍କ ଦୀର୍ଘ ଦିନର ବିଭିନ୍ନ ଦାବିକୁ ନେଇ ଆଲୋଚନା କରାଯାଇ ନୂତନ ସରକାରଙ୍କ ଠାରେ ଦାବି କରି ସମାଧାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ବ୍ଲକ୍‌ର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତା ଭାବେ ସଭାନେତ୍ରୀ ସୁବାସିନୀ ପିରିପାକା, ଉପ ସଭାନେତ୍ରୀ ବିନୋଜିନୀ ପ୍ରଧାନି, ସାବିତ୍ରୀ ପିରିପାକା, ପ୍ରସାନ୍ତି କାଡରାକା, ସୁଧେଷ୍ଣା ମାଣ୍ଡାଙ୍ଗି, ସମ୍ପାଦିକା ପାଲଙ୍ଗ ପିଡିସିକା, ସହ ସମ୍ପାଦିକା ହିରାମଣି ହୁଇକା, ସଂଗଠନ ସମ୍ପାଦିକା ଏଙ୍କା କଣ୍ଡାଗରି, କୋଷାଧ୍ୟକ୍ଷ ଭାବେ ଆଦିମାଇ ହିମିରିକାଙ୍କୁ ଚୟନ କରାଯାଇଥିଲା। ବୈଠକରେ କୋଲନରା ବ୍ଲକର ସମସ୍ତ ଆଶା କର୍ମୀ ମାନେ ଯୋଗ ଦେଇଥିଲେ।

## ଶେଷ ପର୍ଯ୍ୟାୟରେ ଗୁଡାରୀ ଦୁର୍ଗାପୂଜା

ଗୁଡାରୀ,୨୫।୯ (ସମିସ): ଶାରଦୀୟ ଦୁର୍ଗାପୂଜାକୁ ନେଇ ଗ୍ରାମଠାରୁ ଆରମ୍ଭ କରି ସହର ଯାଏଁ ଉତ୍ସବମୁଖର ହୋଇଛି। ଗୁଡାରୀ ସହରରେ ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ଟାଉନ ଦୁର୍ଗାପୂଜା କମିଟି ପୂଜାର ଆୟୋଜନ ପାଇଁ ଅଣ୍ଟା ଭିଡ଼ିଛି। ମା'ଙ୍କ ପୂଜା ଷଷ୍ଠୀଠାରୁ ଆରମ୍ଭ ହୋଇ ଦଶମୀରେ ପୂର୍ଣ୍ଣାହୁତି ହେବ। ସଭାପତି ସନ୍ତୋଷ ମହାନ୍ତି କହିଛନ୍ତି, ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କେଦାର ସାହୁ କହିଛନ୍ତି ଏହି ବର୍ଷର ଦୁର୍ଗପୂଜାରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ମୀନାବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି। ମା'ଙ୍କ ଦର୍ଶନ ପାଇଁ ବ୍ୟାରିକେଟ୍‌ର ବ୍ୟବସ୍ଥା କରାଯିବା ସହ ପାନୀୟ ଜଳ ଏବଂ ମଣ୍ଡପର ଚାରିପାଖ ସଫା ରଖିବା ପାଇଁ ପରିଷଦ ପକ୍ଷରୁ ଲିଖିତ ଚିଠି କରାଯାଇଛି। ମା'ଙ୍କ ଦର୍ଶନ ସମୟରେ କୌଣସି ପ୍ରକାରର ଅଘଟନକୁ ଏଡାଇବା ପାଇଁ ଗୁଡାରୀ ଥାନାକୁ ଲିଖିତ ଚିଠି ଦିଆଯାଇଛି ବୋଲି କୁହାଯାଇଛି।

## ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ



ରାୟଗଡ଼ା/କୋଲନରା ,୨୫।୯ (ସମିସ): ରାୟଗଡ଼ା ଜିଲ୍ଲା ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଏବଂ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ସମେତ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇ ମହାବିଦ୍ୟାଳୟ ପରିସର ଏବଂ ତା' ଆଖପାଖ ଅଞ୍ଚଳରେ ସଫେଇ କରିଥିଲେ। ଅଧ୍ୟକ୍ଷା ଡକ୍ଟର ଶ୍ୟାମା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଦାୟିତ୍ୱ ନିର୍ବାହ ଅଧିକାରୀ ସହକାରୀ ପ୍ରଫେସର କଲ୍ୟାଣ କୁମାର, ଗିରିଜା କହଁର ଏବଂ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ସହକାରୀ ପ୍ରଫେସର ଡକ୍ଟର ପ୍ରଦୀପ କୁମାର ଦାସ ଏବଂ ଅଧ୍ୟାପକ ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ।

## ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା



ମାଲକାନଗିରି,୨୫।୯ (ସମିସ): ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଏହି ପ୍ରତିଯୋଗିତାରେ ପୌର ପରିଷଦ ମାଲକାନଗିରି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଚାରକ ଭାବେ ସରୋଜ ଦାସ, ସରୋଜ ପଟ୍ଟନାୟକ ଓ ସମୀର ନାୟକ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ କର୍ମଚାରୀ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ପ୍ରତିଯୋଗିତାକୁ ଆୟୋଜନ କରିବାରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷ ଦୁଷ୍ମନ୍ତ ଜେନା ଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। ସମସ୍ତ କୃତି ପ୍ରତିଯୋଗୀଙ୍କୁ ସର୍ବଶିକ୍ଷା ଅଭିଯାନ ପରିସରରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ଅବସରରେ ପୁରସ୍କୃତ କରାଯିବ।

### ରୋଷ୍ଟେଡ୍ ମାଣ୍ଡିଆ ୟୁନିଟ୍ ଉଦଘାଟିତ

## ମାଣ୍ଡିଆ ପ୍ରକ୍ରିୟାକରଣ ଜରିଆରେ ମହିଳା ହେବେ ସ୍ୱାବଲମ୍ବୀ



ରାୟଗଡ଼ା,୨୫।୯ (ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍, ଆଦିତ୍ୟ ବିର୍ଲା ଗ୍ରୁପର ଶତ ପ୍ରତିଶତ ସହଯୋଗୀ କମ୍ପାନୀ, ଚକୋଲାକା ସହଭାଗିତାରେ ରୋଷ୍ଟେଡ୍ ମିଲେଟ୍ ୟୁନିଟ୍ ସ୍ଥାନୀୟ ବିଲାମାଳ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଅଞ୍ଚଳର ମହିଳାଙ୍କୁ ଆତ୍ମନିର୍ଭରଶୀଳ କରି ଜୀବିକା ପ୍ରଦାନ ଦିଗରେ କମ୍ପାନୀ ପକ୍ଷରୁ ଏହି ପ୍ରୟାସ କରାଯାଇଛି। ୟୁଏଆଇଏଲ ସିଏସଆର୍ ଅଧୀନ ଗ୍ରାମ ଗୁଡ଼ିକରେ ମହିଳାଙ୍କୁ ଜୀବିକା ପ୍ରଦାନ ଉଦ୍ଦେଶ୍ୟରେ ଏହା ପ୍ରାରମ୍ଭ ହୋଇଛି। ଉକ୍ତ ୟୁନିଟ୍ ଦ୍ୱାରା ମାଣ୍ଡିଆକୁ ବିଭିନ୍ନ ପଦ୍ଧତି ଅବଲମ୍ବନ କରି ଦୈନନ୍ଦିନ ବ୍ୟବହୃତ ସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ ତିଆରି କରି ଏହାକୁ ଆକର୍ଷଣୟ ପ୍ୟାକେଜ ଜରିଆରେ ରାଜ୍ୟ ସମେତ ଜାତୀୟ ତଥା ବିଦେଶ ବଜାରରେ ଏହାର ବିକ୍ରୟ କରାଯିବା ନେଇ ଯୋଜନା ରହିଛି। ଉତ୍କଳ ଆଲୁମିନାର ଏହି ପ୍ରୟାସକୁ ଭୂୟସି ପ୍ରଶଂସା କରିଛନ୍ତି କାଶୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସଏ। ହିଣ୍ଡାଲକୋ ସିଏସଆର୍ କ୍ଲଷ୍ଟର ମୁଖ୍ୟ ଶିବ ଶଙ୍କର ମହାପାତ୍ର କହିଛନ୍ତି ଯେ, କୌଣସି ମହିଳା ଆର୍ଥିକ ରୂପେ ପରିବାରର ଅନ୍ୟ କୌଣସି ବ୍ୟକ୍ତିଙ୍କ ଉପରେ ନିର୍ଭର ନ ହୋଇ କୌଶଳ ପ୍ରଶିକ୍ଷଣ ଜରିଆରେ ଆତ୍ମନିର୍ଭରଶୀଳ ହୋଇ ଆର୍ଥିକ ଭାବେ ସ୍ୱାବଲମ୍ବନ ହେବା ଉଚିତ। ୟୁଏଆଇଏଲ ସିଏସଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ର କହିଛନ୍ତି ଏହି ଉନ୍ନତିମୂଳକ କାର୍ଯ୍ୟ ଗୁଡ଼ିକ ଆଗାମୀ ଦିନରେ ମଧ୍ୟ ଜାରି ରହିବ । କାର୍ଯ୍ୟକ୍ରମକୁ ସିଏସଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ହାଡ଼ିଗୁଡା ସରପଞ୍ଚ ଯଦୁମଣି ମାଝୀ, ମାନବ ସମ୍ବଳ ମୁଖ୍ୟ ନାରାୟଣ ମିତ୍ରା, ପ୍ଲାଣ୍ଟ ସିଏସଆର ମୁଖ୍ୟ ଦିଗନ୍ତ ମହାନ୍ତି, ପରିବେଶ ବିଭାଗ ମୁଖ୍ୟ ସୁରେନ୍ଦ୍ର ସେରନଙ୍କ ସମେତ ଚକୋଲାକା ଅନୁଷ୍ଠାନ ତରଫରୁ ରୀତା ବଳିଆରସିଂ ଓ ଶାନ୍ତା ବଳିଆରସିଂ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଏସ୍‌ଏଚ ଏଲଡିସି ଚନ୍ଦନ ଚୌଧୁରୀ ଏବଂ ସିଏସଆର ଟିମର ସଦସ୍ୟ କର୍ତ୍ତିକେଶ୍ୱର ସାହୁ, ରୁପେନ୍ ପଟ୍ଟନାୟକ, ମନୋଜ ଦାସ, ସୌମ୍ୟଜିତ ସ୍ୱାଇଁ, ସୁବାଷ ଚନ୍ଦ୍ର ନାଏକ, ସତ୍ୟଭାମା ନାୟକ, ଆଶିଷ କୁମାର ସାହୁ, ଗଜେନ୍ଦ୍ର ନାଏକ, ବିନୋଦ ପୂଜାରୀ, ମୌସୁମୀ ଦାସ, ସୁସ୍ମିତା କୋଶଲା, ମୋହିନୀ ନାଏକ, ନିରୂପମା ବାରିକ, କାମଦେବ, ହେମଲତା ସୋଉନ୍ତା ଓ ଗୌରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନବରଙ୍ଗପୁର ଜିଲ୍ଲା କିଶୋରୀଙ୍କ ଭୁବନେଶ୍ୱର ଗସ୍ତ



ନବରଙ୍ଗପୁର,୨୫।୯ (ସମିସ): ନବରଙ୍ଗପୁର ଜିଲ୍ଲା ସମାଜ କଲ୍ୟାଣ ବିଭାଗ ତରଫରୁ ଅଦ୍ୱିକା ଯୋଜନା ଅଧୀନରେ ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା, ପାପଡ଼ାହାଣ୍ଡି, ଡ଼ାବୁଗାଁ, ଉମରକୋଟ ବ୍ଲକ୍‌ର ୧୪ ବର୍ଷରୁ ୧୮ ବର୍ଷିଆ ୩୩ ଜଣ କିଶୋରୀ ବାଳିକା ରାଜଧାନୀ ଭୁବନେଶ୍ୱରକୁ ଗସ୍ତ କରିଛନ୍ତି। ରାଜଧାନୀକୁ ଗସ୍ତ ସମୟରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ବିଧାୟକ ନବରଙ୍ଗପୁରଙ୍କ ପ୍ରତିନିଧି ଦେବଦାସ ମହାଙ୍କୁଡ, ଜିଲ୍ଲା ଶ୍ରମ ବିଭାଗ ଅଧିକାରୀ, ନବରଙ୍ଗପୁର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ନବରଙ୍ଗପୁର ଉପସ୍ଥିତ ରହି କିଶୋରୀ ଯାତ୍ରୀଙ୍କୁ ପତକା ଦେଖାଇ ଶୁଭ ଯାତ୍ରାର ଶୁଭେଚ୍ଛା କାମନା କରିଥିଲେ।। ଏହି କିଶୋରୀଙ୍କ ସୁରକ୍ଷା ଦାୟିତ୍ୱରେ ରୋମା ପଟ୍ଟନାୟକ, ଶ୍ରୀମତୀ ସସ୍ମିତା ପାତ୍ର, ପ୍ରୀତି କୁମାରୀ ବାଘ, ସୁମିତ୍ ରାଜ ମିଶନ ଗ୍ରାହାମ ଏବଂ ଚାରଟି ବ୍ଲକର ଚାରିଜଣ ଅଙ୍ଗନବାଡି କର୍ମୀ ସାଙ୍ଗରେ ରହିଛନ୍ତି। ରାଜଧାନୀ ଭୁବନେଶ୍ୱର ଠାରେ ବିଶ୍ୱ ଦକ୍ଷତା କେନ୍ଦ୍ର, କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱର ଆଇଟିଆଇ ପରିଦର୍ଶନ କରାଇ କିଶୋରୀମାନଙ୍କୁ ସାବଲମ୍ବୀ ହେବାର ଆଗ୍ରହ ଜାଗ୍ରତ କରାଇବା ଏହି ଗସ୍ତର ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି।

# ମିଶନ ଶକ୍ତି କର୍ମଚାରୀଙ୍କ ଆନ୍ଦୋଳନ



ପାପଡାହାଣ୍ଡି, ୨୫।୯ (ସମିସ): ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣଠାରେ ପାପଡାହାଣ୍ଡି ବ୍ଲକର ୨୦ଟି ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ସମସ୍ତ ଏମ୍‌ବିକେ, ବ୍ୟାଙ୍କ ମିତ୍ର, ସିଆରପି ସଂଘ ତରଫରୁ ମିଳିତ ଭାବେ ଗଣଧାରଣା ଚାଲିଛି। ପାପଡାହାଣ୍ଡି ସଂଘ ସଭାନେତ୍ରୀ ମାର୍ଥା ମଞ୍ଜରୀ ଖରା ଏବଂ ସମ୍ପାଦିକା ସସ୍ମିତା ନାୟକଙ୍କ ନେତୃତ୍ୱରେ ୨୦ଟି ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ଏମବିକେର ୨୦ ଜଣ, ବ୍ୟାଙ୍କ ମିତ୍ରର ୪ ଜଣ, ସିଆରପିର ୨୩ ଜଣ ଗଣଧାରଣରେ ସାମିଲ ହୋଇଛନ୍ତି। ଆଜି ଜିଲ୍ଲା କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ଭୁଜବଳ ମାଝୀଙ୍କ ନେତୃତ୍ୱରେ ସେକ ୱଜିର ହୁସେନ, ସେକ ଆକବର ହୁସେନ, ରବୀନ୍ଦ୍ର ପ୍ରଧାନ ଗଣଧାରଣା ସ୍ଥଳରେ ପହଞ୍ଚି ସମର୍ଥନ କରି ସରକାର ଯଦି ଏହାକୁ ପୁନଃ ବିଚାର ନ କରନ୍ତି ତେବେ ବିଧାନସଭାରେ ଏହି ବିଷୟରେ ସରକାରଙ୍କୁ ଘେରାଉ କରାଯିବ ବୋଲି କହିଥିଲେ।

# ଉଦ୍ୟାନ କୃଷି ତାଲିମ ଶିବିର ଉଦ୍‌ଯାପିତ



କୋରାପୁଟ,୨୪।୯ (ସମିସ): କୋରାପୁଟ ଭାରତୀୟ ଷ୍ଟେଟବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ତରଫରୁ ୧୩ ଦିନିଆ ଉଦ୍ୟାନ କୃଷି ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କୁନ୍ଦୁରା ବ୍ଲକ ଫୁଫୁଗାଁ ପଞ୍ଚାୟତର ଗିହୁରୀଗୁଡା ଗ୍ରାମରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ସ୍ୱୟଂସହାୟକ ଗୋଷ୍ଠୀର ୩୫ ଜଣ ମହିଳା ତାଲିମ ନେଇଥିଲେ। ଫୁଫୁଗାଁ ପଞ୍ଚାୟତ ଅଧିନରେ ଥିବା ବୁଟୁଗୁଡା, ନାରାଗା ଏବଂ ଗିହୁରିଆଗୁଡାର ମହିଳା ମାନେ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତାଲିମ କେନ୍ଦ୍ରର ନିର୍ଦ୍ଦେଶକ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ବ୍ୟାଙ୍କର ବିଭିନ୍ନ ପ୍ରକାର ଯୋଜନା ଉପରେ ଆଲୋକପାତ କରିଥିଲେ। ଶେଷରେ ତାଲିମ କେନ୍ଦ୍ରର ପ୍ରଶିକ୍ଷକ ଭୁଲୋକ ବିହାରୀ ମହାନ୍ତି ଉପଯୋଗିତା ଉପରେ ତାଲିମାର୍ଥୀମାନଙ୍କୁ ମାର୍ଗଦର୍ଶନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଉମରକୋଟରେ ସ୍ୱାସ୍ଥ୍ୟ ସଚେତନତା

ଉମରକୋଟ ୨୫।୯ (ସମିସ): ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ଠାରେ ସ୍ୱାସ୍ଥ୍ୟ ସଚେତନତା ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ଉପଖଣ୍ଡ ଚିକିତ୍ସାଳୟର ନିରୀକ୍ଷକ ଡକ୍ଟର ଶରତ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ ଡକ୍ଟର ସନ୍ତୋଷ କୁମାର ପଣ୍ଡା, ରାଜ୍ୟ ବିଜେପି ସଂପାଦକ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ , ପୌର ଅଧ୍ୟକ୍ଷା ରାଧା ଭତ୍ରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଶିଶୁ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସଚେତନ ବାର୍ତ୍ତା ବହନ କରୁଥିବା ଷ୍ଟଲ ଗୁଡ଼ିକ ସ୍ଥାପନ କରା ଯାଇଥିଲା। ଶିବିର ରେ ସମସ୍ତ ବୟସ୍କ ମାନଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ଯାଞ୍ଚ ସହ ନାରୀ ଓ କିଶୋରୀ ମାନଂକ ରକ୍ତ ଚାପ, ମଧୁମେହ, ରକ୍ତ ହୀନତା ଓ ବିଭିନ୍ନ ମହିଳା ରୋଗ ଯାଞ୍ଚ କରଯାଇଥିଲା। ସେହିପରି ପୋଷଣ ସମ୍ବନ୍ଧୀୟ ତଥ୍ୟ ଓ ପ୍ରାଥମିକ ତଥ୍ୟ ପ୍ରଦାନ କରଯାଇଥିଲା। ସମସ୍ତ ପରିବାର ମଧ୍ୟରେ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ମୂଳ ଲକ୍ଷ୍ୟ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ସନ୍ତୋଷ କୁମାର ପଣ୍ଡା ମତ ରଖିଥିଲେ। ଶିବିରରେ ମୋଟ ୫୫୫ ଜଣ ମହିଳାଙ୍କ ନାମ ପଞ୍ଜିକରଣ କରିଥିଲେ। ମାଗଣା ରକ୍ତ ପରୀକ୍ଷା ମଧ୍ୟ କରାଯିବା ସହ ମାଗଣାରେ ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡକ୍ଟର ପ୍ରମୋଦ କୁମାର ନାୟକ ଓ ଡକ୍ଟର ସାଗରିକା ସ୍ୱାଇଁ, ଚକ୍ଷୁ ରୋଗ ବିଶେଷଜ୍ଞ କାନ୍ତନା ଏସ ପ୍ରଧାନ ଓ ଇଏନଟି ରୋଗ ବିଶେଷଜ୍ଞ ବିଭୂକଲ୍ୟାଣ ତ୍ରିପାଠୀ , ଦାନ୍ତ ବିଶେଷଜ୍ଞ ଅନୁରାଗ ମଲ୍ଲିକ,ଶିଶୁ ରୋଗ ବିଶେଷଜ୍ଞ ଡକ୍ଟର ଦେବୀ ପ୍ରସାଦ ଦାସ,ଡକ୍ଟର. ସବ୍ୟସାଚୀ ଦାସ, ହସ୍ପିଟାଲ ପରିଚାଳକ ଶୁଭ୍ରାଂଶୁ ପାଲଟାସିଂ, ଏକାଉଣ୍ଟସ ମେନେଜର ବିଶ୍ୱଜିତ୍ ସୁନା ଓ ବରିଷ୍ଠ ଯକ୍ଷ୍ମା ରୋଗ ସୁପରଭାଇଜର ବିପିନ କୁମାର ମାଝୀ ଓ ହସ୍ପିଟାଲର ସମସ୍ତ କର୍ମଚାରୀମାନେ ଶିବିରର ସମସ୍ତ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟ କେନ୍ଦ୍ରରେ ସଫେଇ କାର୍ଯ୍ୟକ୍ରମ




ବିଷମ କଟକ,୨୫।୯ (ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ଫର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଫର୍ମାସିଷ୍ଟ ଏବଂ ଅନ୍ୟାନ୍ୟ କର୍ମଚାରୀ ମିଳିତ ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସଫେଇ କାର୍ଯ୍ୟକ୍ରମ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ହରିହର ବଳଦେବ ଟୁଡୁ, ଓ ଡ.ସୁମିତ ସ୍ନେହାଶୀଷ ନାୟକ ଫର୍ମାସିଷ୍ଟ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏ ଅବସରରେ ଫର୍ମାସିଷ୍ଟ ଅଶ୍ୱିନି ରାଉତ, ବିରେନ୍ଦ୍ର ପାତ୍ର, କୋରା ପାତ୍ର, ଭେଙ୍କେଟା ରାବଣା, ଏମ୍.ଏଲ୍.ଟି. ସିନୁ ଖଟୁଆ, ଲକ୍ଷପତି ନାୟକ, କୃଷ୍ଣ କୁମ୍ବାକା, ନରସିଂହ, ଚନ୍ଦ୍ରକାନ୍ତ ପ୍ରମୁଖ ସଫେଇ କାର୍ଯ୍ୟ କରିଥିଲେ।

# ଗଞ୍ଜେଇ ସହ ଟ୍ରକ୍ ଜବତ,୨ ଗିରଫ



କୋରୁକୋଣ୍ଡା,୨୫।୯ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ପୁଲିସକୁ ମିଳିଛି ବଡ଼ ସଫଳତା। ଦୁଇ ଜଣ ବ୍ୟକ୍ତି ଗାଡି ଟାଟା -୧୧୦୯ ଟ୍ରକ୍ ନମ୍ବର ଓଡି୦୮ ଏଚ ୬୯୩୬ ଯୋଗେ ବେଆଇନ ଭାବେ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ପୋଲିସ ହାବୁଡ଼ରେ ଧରା ପଡିଛନ୍ତି। ଏହି ଘଟଣାରେ ଗିରଫ ହୋଇଥିବା ଦୁଇଜଣ ବ୍ୟକ୍ତି ହେଉଛନ୍ତି ମୋଟୁ ଥାନା ଅଧିନସ୍ଥ ଏମପିଭି -୪୭ ଗ୍ରାମର ମହାଦେବ ସରକାର -(୨୬) ଏବ ° ଅନ୍ୟ ଜଣେ ରାଜସ୍ଥାନ ରାଜ୍ୟର ଯୋଦପୁର ଅଞ୍ଚଳର ଭାଗିରଥ ମେଘବାଲ (୩୪)ବୋଲି ଜଣାପଡିଛି। ଏ ନେଇ ପୁଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ବୁଧବାର ଅପରାହ୍ନ ପ୍ରାୟ ୨ଟା ସମୟରେ କୋରୁକୋଣ୍ଡା ଥାନା ଅଧିକାରୀ ହିମାଂଶୁ ଶେଖର ବାରିକଙ୍କ ନେତୃତ୍ୱରେ ପୁଲିସର ଏକ ଟିମ୍ ବାଲିମେଳା - ମାଲକାନଗିରି ମୁଖ୍ୟ ରାସ୍ତା ତଥା ତାର୍ଲାକୋଟା ଘାଟି ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ବାଲିମେଳା ପଟୁ ଏକ ଟ୍ରକ ମାଲକାନଗିରି ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଦେଖି ସନ୍ଦେହ ହେବାରୁ ପୁଲିସ ଉକ୍ତ ଟ୍ରକ ଟିକୁ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ିରେ ୨୫ଟି ଜରି ବସ୍ତାରେ ବିପୁଳ ପରିମାଣର ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ପୁଲିସ ଘଟଣା ସ୍ଥଳରୁ ଉକ୍ତ ଟ୍ରକ୍ ସମେତ ଟ୍ରକରେ ଥିବା ମୋଟ ୬୧୫ କିଲୋ ଗଞ୍ଜେଇକୁ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଥିବା ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଥାନାରେ ପଚରା ଉଚୁରା କରିବା ସମୟରେ ଏହି ଗଞ୍ଜେଇକୁ ଯୋଧପୁର ଅଞ୍ଚଳକୁ ଚାଲାଣ କରାଯାଉଥିଲା ବୋଲି ଗିରଫ ହୋଇଥିବା ବ୍ୟକ୍ତି ମାନେ ପୋଲିସ ସମ୍ମୁଖରେ ପ୍ରକାଶ କରିଥିବା ଜଣା ପଡିଛି। ଏହି ଗଞ୍ଜେଇ ଚୋରା ଚାଲାଣ କରୁଥିବା ଉପରୋକ୍ତ ଦୁଇଜଣ ବ୍ୟକ୍ତିଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାର ତଦନ୍ତ ଏସଆଇ ପ୍ରଶାନ୍ତ କୁମାର ସାବତ ଜାରି ରଖିଥିବା ଥାନା ଅଧିକାରୀ ଶ୍ରୀ ବାରିକ ସୂଚନା ଦେଇଛନ୍ତି।

# ଫେରାର ଲୁଟେରା ଗିରଫ କୋର୍ଟ ଚାଲାଣ

ଜୟପୁର,୨୫।୯ (ସମିସ): ଜୟପୁର ସହରର ଏମ.ଜି ରୋଡରେ ରହିଥିବା ଅମ୍ବିକା ହୋଟେଲ ନିକଟରେ ଜଣେ ବ୍ୟକ୍ତିଙ୍କ ଠାରୁ ଜୋରଜବରଦସ୍ତ ଟଙ୍କା ଲୁଟ ମାମଲାରେ ଫେରାର ରହିଥିବା ୩ୟ ଅଭିଯୁକ୍ତଙ୍କୁ ଟାଉନଥାନା ପୁଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ସ୍ଥାନୀୟ ସଦର ଥାନା ଅଞ୍ଚଳ ବଡ ଦୁବୁଲି ଗ୍ରାମର ପ୍ରବୀର ହରିଜନ (୨୩)। ଏହି ମାମଲାରେ ପୂର୍ବରୁ ୨ଜଣ ଲୁଟେରା ଗିରଫ ହୋଇଥିବା ବେଳେ ତୃତୀୟ ଅଭିଯୁକ୍ତ ଫେରାର ରହିଥିଲା। ପୁଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୧୬ ତାରିଖରେ ପଖନାଗୁଡା ଗ୍ରାମର ଦାମଦୋର ଦିସାରୀ ବ୍ୟାଙ୍କରୁ ୪୦ ହଜାର ଟଙ୍କା ଉଠାଣ କରିଥିଲେ। ଏହାପରେ ସ୍ଥାନୀୟ ଏମ.ଜି ରୋଡ ଠାରେ ପାନଦୋକାନ ନିକଟରେ ଠିଆ ହୋଇଥିବା ବେଳେ ୩ଜଣ ଦୁର୍ବୃତ ପହଞ୍ଚି ତାଙ୍କ ପକେଟରୁ ପର୍ସ ଝାମ୍ପି ନେଇଯାଇଥିଲେ। ଏଥିରେ ବ୍ୟାଙ୍କରୁ ଉଠାଣ କରିଥିବା ସମସ୍ତ ୪୦ ହଜାର ଟଙ୍କା ଲୁଟିନେବାରେ ସଫଳ ହୋଇଥିଲା। ଏଥିନେଇ ଅଭିଯୋଗକାରୀ ଟାଉନଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ କରିବା ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ସୁଦ୍ଧା ୩ୟ ଅଭିଯୁକ୍ତ ଫେରାର ରହିଥିଲେ। ତଦନ୍ତକାରୀ ଅଧିକାରୀ ଭାବେ ଆ.ଆଇ. ସି ଉଲ୍ଲାସ ଚନ୍ଦ୍ର ରାଉତ ତଦନ୍ତ କରିବା ସହ ଫେରାର ରହିଥିବା ତୃତୀୟ ଅଭିଯୁକ୍ତ ଗିରଫ କରିବାରେ ସଫଳତା ପାଇଛନ୍ତି।

# ଗଞ୍ଜେଇ ସହ ବାଇକ ଜବତ, ଦୁଇ ଗିରଫ



ବାଲିମେଳା/କୋରୁକୋଣ୍ଡା,୨୫।୯ (ସମିସ): କୋରାପୁଟ ଅଞ୍ଚଳକୁ ଏକ ବାଇକ୍ ଯୋଗେ ଦୁଇଜଣ ବ୍ୟକ୍ତି ଏକ ଜରି ବସ୍ତାରେ ୧୦ କିଲୋ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଓର୍କେଲ ପୁଲିସ ହାତରେ ଧରା ପଡିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇଜଣ ବ୍ୟକ୍ତି ହେଉଛନ୍ତି ଚିତ୍ରକୋଣ୍ଡା ଥାନା ଅଧିନସ୍ତ ଅଙ୍ଗୁରୁଗୁଡା ଗ୍ରାମର ରାମ କିର୍ସାନି (୪୦) ଏବଂ ଅନ୍ୟ ଜଣେ ଉକ୍ତ ଗ୍ରାମର ଜୟ କିର୍ସାନି (୨୨) ବୋଲି ଜଣାପଡିଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ମିଳନ ବରିହା ଗତ ବୁଧବାର ଅପରାହ୍ନ ପ୍ରାୟ ୨ଟା ୩୦ମିନିଟ ସମୟରେ କୁଡୁମୁଲୁଗୁମ୍ମା ଅଞ୍ଚଳର ଅରିଙ୍ଗି ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏକ ବାଇକ୍ ଯୋଗେ ଦୁଇଜଣ ବ୍ୟକ୍ତି ଏକ ଜରି ବସ୍ତାରେ କିଛି ସାମଗ୍ରୀ ନେଇ ଉକ୍ତ ରାସ୍ତା ଦେଇ କୋରାପୁଟ ଅଭିମୁଖେ ଯାଉଥିବା ଦେଖି ସନ୍ଦେହ ହେବାରୁ ପୁଲିସ ଉକ୍ତ ବାଇକଟିକୁ ଅଟକାଇ ଯାଞ୍ଚ କରିଥିଲେ। ଉକ୍ତ ଜରି ବସ୍ତା ଭିତରେ ୧୦କିଲୋ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ପୋଲିସ ଘଟଣା ସ୍ଥଳରୁ ଉକ୍ତ ବାଇକ ସମେତ ଉକ୍ତ ଗଞ୍ଜେଇକୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି ଥାନାକୁ ଆଣିଥିଲେ। ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ରାୟଗଡ଼ା,୨୫।୯ (ସମିସ): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ବିଶାଳ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଏନ୍‌ସିସି ବାଳିକା ୟୁନିଟ୍, ଯୁବ ରେଡକ୍ରସ୍ ବାଳିକା ୟୁନିଟ୍ ଓ ଏନ୍‌ଏସ୍‌ଏସ୍ ବାଳିକା ୟୁନିଟ୍‌ର ସଂଯୁକ୍ତ ପ୍ରୟାସରେ ହୋଇଥିବା ଏହ ଶିବିରରେ ହଜାରରୁ ଅଧିକ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼. ସରସ୍ୱତୀ ରାୟ, ପିଜି କାଉନସିଲ୍ ଚେୟାରମେନ ପି.ଅରୁଣ କୁମାର, ପ୍ରଶାସନିକ ଅଧିକାରୀ ଟି. ଜ୍ୟୋତି , ଆକାଉଟାଣ୍ଟ ଅଧିକାରୀ ସୁବ୍ରତ ପ୍ରଧାନ, ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ଉଦୟ ନାଏକ, କେ.କେ ଜାନି, ଯୁବ ରେଡକ୍ରସ୍ ପରାମର୍ଶଦାତା ପ୍ରିୟଦର୍ଶିନୀ ବଳ, ଟିକେଶ୍ୱର ମାଝୀ ଓ ଏନ୍‌ଏସ୍‌ଏସ୍ ଅଧିକାରୀ ଶଙ୍କର ପେଦ୍ଦୁରୁ, ମୋନାଲିସା ପାଣିଗ୍ରାହୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଭି. ସରୋଜିନୀ ଦେବୀ, ଜିଲ୍ଲା ସାର୍ବଜନୀନ ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ମମତା ଚୌଧୁରୀ, ସହର ସ୍ୱାସ୍ଥ୍ୟ ଓ ସୁସ୍ଥ୍ୟତା କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ସସ୍ମିତା ପାଢ଼ୀ, ଦନ୍ତ ଚିକିତ୍ସକ ଅମିତ କୁମାର ପରିଡ଼ା, ସହର ସ୍ୱାସ୍ଥ୍ୟ କେନ୍ଦ୍ରର ସାର୍ବଜନୀନ ସ୍ୱାସ୍ଥ୍ୟ ପରିଚାଳକ ମାନସ ରଞ୍ଜନ ପୁରୋହିତ, ପୋଷଣ ବିଶେଷଜ୍ଞ ଏଲ୍. ନାବ୍ୟା, ସହର ସ୍ୱାସ୍ଥ୍ୟ ବିକାଶ ପରିଚାଳକ ରୀନା ରାଣୀ ପଣ୍ଡା, ଗୋବିନ୍ଦ ମଣ୍ଡଳ, ଏଲ. ପ୍ରିୟଙ୍କା, ସାତ ଜଣ ନର୍ସ ଏବଂ ୨୦ ଜଣ ଆଶାକର୍ମୀ ଉପସ୍ଥିତ ରହି ସେବା ପ୍ରଦାନ କରିଥିଲେ।

# ସଡ଼କ ଓ ସାଇବର ସୁରକ୍ଷାକୁ ନେଇ ସଚେତନତା

ମାଲକାନଗିରି,୨୫।୯ (ସମିସ): ମାଲକାନଗିରି ଜିଲ୍ଲା ସଦର ମହକୁମା ରେ ଥିବା ବିଜ୍ଞାନ ମହାବିଦ୍ୟାଳୟରେ ଜିଲ୍ଲା ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ଏବଂ ସାଇବର ସୁରକ୍ଷାକୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଏସଡିପିଓ ଦିବ୍ୟ ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ, ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ରାସ୍ତାରେ ଯିବା ବେଳେ ନିୟମ ପାଳନ ଓ ସାଇବର ଅପରାଧକୁ କିପରି ରୋକାଯାଇ ପାରିବ ସେନେଇ ସଚେତନ କରାଇଥିଲେ। ସାଇବର ଲୁଟେରାଙ୍କ ଠାରୁ ରକ୍ଷା ପାଇବା ପାଇଁ ଅଜଣା ନମ୍ବରରୁ ବ୍ୟାଙ୍କ ଓ ବ୍ୟକ୍ତିଗତ ତଥ୍ୟ ସମ୍ବନ୍ଧୀୟ ଫୋନ କିମ୍ବା ମେସେଜକୁ ଯାଞ୍ଚ କରିବା ସହ ନିଜର କୌଣସି ତଥ୍ୟ ପ୍ରଦାନ ନ କରିବା ଓ ଆବଶ୍ୟକ ସ୍ଥଳେ ଏନେଇ ପୁଲିସକୁ ଜଣାଇବାକୁ ଶ୍ରୀ ଦଳେଇ ପ୍ରକାଶ କରିଥିଲେ।

# ଆମ ପୁଲିସ ସମିତି ବୈଠକ



ଜୟପୁର, ୨୫।୯ (ସମିସ): ଜୟପୁର ସଦରଥାନା ପୁଲିସ ପକ୍ଷରୁ ଆଜି ସ୍ଥାନୀୟ ଫାମ୍ପୁଣି ଗ୍ରାମ ଠାରେ ଆମ ପୁଲିସ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଉକ୍ତ ଗ୍ରାମପଞ୍ଚାୟତ ବିଭିନ୍ନ ଗ୍ରାମର ବାସିନ୍ଦା ଉପସ୍ଥିତ ରହିଥିଲେ। ଏହି ଅବସରରେ ନାବାଳିକା ବିବହ, ପାର୍ବଣ ଋତୁରେ ବେଆଇନ ଚାନ୍ଦା ଆଦାୟ, ସାଇବର ଅପରାଧ, ବେଆଇନ ମାରଣାସ୍ତ୍ର ରଖିବା, ବାଇକରେ ଶବ୍ଦ ପ୍ରଦୁଷଣକାରୀ ସାଇଲେନ୍ସର, ନାବାଳକ ବାଇକ୍ ଚଳାଇବା ଉପରେ କଟକଣା ଏବଂ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ। ତେଣୁ ଏଥିପ୍ରତି ସମସ୍ତ ଗ୍ରାମବାସୀ ଏବଂ ସାଧାରଣ ଜନତା ସଚେତନ ହେବାର ଆବଶ୍ୟକ ରହିଛି ବୋଲି ବୈଠକରେ ପୁଲିସ ଅଧିକାରୀ ମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଗାଗନାପୁର ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ, ଏଏସଆଇ ପଙ୍କଜିନୀ ଶବର, ଏଏସଆଇ ପ୍ରଶାନ୍ତ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର

ପାପଡାହାଣ୍ଡି, ୨୫।୯ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବିଡ଼ିଓ କପିଳଦେବ ସାହୁ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ମନ୍ତ୍ରୀ ପ୍ରତିନିଧି ଲିଙ୍ଗରାଜ ଭତରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସ୍ୱାସ୍ଥ୍ୟ ଶିବିର ରେ ୪୪୧ ଜଣ ନାମ ପଞ୍ଜିକରଣ କରାଯାଇଥିଲା। ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଶଜ୍ଞ ଡା. ଦିଲ୍ଲୀପ ଦଳେଇ, କର୍ଣ୍ଣ ନାସା ଗଳା ବିଶେଷଜ୍ଞ ସୂଦୀପ୍ତା ରାଉତ , ଦନ୍ତରୋଗ ବିଶେଷଜ୍ଞ ଡା ଶିବାନୀ ଗନ୍ତାୟତ , ଡଃ ଏମଡି ସୁଲେମାନ ରହମାନ, ଚକ୍ଷୁ ରୋଗ ବିଶେଷଜ୍ଞ ଡା. ଏମଡି ସୁଲେମାନ ରହମାନ ଏହି କ୍ୟାମ୍ପରେ ଯୋଗଦେଇ ସେବା ପ୍ରଦାନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ପକ୍ଷରୁ ରକ୍ତଦାନ ଶିବିରରେ ୧୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଏଡିପିଏଚଓ ଏଫ ଡକ୍ଟୁ ମଳୟ ତ୍ରିପାଠୀ , ଡିପିଏମ୍, ଡଃ ମଳୟ ପ୍ରଧାନ, ଏଡିପିଏଚଓ ଭିବିଡି ଡା ଶଙ୍କର ଆଚାର୍ଯ୍ୟ, ମଳୟ ପ୍ରଧାନ , ମେଡିକାଲ ଅଧିକାରୀ ଡଃ ମନସ୍ମିତା ମହାନ୍ତି, ସିଡିପିଓ ମେଡି ପୁଷ୍ପାଞ୍ଜଳୀ ପଟ୍ଟନାୟକ, ପିଏଚଇଓ ପ୍ରତାପ କୁମାର ମହାନ୍ତି, ବିପିଏମ ଶୁଭ୍ରାଞ୍ଜନ ପଟ୍ଟନାୟକ, ପି ଶ୍ରୀନିବାସ, ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଡଃ ରୋଜାଲିନ୍ ପ୍ରଧାନ, ଡଃ ଅବନ୍ତିକା ସାହୁ, ଟି ସୁଜାତା, ନୁରଝାନ ଖାନ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମାଁ ବସନ୍ତାୟୀ ପୀଠରେ ପୂଜାର୍ଚ୍ଚନା

# ସେବାରେ ମହାରାଜାଙ୍କ ନିଯୁକ୍ତ ପାଇକ ପୂଜକ



ଜୟପୁର, ୨୫।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ପ୍ରାୟ ୨ଶହରୁ ଅଧିକ ବର୍ଷ ପୁରାତନ ଅନ୍ୟତମ ପୁରାତନ ଦେବୀପୀଠ ସ୍ଥାନୀୟ ସୌରାସାହିରେ ଅବସ୍ଥାପିତ ଦେବୀ ବସନ୍ତାୟୀଙ୍କ ପୀଠ। ଏହାରୁ ଜୟପୁର ରାଜ ଶାସନ ସମୟରେ ପ୍ରଥମେ ଏକ ଛୋଟ ମନ୍ଦିର ସ୍ଥାପନ କରାଯାଇ ଦୁର୍ଗା ଯନ୍ତ୍ର ସ୍ଥାପନ ଏବଂ ଦେବୀଙ୍କୁ ବ୍ୟାଘ୍ର ଉପରେ ବସିଥିବା ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରଯାଇଥାଏ। ଏହିପରି ସ୍ଥାନୀୟ ବାସିନ୍ଦା କହିବା ଅନୁଯାୟୀ ଜୟପୁର ରାଜାରାଜୁଡା ସମୟରେ ଏକ ଏକ ତନ୍ତ୍ର ପୀଠ ଭାବେ ପ୍ରସିଦ୍ଧି ରହିଥିଲା। ପୂର୍ବରୁ ଏକ ନିମ୍ବ ଗଛମୂଳେ ଏକ ପଥରକୁ ରଖାଯାଇ ପୂଜାର୍ଚ୍ଚନା କରାଯାଉଥିଲା। କିନ୍ତୁ ଜୟପୁର ମହାରାଜାଙ୍କ ନିର୍ଦ୍ଦେଶକ୍ରମେ ଏଠାରେ ଏକ ମନ୍ଦିର ନିର୍ମାଣ କରାଯାଇ ଦେବୀ ପ୍ରଥମେ ଧୂମାବତି ଭାବେ ପୂଜା ପାଉଥିଲେ। କିମ୍ବଦନ୍ତୀ ଅନୁଯାୟୀ ପୂର୍ବରୁ ବସନ୍ତ ରୋଗର ପ୍ରକୋପ ଯୋଗୁଁ ଲୋକମାନେ ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଥିଲେ। ଏହିପରି ବସନ୍ତ ରୋଗ ସ୍ଥାନୀୟ ଅଞ୍ଚଳରେ ମହାମାରୀ ରୂପ ନେଇଥିଲା। ଏହିପରି ଅବସ୍ଥାରେ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଦେବୀଙ୍କ ନିର୍ଦ୍ଦେଶକ୍ରମେ ଦେବୀଙ୍କୁ ଧୂମାବତୀରୁ ଦେବୀ ବସନ୍ତାୟୀ ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ଏହିପରି ହଳଦୀ ପୂଜା କରାଯାଇ ପୀଡିତ ଲୋକଙ୍କୁ ବଣ୍ଟନ କରାଯିବା ପରେ ଏହି ରୋଗର ପ୍ରକୋପରୁ ସାଧାରଣ ଲୋକ ଓ ରୋଗିମାନେ ମୁକ୍ତି ପାଇଥିଲେ। ତେଣୁ ଉକ୍ତ ଦିନ ଠାରୁ ଦେବୀଙ୍କୁ ମାଁ ବସନ୍ତାୟୀ ଭାବେ ସମ୍ବୋଧନ କରାଯିବା ସହିତ ସିନ୍ଦୁର ସହିତ ହଳଦୀ ପୂଜା କରାଯାଇଥାଏ। ଏହିପରି ବସନ୍ତ, ହାଡଫୁଟି, ହଇଜା ଜ୍ୱର ପ୍ରଭୃତି ରୋଗରୁ ଉପଶମ ପାଇବା ପାଇଁ ରୋଗି ଏବଂ ସାଧାରଣ ଲୋକଙ୍କ ଦେବୀ ବସନ୍ତାୟୀଙ୍କ ପୀଠକୁ ଆସିଥାଆନ୍ତି। ଝାଡଫୁଙ୍କ ସହ ପୂଜା ହଳଦୀ ନେଇ ମୁଣ୍ଡରେ ଲଗାଇବା ଦ୍ୱାରା ଶିଘ୍ର ଏହି ରୋଗରୁ ମୁକ୍ତି ପାଇଥାଆନ୍ତି ବୋଲି ସାଧାରଣରେ ବିଶ୍ୱାସ ରହିଛି ଏବଂ ବର୍ତ୍ତମାନ ସୁଦ୍ଧା ଏଠାରେ ପାଳନ କରାଯାଉଛି। ସେହିପରି ଉଭୟ ଶାରଦୀୟ ଏବଂ ବାସନ୍ତାୟୀ ଋତୁରେ ଦେବୀଙ୍କୁ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥାଏ ଏବଂ ଦେବୀଙ୍କ ପ୍ରତୀକ ପ୍ରତିମୂର୍ତ୍ତି ଏବଂ ଖଡ୍ଗକୁ ବିମାନରେ ବସାଇ ସୌରା ସାହି, ପାତ୍ର ସାହି, ସୁରିଙ୍ଗା ସାହି, ଚନ୍ଦନବାଡ ସାହି, ମହାନ୍ତି ସାହି ଏବଂ ଆଖାପାଖ ସାହିକୁ ସଂଧ୍ୟାରେ ବାଜାବାଜଣା ସହି ପରିଭ୍ରମ କରାଯାଇଥାଏ ଏବଂ ଭକ୍ତ ମାନେ ନିଜ ନିଜ ଘର ସମ୍ମୁଖରେ ଦେବୀଙ୍କୁ ନଡିଆ. କୋଦଳୀ, ପଣା, ମୁହା ଭୋଗ ଲାଗି କରିଥାଆନ୍ତି। ଦେବୀଙ୍କ ପରମ୍ପରା ଅନୁଯାୟୀ ଶାରଦୀୟ ରାତ୍ର ଗତ ପ୍ରତିପଦା ଠାରୁ ଦେବୀଙ୍କ ପୀଠରେ ବ୍ରାହ୍ମଣ ପୁରୋହିତଙ୍କ ଦ୍ୱାରା ବୈଦିକ ରୀତିନୀତିରେ ହୋମଯଜ୍ଞ ସହିତ ପୂଜାର୍ଚ୍ଚନା ଶୁଭାରମ୍ଭ ହୋଇଛି। ପ୍ରତ୍ୟେକ ଦୁଇ ଓଳି ଅନ୍ନଭୋଗ ସହିତ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ପୂଜାର୍ଚ୍ଚନା ଆୟୋଜିତ ହୋଇଥାଏ। କିନ୍ତୁ ଏହି ମନ୍ଦିରର ପୂଜକ ଭାବେ ଜୟପୁର ମହାରାଜାଙ୍କ ନିଯୁକ୍ତ ପାଇକ ସମ୍ପ୍ରଦାୟର ପ୍ରଧାନ ଏବଂ ପାତ୍ର ପରିବାର ବଂଶାନୁକ୍ରମେ ଶାବରୀ ରୀତିନୀତିରେ ପୂଜାର୍ଚ୍ଚନା କରୁଛନ୍ତି। ବର୍ତ୍ତମାନ ଉଭୟ ପରିବାର ଦୁର୍ଗା ଚରଣ ପ୍ରଧାନ ଏବଂ ସିଦ୍ଧାର୍ଥ ପାତ୍ର ଦୈନିକ ପୂଜକ ଭାବେ ନୀତିଦିନ ପୂଜାର୍ଚ୍ଚନା କରୁଛନ୍ତି। ଗତମୂଳାଷ୍ଟମୀ ପରେ ପ୍ରତିପଦା ତିଥିରେ ଦେବୀଙ୍କ ମହାସ୍ନାନ ପରେ ପୂର୍ଣ୍ଣ କଳସ ସ୍ଥାପନ ଓ କୁମ୍ଭାଅଭିଷେକ, ଅଖଣ୍ଡ ଦୀପ ପ୍ରଜ୍ୱଳନ ସହ ଠାରୁ ଆସନ୍ତା ଅଷ୍ଟମୀ ପର୍ଯ୍ୟନ୍ତ ଦେବୀଙ୍କୁ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ଆରମ୍ଭ ହୋଇଛି। ସଂଧ୍ୟାରେ ସ୍ଥାନୀୟ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ମନ୍ଦିର ସମ୍ମୁଖରେ ସ୍ଥାନୀୟ ଯୁବକ ମାନେ ବାଜାବଜଣା ସହିତ ପାଇକ ଆଖଡା ପ୍ରତ୍ୟୋକ ଦିନ ବାଡି. ଖଣ୍ଡା ଏବଂ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ବୁଲାଇ ପ୍ରଦର୍ଶନ କରିଥାଆନ୍ତି। ମହାଷ୍ଟମୀ ତିଥିରେ ଦେବୀଙ୍କ ନିକଟରେ ବିଳମ୍ବିତ ରାତ୍ରୀରେ ପରମ୍ପରା ଅନୁଯାୟୀ ୩ଟି ବୋଦା ବଳି ମନ୍ଦିର ଓ ପୂଜା ପରିଚାଳନା କମିଟି ପକ୍ଷରୁ ଆୟୋଜନ କରାଯାଇଥାଏ ଏବଂ କିଛି ମାନସିକ ଧାରୀ ମାନେ ମଧ୍ୟ ବଳି ଦେଇଥାଆନ୍ତି। ପୁରାତନ କାଳରୁ ମହାରାଜାଙ୍କ ନିର୍ଦ୍ଦେଶ ଓ ପ୍ରଦାନ କରାଯାଇଥିବା ଖଣ୍ଡା, ଢୋଲ, ଚକ୍ର ଓ ବାଡିକୁ ପୂଜାର୍ଚ୍ଚନା ସହ ସ୍ଥାନୀୟ ଶ୍ରୀ କୃଷ୍ଣଚୈତନ୍ୟ ସେବାସଂଘର ସଦସ୍ୟ ମାନଙ୍କ ଦ୍ୱାରା ପାଇକ ଆଖଡା ଦୈନିକ ଦେବୀଙ୍କ ନିକଟରେ ପ୍ରଦର୍ଶନ ପରେ ଆସନ୍ତା ଦଶହରା ତିଥିରେ ଜୟପୁର ଐତିହାସିକ ଦଶହରା ଶୋଭାଯାତ୍ରାରେ ଦେବୀ ବସନ୍ତାୟୀ ବିମାନ ଯୋଗେ ପାଇକ ଆଖଡା ଦଳ ଏହି ଶୋଭାଯାତ୍ରା ବିଭିନ୍ନ ରଣକୌଶଳ ପ୍ରଦର୍ଶନ କରିଥାଆନ୍ତି। ଜୟପୁର ଦଶହରା ଉତ୍ସବ କମିଟି ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପକ୍ଷରୁ ପ୍ରତ୍ୟୋକ ଭଳି ଚଳିତ ବର୍ଷ ଆସନ୍ତା ଶନିବାର ପଞ୍ଚମୀ ତିଥିରୁ ଏହି ପୀଠରୁ ଶୁଭାରମ୍ଭ ହେବ। ଏହି ପୂଜା କମିଟିର ସଭାପତି ଭାବେ ନୀଲୁ ପାତ୍ର, ସମ୍ପାଦକ ନୃସିଂହାନନ୍ଦ ପଣ୍ଡା, ସହ ସମ୍ପାଦକ ରୁଦ୍ରନାଥ ଦାଶ, ଶ୍ରୀନିବାସ ପଣ୍ଡା, ରବିନ୍ଦ୍ର ସାହୁ, ଗୁପ୍ତ ପ୍ରସାଦ ନାୟକ ପ୍ରମୁଖ ପରିଚାଳନାର ମୁଖ୍ୟ ଦାୟୀତ୍ୱ ନେଇଥାଆନ୍ତି।

ସକାଳ
THE SAKALA



www. sakalaepaper.com

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୭୧ ● ପାଉଣ୍ଡ ୧୧୯.୫୫
- ୟୁରୋ ୧୦୪.୬୪ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୦୪,୯୦୦ (ଭୁବନେଶ୍ୱର)
- ରୁପା : ୧,୫୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୧୫୯.୦୦
- ନିଫ୍ଟି ୨୪,୮୯୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବିଆଇପିଏଫ୍ ଏବଂ ଫିକି ସହଭାଗିତାରେ ଆଇଡିଏଟ୍-୨୦୨୫ ଅନୁଷ୍ଠିତ

ଭୁବନେଶ୍ୱର, ୨୫।୯(ସମିସ): ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍), ଫିକି ସହଭାଗିତାରେ ନୂଆଦିଲ୍ଲୀ ଫିକୀ କମିଶନ ହଲରେ ଏହାର ବାର୍ଷିକ ପ୍ରମୁଖ ସମ୍ମିଳନୀର ୧୪ତମ ସଂସ୍କରଣ ଆଇଡିଏଟ୍-୨୦୨୫ସଫଳତାର ସହିତ ସମାପ୍ତ କରିଛି। ଏହି ବର୍ଷର ବିଷୟବସ୍ତୁ 'ମାର୍ଜିନ୍ ଟୁ ମେନଷ୍ଟ୍ରିମ୍: ଏମ୍ପାୱାରିଂ ଟୁ ଲେଡ୍' ରହିଥିଲା। ଏଥିରେ ସ୍ୱତନ୍ତ୍ର ଭାଷଣ ପ୍ରଦାନ କରି, ଏଚ୍. ଟି. ମିଡିଆ ଲିମିଟେଡର ଅଧକ୍ଷା ଏବଂ ସମ୍ପାଦକୀୟ ନିର୍ଦ୍ଦେଶକ ପଦ୍ମଶ୍ରୀ ଶୋଭନା ଭାରତିଆ ମହିଳାମାନଙ୍କୁ ସଶକ୍ତ କରିବା



ଦାନ ନୁହେଁ, ଏହା ଏକ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଆଇପିଏଫ୍‌ର ପ୍ରତିଷ୍ଠାତା ଏବଂ ସିଇଓ ଶୈଫାଳିକା ପଣ୍ଡା ବିଭିନ୍ନ କ୍ଷେତ୍ରରେ ଶକ୍ତି ଗତିଶୀଳତାକୁ ପୁନଃପରିଭାଷିତ କରିବାରେ ମହିଳା ନେତୃତ୍ୱର ପରିବର୍ତ୍ତନକାରୀ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଆମର ଦେଶ; ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ଆଡ଼କୁ ଅଗ୍ରସର ହେଉଥିବାରୁ, ନାରୀ ଶକ୍ତିକୁ ବ୍ୟବହାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ମହିଳାମାନଙ୍କ ନେତୃତ୍ୱରେ ବିକାଶର ପଥ ଅନୁସରଣ କରୁଥିବାରୁ, ଆମକୁ ମହିଳାମାନଙ୍କୁ ପରିବର୍ତ୍ତନର ସ୍ଥପତି ଭାବରେ ଦେଖିବା ଉଚିତ ଏବଂ ସେମାନଙ୍କ ପ୍ରବେଶ ସହିତ ସେମାନଙ୍କ ଏଜେନ୍ସିରେ ବିନିଯୋଗ କରିବାକୁ ପଡିବ।

## ୱାର୍ଲଡ ଫୁଡ୍ ଇଣ୍ଡିଆ ପ୍ରଦର୍ଶନୀରେ 'ଫାର୍ମ ବି'

ନୂଆଦିଲ୍ଲୀ,୨୫।୯(ସମିସ): କେନ୍ଦ୍ର ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରାଳୟ ପକ୍ଷରୁ ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତମଣ୍ଡପମ୍ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆଜି ଉଦ୍‌ଘାଟିତ ହୋଇଛି ୱାଲଡର୍ ଫୁଡ୍ ଇଣ୍ଡିଆ-୨୦୨୫ ଆନ୍ତର୍ଜାତିକ ପ୍ରଦର୍ଶନୀ। ଭାରତ ସମେତ ୨୧ଟି ଦେଶର ପ୍ରତିଷ୍ଠିତ ଖାଦ୍ୟ ଉଦ୍ୟୋଗୀମାନେ ଏଥିରେ ଅଂଶଗ୍ରହଣ କରିଥିଲାବେଳେ ଓଡ଼ିଶାର ବିଶ୍ୱେଶ୍ୱର ଫୁଡ୍ସ ପ୍ରାଇଭେଟ ଲିମିଟେଡ୍‌ର ଫାର୍ମ ବି' ବ୍ରାଣ୍ଡ ଏଥିରେ ଯୋଗଦେଇଛି। ଫାର୍ମ ବି' ଉଦ୍ୟୋଗର ନିର୍ଦ୍ଦେଶିକା ରଶ୍ମୀ ସାହୁଙ୍କ ନେତୃତ୍ୱରେ ଓଡ଼ିଶାର ଉନ୍ନତମାନର କୃଷି ଶିଳ୍ପଜାତ ଉତ୍ପାଦିତ ସାମଗ୍ରୀ ସ୍ୱାସ୍ଥ୍ୟପ୍ରଦ ଛତୁଆ, ଦଲିଆ, ଦେବଭୋଗ ଖେଚୁଡ଼ି, ପଞ୍ଜାବୀ ତଡକା, ଇନ୍‌ଷ୍ଟାଣ୍ଟ ବିରିଆନୀ, ଚୁଡ଼ା ପାଉଡ଼ର, ମାଣ୍ଡିଆଚୁନା ଓ ସାଗୁ ଭଳି ବିଭିନ୍ନ ସାମଗ୍ରୀ ଏଥିରେ ସ୍ଥାନ ପାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ଜୈବିକ କୃଷିଜାତ ସାମଗ୍ରୀ ପ୍ରତି ଖାଉଟିମାନଙ୍କର ବିଶେଷ ଆଗ୍ରହ ସୃଷ୍ଟି ହୋଇଥିଲାବେଳେ ଫାର୍ମ ବି' ଉତ୍ପାଦିତ ସାମଗ୍ରୀର ବେଶ୍ ଆଦର ରହିଛି। ଆଜି ଉଦ୍‌ଘାଟନୀ ଦିବସରେ ବିଭିନ୍ନ ପ୍ରଦର୍ଶନକାରୀମାନେ ଏହି ଖାଦ୍ୟ ସାମଗ୍ରୀ ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିବା ସହିତ ଫାର୍ମ ବି' ମଣ୍ଡପ ପରିଦର୍ଶନ କରିଥିଲେ।




### ଟାରିଫ୍ ବିବାଦରେ ନରମୁଛି ଆମେରିକା

# ଟ୍ରମ୍ପ୍- ମୋଦୀ ଭେଟ ଖୁବ୍‌ଶୀଘ୍ର

ୱାଶିଂଟନ, ୨୫।୯ (ଏଜେନ୍ସି): ଆମେରିକା ଦ୍ୱାରା ଭାରତ ଉପରେ ଭାରୀ ଟାରଇଫ୍ ଲାଗୁ କରାଯିବା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ପ୍ରାୟତଃ ବିଗିଡିଯାଇଛି। ଏହା ମଧ୍ୟରେ କେତେକ ପ୍ରସଙ୍ଗରୁ ଏହା ସ୍ପଷ୍ଟ ହେଉଛି ଯେ, ଟାରିଫ୍ ବିବାଦରେ ଏବେ ଟ୍ରମ୍ପ ପ୍ରଶାସନ ନରମ ଭାବ ପୋଷଣ କରିବା ଆରମ୍ଭ କରିଛି। ବର୍ତ୍ତମାନ ଆମେରିକା ସ୍ୱୀକାର କରିଛି ଯେ ଭାରତ ସହିତ ସମ୍ପର୍କ କୂଟନୈତିକ ଉତ୍ଥାନ-ପତନ ଦେଇ ଗତି କରୁଛି, କିନ୍ତୁ ଅଧିକାରୀମାନେ କହିଛନ୍ତି ଯେ ଏହା ସତ୍ତ୍ୱେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଦୃଢ଼ ରହିଛି। ଆମେରିକାର ଜଣେ ବରିଷ୍ଠ ବୈଦେଶିକ ବିଭାଗର ଅଧିକାରୀ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ସାକ୍ଷାତ ବିଷୟରେ ସକାରାତ୍ମକ ଭାବନା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଦ୍ୱିପାକ୍ଷିକ ସମ୍ପର୍କରେ ଅସ୍ଥିରତା ମୁଖ୍ୟତଃ ୱାଶିଂଟନର ମିଶ୍ରିତ ସଙ୍କେତ ଯୋଗୁଁ ହୋଇଛି। ତଥାପି, ସେ ଜୋର ଦେଇ କହିଛନ୍ତି ଯେ ସହଭାଗିତା ଏକ ସକାରାତ୍ମକ ଦିଗରେ ଅଗ୍ରସର ହେଉଛି। ତେଣୁ ଖୁବ୍ ଶୀଘ୍ର ଟ୍ରମ୍ପ- ମୋଦୀଙ୍କ ସାକ୍ଷାତ ହେବାର ସମ୍ଭାବନା ରହିଛି। ସମ୍ଭବତଃ କ୍ୱାଡ୍ ଶିଖର ସମ୍ମିଳନୀ ସମୟରେ ଦୁଇ ଦେଶର ନେତୃବୃନ୍ଦଙ୍କ ମଧ୍ୟରେ ଏହି ଭେଟଘାଟ ହୋଇପାରେ। ତେବେ ଏହି ଦୁଇ ନେତାଙ୍କ ଆଲୋଚନା ପରେ ଟ୍ରମ୍ପ ଭାରତ ଉପରେ ଲଗାଇଥିବା ୨୫% ଅତିରିକ୍ତ ଟାରିଫ୍ ମଧ୍ୟ ଶେଷ ହୋଇପାରେ ବୋଲି କୁହାଯାଉଛି।

ଅଧିକାରୀଜଣକ କହିଛନ୍ତି ଯେ କ୍ୱାଡ୍ ସମ୍ମିଳନୀ ପାଇଁ ତାରିଖ ସ୍ଥିର କରିବା ପାଇଁ ମଧ୍ୟ ବର୍ତ୍ତମାନ ଆଲୋଚନା ଚାଲିଛି। ଏହି ଶିଖର ସମ୍ମିଳନୀ ଚଳିତବର୍ଷ ଶେଷ କିମ୍ବା ଆସନ୍ତା ବର୍ଷ ପ୍ରାରମ୍ଭରେ ହୋଇପାରେ। ସେ କହିଛନ୍ତି, ଆମେ ନିଶ୍ଚିତ ଦୁଇ ନେତା (ମୋଦୀ ଏବଂ ଟ୍ରମ୍ପ)ଙ୍କ ସାକ୍ଷାତ ଆପଣମାନେ ଦେଖିବେ। ସେମାନଙ୍କ ମଧ୍ୟରେ ବହୁତ ସକାରାତ୍ମକ ସମ୍ପର୍କ ଅଛି। କୌଣସି ସମୟରେ, ଏହା ଘଟିବ। ଯଦି ଚଳିତ ବର୍ଷ ନୁହେଁ, ତେବେ ପରବର୍ତ୍ତୀ ବର୍ଷରେ ଏହା ହେବ। ଆମେ ସମ୍ପ୍ରତି ଏହି ସାକ୍ଷାତକାରର ନିର୍ଦ୍ଦିଷ୍ଟ ସମୟ ଉପରେ କାମ କରୁଛୁ। ଏହି ଆମେରିକୀୟ ଅଧିକାରୀ ଭାରତର ରୁଷଠାରୁ ଶକ୍ତି କ୍ରୟ ଉପରେ ଏକ ବିବୃତ୍ତି ଦେଇଛନ୍ତି ଏବଂ ନିଶ୍ଚିତ କରିଛନ୍ତି ଯେ ଏହି ପ୍ରସଙ୍ଗରେ ଭାରତ ସହିତ ଆଲୋଚନା ସକାରାତ୍ମକ ଭାବରେ ଅଗ୍ରଗତି କରୁଛି। ଭାରତ ଏବଂ ପାକିସ୍ତାନ ସମ୍ପର୍କରେ, ସେ କହିଛନ୍ତି ଯେ ଟ୍ରମ୍ପ ପ୍ରଶାସନ କାଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ଚାହୁଁନାହିଁ। ତଥାପି, ସେ ଆହୁରି କହିଛନ୍ତି ଯେ ଯଦି ୱାଶିଂଟନକୁ ସହାୟତା ପାଇଁ କୁହାଯାଏ ତେବେ ରାଷ୍ଟ୍ରପତି ଟ୍ରମ୍ପ ପ୍ରସ୍ତୁତ।

ଚଳିତ ବର୍ଷ ମେ ମାସରେ, ଟ୍ରମ୍ପ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଶତ୍ରୁତା ସମାପ୍ତ କରିବା ପାଇଁ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଥିଲେ, ଯାହାକୁ ଭାରତ ପ୍ରତ୍ୟାଖ୍ୟାନ କରିଥିଲା।




- କ୍ୱାଡ୍ ଶିଖର ସମ୍ମିଳନୀରେ ହୋଇପାରେ ସାକ୍ଷାତ ଆଲୋଚନା
- ଶେଷ ହୋଇପାରେ ୨୫% ଅତିରିକ୍ତ ଟାରିଫ୍

### ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫

## ଭାରତ ବିଶ୍ୱ ଖାଦ୍ୟ ସୁରକ୍ଷାରେ ନିରନ୍ତର ଯୋଗଦାନ ଦେଉଛି: ମୋଦି

ନୂଆଦିଲ୍ଲୀ,୨୫।୯(ଏଜେନ୍ସି): ବିଶ୍ୱ ନିବେଶକ ବର୍ତ୍ତମାନ ଭାରତ ଆଡ଼କୁ ଦେଖୁଛନ୍ତି। ଭାରତରେ ବିବିଧତା, ଚାହିଦା ଏବଂ ପରିମାଣର ତ୍ରିଗୁଣ ଶକ୍ତି ଅଛି । ଭାରତ ପ୍ରତ୍ୟେକ ପ୍ରକାରର ଶସ୍ୟ, ଫଳ ଏବଂ ପନିପରିବା ଉତ୍ପାଦନ କରେ ଏବଂ ଏହି ବିବିଧତା ଦେଶକୁ ବିଶ୍ୱ ପରିଦୃଶ୍ୟରେ ଅନନ୍ୟ ଭାବରେ ସ୍ଥାନିତ କରିଥାଏ। ପ୍ରତି ଶହେ କିଲୋମିଟରରେ, ଖାଦ୍ୟ ଏବଂ ଏହାର ସ୍ୱାଦ ପରିବର୍ତ୍ତନ ହୁଏ, ଯାହା ଭାରତର ସମୃଦ୍ଧ ରାନ୍ଧଣା ବିବିଧତାକୁ ପ୍ରତିଫଳିତ କରେ। ଏହି ଦୃଢ଼ ଘରୋଇ ଚାହିଦା ଭାରତକୁ ଏକ ପ୍ରତିଯୋଗିତାମୂଳକ ଆଧାର ପ୍ରଦାନ କରେ ଏବଂ ଏହାକୁ ନିବେଶକମାନଙ୍କ ପାଇଁ ଏକ ପସନ୍ଦିତ ଗନ୍ତବ୍ୟସ୍ଥଳ କରିଥିବା ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମରେ ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି।

ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ସର୍ବବୃହତ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ। ଖାଦ୍ୟ ଏବଂ କୃଷି କ୍ଷେତ୍ରରେ ଅନେକ ଷ୍ଟାର୍ଟ-ଅପ୍ କାର୍ଯ୍ୟ କରୁଛନ୍ତି। ଏଆଇ, ଇ-କମର୍ସ, ଡ୍ରୋନ୍ ଏବଂ ଆପ୍ ଭଳି ପ୍ରଯୁକ୍ତିବିଦ୍ୟାକୁ ଏହି କ୍ଷେତ୍ରରେ ସମନ୍ୱିତ କରାଯାଉଛି, ଯୋଗାଣ ଶୃଙ୍ଖଳ, ଖୁଚୁରା ଏବଂ ପ୍ରକ୍ରିୟାକରଣ ପଦ୍ଧତିକୁ ପରିବର୍ତ୍ତନ କରାଯାଉଛି ବୋଲି ସେ ଉଲ୍ଲେଖ କରିଥିଲେ। ଭାରତ ବିଶ୍ୱ ଖାଦ୍ୟ ସୁରକ୍ଷାରେ ସକ୍ରିୟ ଭାବରେ ଯୋଗଦାନ ଦେଇ ଆସୁଛି। ସରକାରଙ୍କ ନୀତି ଦ୍ୱାରା ସମର୍ଥିତ ଚାଷୀ, ପ୍ରାଣୀପାଳକ ଏବଂ ମତ୍ସ୍ୟଜୀବୀଙ୍କ କଠିନ ପରିଶ୍ରମ ଯୋଗୁଁ ଭାରତର କୃଷି କ୍ଷେତ୍ରର ଶକ୍ତି ବୃଦ୍ଧି ପାଇଛି ବୋଲି ସେ ଗୁରୁତ୍ୱାରୋପ କରି କହିଥିଲେ। ଯେତେବେଳେ ବିଶ୍ୱରେ ଫସଲ ସଙ୍କଟ କିମ୍ବା ଯୋଗାଣ ଶୃଙ୍ଖଳା ବିଭ୍ରାଟ ହୁଏ, ଭାରତ ଦୃଢ଼ ଭାବରେ ଠିଆ ହୁଏ ଏବଂ ଏହାର ଦାୟିତ୍ୱ ନିର୍ବାହ କରେ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରାଯାଉଛି, ବର୍ତ୍ତମାନ ୧୦୦% ଏଫଡିଆଇ ଅନୁମତି ଦିଆଯାଇଛି।



## ଟିପିସିଓଡିଏଲ ପକ୍ଷରୁ ଦଶହରା ପାଇଁ ପ୍ରତିଷେଧମୂଳକ ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର,୨୫।୯(ସିମସ): ଟାଟା ପାୱାର ଏବଂ ଓଡିଶା ସରକାରଙ୍କର ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଦଶହରା ସମୟରେ ସୁରକ୍ଷିତ ଏବଂ ଭରସାଯୋଗ୍ୟ ବିଦ୍ୟୁତ୍ ସରବରାହ ନିଶ୍ଚିତ କରିବା ପାଇଁ ବିଶେଷ ସୁରକ୍ଷା ଉପାୟ ଘୋଷଣା କରାଯାଇଛି। ଟିପିସିଓଡିଏଲ୍ ସେବା ଯୋଗଉଥିବା ଅଞ୍ଚଳରେ ହଜାର ହଜାର ପୂଜା ପେଣ୍ଡାଲ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଉତ୍ସବ ଷ୍ଟଲ୍ ଆୟୋଜିତ ହେବାକୁ ଥିବାରୁ ଟିପିସିଓଡିଏଲ ସାର୍ବଜନୀନ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତା ଦୋହରାଇଛି ଏବଂ ଆୟୋଜକ, ବିକ୍ରେତା ଓ ନାଗରିକମାନଙ୍କୁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ କଡ଼ାକଡି ଭାବେ ଅନୁସରଣ କରିବାକୁ ଅନୁରୋଧ କରିଛି। ପୂଜା କମିଟି ଏବଂ ଦୋକାନ ମାଲିକମାନେ ଟିପିସିଓଡିଏଲର ସେକ୍ସନ, ସବଡିଭିଜନ କିମ୍ବା ଡିଭିଜନ କାର୍ଯ୍ୟାଳୟରୁ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପାଇପାରିବେ।

## ୱଣ୍ଡର୍‌ଲା ଭୁବନେଶ୍ୱର ପାଳୁଛି ପ୍ରଥମ ବାର୍ଷିକୀ

ଭୁବନେଶ୍ୱର,୨୫।୯(ସମିସ): ୱଣ୍ଡର୍‌ଲା ଆମ୍ୟୁଜମେଣ୍ଟ ପାର୍କ ଭୁବନେଶ୍ୱର ତା'ର ପ୍ରଥମ ବାର୍ଷିକ ଦିବସ ପାଳନ କରୁଥିବାବେଳେ ଏକ ବ୍ୟାପକ ପାର୍ବଣ କାର୍ଯ୍ୟକ୍ରମ ଏବଂ ପୂଜା ବିଶେଷ ଅଫର୍ ଘୋଷଣା କରିଛି। ୨୦୨୪ ସେପ୍ଟେମ୍ବରରେ ଉଦଘାଟନ ପରଠାରୁ ୱଣ୍ଡର୍‌ଲା ଭୁବନେଶ୍ୱର ୨.୬୪ ଲକ୍ଷରୁ ଅଧିକ ଅତିଥିଙ୍କୁ ସ୍ୱାଗତ କରିଛି। ଚଳିତବର୍ଷ ଏହି ସଂଖ୍ୟା ୩ ଲକ୍ଷରେ ପହଞ୍ଚିବା ଆଶା କରୁଛି। ୱଣ୍ଡରଲା ଭୁବନେଶ୍ୱର ଏକ ବିଶେଷ ପୂଜା ପାସ୍ ଘୋଷଣା କରିଛି ଯାହା କେବଳ ଅନଲାଇନ୍ ବୁକିଂ ପାଇଁ ୭୯୯ ଟଙ୍କାରେ ଉପଲବ୍ଧ ଏବଂ ସେହି ପାସ୍‌କୁ ୨୦୨୫ସେପ୍ଟେମ୍ବର ୨୭ ରୁ ଅକ୍ଟୋବର ୭ ମଧ୍ୟରେ ବ୍ୟବହାର କରାଯାଇପାରିବ ବୋଲି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ୱଣ୍ଡରଲା ହଲିଡେଜ୍ ଲିମିଟେଡର କାର୍ଯ୍ୟନିର୍ବାହୀ ଅଧକ୍ଷ ଓ ଏମ୍‌ଡି ଅରୁନ କେ ଚିଟିଲ୍ଲାପଲ୍ଲି କହିଛନ୍ତି। ଆଗକୁ ଆହୁରି ନୂଆ ରାଇଡ୍ ସବୁ ଆସିବ। ଏ ପର୍ଯ୍ୟନ୍ତ କମ୍ପାନୀ ୱଣ୍ଡର୍‌ଲା ଆମ୍ୟୁଜମେଣ୍ଟ ପାର୍କ ଭୁବନେଶ୍ୱର ରେ ୧୯୦ କୋଟି ଟଙ୍କା ନିବେଶ କରିସାରିଛି ବୋଲି ୱଣ୍ଡରଲା ହଲିଡେଜ୍ ଲିମିଟେର ସିଓଓ ଧୀରନ ଚୌଧୁରୀ କହିଛନ୍ତି। ବାର୍ଷିକ ଉତ୍ସବର ଅଂଶ ଭାବରେ ୱଣ୍ଡରଲା ଭୁବନେଶ୍ୱର ଜୟ ଓଡିଶା ସହିତ ମିଶି ଏକ ରକ୍ତଦାନ ଶିବିରର ଆୟୋଜନ କରିଥିଲା ଯେଉଁଥିରେ ପାର୍କର କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟର ଲୋକମାନେ ୧୦୦ରୁ ଅଧିକ ୟୁନିଟ୍ ରକ୍ତ ଦାନ କରିଥିବା ପାର୍କ ହେଡ୍ ସମୀର ଅଲ୍ଲୀ କହିଛନ୍ତି।



## କାଇନେଟିକ୍ ଗ୍ରୀନ୍‌ର 'ଇ-ଲୁନା ପ୍ରାଇମ୍‌ରେ ବଜାରରେ

ପୁଣେ, ୨୫।୯: ଇଲେକ୍ଟ୍ରିକ୍ ଦୁଇ ଏବଂ ତିନିଚକିଆ ଯାନ ନିର୍ମାତା କାଇନେଟିକ୍ ଗ୍ରୀନ୍ ଏନର୍ଜି ଆଣ୍ଡ ପାୱାର ସଲ୍ୟୁସନ୍ସ ଲିମିଟେଡ୍, ଆଜି ଇ-ଲୁନା ପ୍ରାଇମ୍‌ର ବଜାର ପ୍ରବେଶ କରାଇଛି। ଏହା ଏକ ଇଲେକ୍ଟ୍ରିକ୍ ଗତିଶୀଳତା ସମାଧାନ ଯାହା ବିଶେଷ ଭାବରେ ଭାରତର ଦୈନନ୍ଦିନ ଯାତ୍ରୀଙ୍କ ପାଇଁ ଡିଜାଇନ୍ କରାଯାଇଛି। ଇ-ଲୁନା ପ୍ରାଇମ୍ ସହର କିମ୍ବା ଗ୍ରାମାଞ୍ଚଳରେ ହେଉ, ସୁଲଭ, ଆକର୍ଷଣୀୟ, ବ୍ୟବହାରିକ, ଶକ୍ତିଶାଳୀ ଏବଂ ନିର୍ଭରଯୋଗ୍ୟ ବ୍ୟକ୍ତିଗତ ଯାନ ଖୋଜୁଥିବା ଲକ୍ଷ ଲକ୍ଷ ଯାତ୍ରୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଅତ୍ୟାଧୁନିକ ଇଲେକ୍ଟ୍ରିକ୍ ଯାନ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରେ। ଇ-ଲୁନା ପ୍ରାଇମ୍ ଦୁଇଟି ପ୍ରକାରରେ ଉପଲବ୍ଧ ହେବ, ୧୧୦ କିଲୋମିଟର ଏବଂ ୧୪୦ କିଲୋମିଟର ରେଞ୍ଜ। ଏହାର ଏକ୍ସ-ଶୋ' ରୁମ୍ ମୂଲ୍ୟ ୮୨,୪୯୦ ଟଙ୍କା। ଏହି ବାଇକ୍ ଛଅଟି ଭିନ୍ନ ରଙ୍ଗରେ ଉପଲବ୍ଧ ଏବଂ ଖୁବ୍ ଶୀଘ୍ର ଦେଶବ୍ୟାପୀ କାଇନେଟିକ୍ ଗ୍ରୀନ୍ ଡିଲରସିପ୍‌ରେ ବିକ୍ରି ପାଇଁ ଉପଲବ୍ଧ ହେବ। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଭାରତର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଥିବା ଇ-ଲୁନା ପ୍ରାଇମ୍ ସ୍ଥାୟୀ, ସ୍ଥାୟୀ ଏବଂ ସୁଲଭ ବ୍ୟକ୍ତିଗତ ଗତିଶୀଳତା ପ୍ରଦାନ କରେ। ନୂତନ ପ୍ରାଇମ୍ ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକ, ଉନ୍ନତ ଚଳାଇବା ଅଭିଜ୍ଞତା ଏବଂ ମହାନ ଆରାମ ସହିତ ଆସିଥାଏ।

KINETIC GREEN

## ବେଦାନ୍ତ ଲାଞ୍ଜିଗଡ଼ର ଅନନ୍ୟ ପ୍ରୟାସ 'ଶକ୍ତି'

ଭୁବନେଶ୍ୱର,୨୫।୯(ସମିସ): ବେଦାନ୍ତ ଆଲୁମିନିୟମ୍ ଦଶହରାରେ ପ୍ରଥମ ଥର ପାଇଁ ଏକ ନିଆରା ସାମୁହିକ ପ୍ରୟାସ ଆରମ୍ଭ କରିଛି



- ଲାଞ୍ଜିଗଡ଼ର ଆଖପାଖ ଗ୍ରାମଗୁଡ଼ିକରେ ମହିଳାଙ୍କୁ ସଶକ୍ତ କରି ଶକ୍ତିର ଆତ୍ମାକୁ ପାଳନ କରିବା ଉଦ୍ଦେଶ୍ୟ ନେଇ କମ୍ପାନୀର ସ୍ୱତନ୍ତ୍ର ନବରାତ୍ରି ମିଳାପ କାର୍ଯ୍ୟକ୍ରମ ଅଧୀନରେ, କମ୍ପାନୀ ୬୦୦ରୁ ଅଧିକ 'ଶକ୍ତି କିଟ୍' ବଣ୍ଟନ କରୁଛି, ଯାହା ନଅଟି ଗ୍ରାମର ୧୫୦୦ରୁ ଅଧିକ ମହିଳାଙ୍କୁ ସଶକ୍ତ ଲାଭ ପହଞ୍ଚାଇବ। ପ୍ରତ୍ୟେକ ଶକ୍ତି କିଟ୍ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ ପୁଷ୍ଟିର ପ୍ରୋତ୍ସାହନ ପାଇଁ ଚିନ୍ତନଶୀଳ ଭାବରେ ପ୍ରସ୍ତୁତ କରାଯାଇଛି - ଯାହା ମହିଳା ସଶକ୍ତିକରଣର ତିନୋଟି ସ୍ତମ୍ଭକୁ ସୁଦୃଢ଼ କରେ। କିଟ୍‌ଗୁଡ଼ିକରେ ସାନିଟାରୀ ନାପକିନ୍, ସାବୁନ, ହ୍ୟାଣ୍ଡୱାଶ୍ ଏବଂ ଅନ୍ୟାନ୍ୟ ସ୍ୱଚ୍ଛତା ଆବଶ୍ୟକୀୟ ସାମଗ୍ରୀ; ପୁଷ୍ଟି ବୃଦ୍ଧି ପାଇଁ ମିଲେଟରେ ତିଆରି ମିଷ୍ଟାନ୍ନ ; ଏବଂ ଲୁହା କଡେଇ, ଏକ ପାରମ୍ପରିକ ରୋଷେଇ ଉପକରଣ ଯାହା ସମୟ ସହିତ ରକ୍ତହୀନତା ହ୍ରାସ କରିବାରେ ସାହାଯ୍ୟ କରେ ବୋଲି ଜଣାଶୁଣା। ଏହି ଅନନ୍ୟ ପ୍ରୟାସକୁ ଶକ୍ତି ଏବଂ ଯତ୍ନର ଉତ୍ସବ କରିବା ପାଇଁ କିଛି ଉତ୍ସବ ସାମଗ୍ରୀ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମ ନବରାତ୍ରିର ୯ ଦିନ ଧରି କରାଯାଉଛି।

## ଅରୁନ୍ଧତୀ ଜୁଏଲର୍ସ ସମ୍ବଲପୁର ଶାଖାର ୧୧ତମ ଜନ୍ମବାର୍ଷିକୀ

ଭୁବନେଶ୍ୱର,୨୫।୯(ସମିସ): ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଏହାର ସମ୍ବଲପୁର ଶାଖାର ୧୧ ତମ ଜନ୍ମବାର୍ଷିକୀ ୨୫ ତାରିଖରେ ପାଳନ କରାଯାଇଛି। ଅରୁନ୍ଧତୀ ଜୁଏଲର୍ସ ଦୀର୍ଘ ୧୧ ବର୍ଷ ଧରି ସମ୍ବଲପୁର ବାସୀଙ୍କ ଚାହିଦା ମୁତାବକ ସୁନ୍ଦର ଡିଜାଇନର ଗହଣା ,ଶ୍ରେଷ୍ଠ ଆତିଥେୟତା ଓ ସେବା ଯୋଗାଇଦେଇ ସମ୍ବଲପୁରବାସୀଙ୍କ ପ୍ରଥମ ପସନ୍ଦଯୋଗ୍ୟ ଓ ଭରସାଯୋଗ୍ୟ ଜୁଏଲାରୀ ବ୍ରାଣ୍ଡର ମାନ୍ୟତା ପାଇପାରିଛି। ଏହି ଅବସରରେ ଅରୁନ୍ଧତୀ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଅରୁନ୍ଧତୀକୁ ନିଜ ହୃଦୟରେ ସ୍ଥାନ ଦେଇ ଏତେ ବାଟକୁ ଆଣିଥିବାରୁ ଆନ୍ତରିକ ଜଣାଇଛନ୍ତି। ଅରୁନ୍ଧତୀ ଜୁଏଲର୍ସ ତରଫରୁ ଜନ୍ମବାର୍ଷିକୀ ସ୍ୱତନ୍ତ୍ର ଅଫର ମାଧ୍ୟମରେ ୫୧ ଜଣଙ୍କୁ ଲକ୍ଷପତି ହେବାର ସୁଯୋଗ ପ୍ରଦାନ କରାଯାଉଛି। ସୁନା ଗହଣାର ଗଢ଼ା ମଜୁରିରେରେ ୫୦% ରିଆତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି। ସେହିଭଳି ଆଡଭାନ୍ସ ବୁକିଂରେ ସର୍ବନିମ୍ନ ଦରରେ ସୁନା କ୍ରୟ ଏବଂ ଚବଛ 'ପେ ଜିରୋ ଫର ଇଜି ଜୁଏଲେରୀ ପରଚେଜ୍ ପ୍ଲାନ୍' ସହ ହୀରା ଗହଣା କ୍ରୟରେ ମାଗଣା ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯାଉଛି।




# ଆମେରିକାରେ ପ୍ରତି ୧୫ ଜଣଙ୍କ ମଧ୍ୟରୁ ଜଣେ ନିୟୁତପତି

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ଆମେରିକା ହେଉଛି ବିଶ୍ୱର ସର୍ବବୃହତ ଅର୍ଥନୀତି। ଏଠାରେ ବିଶ୍ୱରେ ସର୍ବାଧିକ ସଂଖ୍ୟକ କୋଟିପତି ରହୁଛନ୍ତି। ଆମେରିକାର ଜନସଂଖ୍ୟା ପ୍ରାୟ ୩୫ କୋଟି ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ୨୨ ନିୟୁତ ଲୋକ ନିୟୁତପତି। ଏହାର ଅର୍ଥ ହେଉଛି ଆମେରିକାରେ ପ୍ରତି ୧୫ ଜଣରେ ଜଣେ ହେଉଛନ୍ତି ଜଣେ ନିୟୁତପତି। ଚୀନ୍ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛିବ ସେଠାରେ ୬ ନିୟୁତ ନିୟୁତପତି ରହୁଛନ୍ତି। ତେବେ ଫ୍ରାନ୍ସରେ ଏହି ସଂଖ୍ୟା ୨.୯ ନିୟୁତ ଏବଂ ଜାପାନରେ ୨.୭ ନିୟୁତ ରହିଛି। ଏହା ବ୍ୟତୀତ, ଆମେରିକାରେ ପ୍ରତି ବୟସ୍କଙ୍କ ହାରାହାରି ସମ୍ପତ୍ତି ପ୍ରାୟ ୫୫୧,୩୫୧ ଡଲାର। ଏହି କ୍ଷେତ୍ରରେ କେବଳ ସ୍ୱିଜରଲ୍ୟାଣ୍ଡ ଆମେରିକାକୁ ପଛରେ ପକାଇଛି।

ୟୁବିଏସ୍ ଗ୍ଲୋବାଲ୍ ୱେଲ୍‌ଥ ରିପୋର୍ଟ ଅନୁଯାୟୀ, ୟୁରୋପର କ୍ରୀଡାଭୂମି କୁହାଯାଉଥିବା ସ୍ୱିଜରଲ୍ୟାଣ୍ଡରେ ପ୍ରତି ବୟସ୍କଙ୍କ ହାରାହାରି ସମ୍ପତ୍ତି ୬୮୫,୨୩୦ ଡଲାର। ଏହା ପଛକୁ ଆମେରିକା ଅଛି। ଏହି ତାଲିକାରେ ଅଷ୍ଟ୍ରେଲିଆ ତୃତୀୟ ସ୍ଥାନରେ ଅଛି, ଯାହାର ହାରାହାରି ବୟସ୍କ ସମ୍ପତ୍ତି ୪୯୬,୮୨୦ ଡଲାର। ଡେନମାର୍କରେ ୪୦୯,୯୫୦ ଡଲାର, ନ୍ୟୁଜିଲ୍ୟାଣ୍ଡରେ ୩୮୮,୭୬୦ ଡଲାର, ନରୱେରେ ୩୮୫,୩୪୦ ଡଲାର, ସିଙ୍ଗାପୁରରେ ୩୮୨,୯୬୦ ଡଲାର, କାନାଡାରେ ୩୬୯,୫୮୦ ଡଲାର, ନେଦରଲ୍ୟାଣ୍ଡରେ ୩୫୮,୨୩୦ ଡଲାର , ବେଲଜିୟମରେ ୩୫୨,୮୧୦ ଡଲାର, ଫ୍ରାନ୍ସରେ ୩୧୨,୨୩୦ ଡଲାର ଏବଂ ୟୁକେରେ ୩୦୨,୭୮୦ ଡଲାରର ସମ୍ପତ୍ତି ରହିଛି।


ଆମେରିକାର ସମ୍ପତ୍ତି ଏହି ତଥ୍ୟରୁ ଅନୁମାନ କରାଯାଇପାରେ ଯେ ବିଶ୍ୱର ଶ୍ରେଷ୍ଠ ୧୫ ଜଣ ଧନୀ ବ୍ୟକ୍ତିଙ୍କ ମଧ୍ୟରୁ ୧୪ ଜଣ ଆମେରିକାର। ଏଥିମଧ୍ୟରୁ ୧୦ ଜଣ ପ୍ରଯୁକ୍ତିବିଦ୍ୟା କମ୍ପାନୀ ସହିତ ଜଡିତ। ଟେସ୍‌ଲା ଏବଂ ସ୍ପେସଏକ୍ସ ସମେତ ଅନେକ କମ୍ପାନୀ ପରିଚାଳନା କରୁଥିବା ଏଲନ ମସ୍କ ତାଲିକାର ଶୀର୍ଷରେ ଅଛନ୍ତି। ତାଙ୍କ ପଛକୁ ଲେରି ଏଲିସନ, ମାର୍କ ଜୁକରବର୍ଗ, ଜେଫ୍ ବେଜୋସ୍, ଲ୍ୟାରୀ ପେଜ୍, ସେର୍ଗେଇ ବ୍ରିନ୍ ଏବଂ ଷ୍ଟିଭ୍ ବଲମର୍ ଅଛନ୍ତି। ଫ୍ରାନ୍ସର ବର୍ଣ୍ଣାର୍ଡ ଆର୍ଣ୍ଣୋଲ୍ଡ ହେଉଛନ୍ତି ଶ୍ରେଷ୍ଠ ୧୫ ଜଣଙ୍କ ମଧ୍ୟରେ ଏକମାତ୍ର ଅଣ-ଆମେରିକୀୟ କୋଟିପତି। ଜେନସନ ହୁଆଙ୍ଗ, ୱାରେନ୍ ବଫେ, ମାଇକେଲ୍ ଡେଲ୍, ଜିମ୍ ୱାଲଟନ୍, ବବ୍ ୱାଲଟନ୍, ଆଲିସ୍ ୱାଲଟନ୍ ଏବଂ ବିଲ୍ ଗେଟ୍ସ ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି।



### ଦେଶର ୨.୨ କୋଟିରୁ ଅଧିକ ଲୋକ ମିଲୟନେୟାର

## ଜିନ୍ଦଲ ଷ୍ଟେନ୍‌ଲେସ ପକ୍ଷରୁ ପ୍ରଥମ ସମନ୍ୱିତ ରିପୋର୍ଟ ପ୍ରକାଶିତ


ଭୁବନେଶ୍ୱର, ୨୫।୯ (ସମିସ): ଷ୍ଟେନଲେସ୍-ଷ୍ଟିଲ୍ ନିର୍ମାତା ଜିନ୍ଦଲ୍ ଷ୍ଟେନଲେସ୍ ଆର୍ଥିକ ବର୍ଷ ୨୦୨୫ ପାଇଁ ଏହାର ପ୍ରଥମ ସମନ୍ୱିତ ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟ ସମସ୍ତ ଅଂଶୀଦାରଙ୍କ ପାଇଁ ସ୍ୱଚ୍ଛତା,ଦାୟିତ୍ୱବୋଧତା ଏବଂ ସ୍ଥାୟୀ ମୂଲ୍ୟ ସୃଷ୍ଟି ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଅନ୍ତର୍ଜାତୀୟ ସମନ୍ୱିତ ରିପୋର୍ଟିଂ ପରିଷଦ ଫ୍ରେମୱାର୍କ ଅନୁଯାୟୀ ବିଶ୍ୱ ସ୍ଥାୟୀତ୍ୱ ରିପୋର୍ଟିଂ ମାନଦଣ୍ଡ ଆଧାରରେ ଏହି ସମନ୍ୱିତ ରିପୋର୍ଟ ପ୍ରସ୍ତୁତ ହୋଇଛି। ଫୋର୍ଜ୍ଡ ଇନ୍ ଇଣ୍ଡିଆ, ବିଲ୍ଟ ଫର୍ ୱାର୍ଲ୍ଡ ଥିମକୁ ନେଇ ପ୍ରକାଶିତ ଏହି ରିପୋର୍ଟରେ କମ୍ପାନୀର ବ୍ୟବସାୟ ଅଭିବୃଦ୍ଧି ଏବଂ ଉତ୍ପାଦନ ଉପରେ ଗୁରୁତ୍ୱ ଦେବା ସହ ଷ୍ଟେନଲେସ୍ ସମାଧାନରେ ଏକ ବିଶ୍ୱସ୍ତରୀୟ ଅଗ୍ରଣୀ କମ୍ପାନୀ ହେବା ପାଇଁ ଥିବା ଭିଜନକୁ ଦର୍ଶାଯାଇଛି। ଏହା ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ମୁଖ୍ୟ ସଷ୍ଟେନେବିଲିଟି ଅଧିକାରୀ କଲ୍ୟାଣ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଜିନ୍ଦଲ ଷ୍ଟେନଲେସରେ ଇଏସଜି ନୀତିଗୁଡ଼ିକ ଆମର କାର୍ଯ୍ୟର ପ୍ରତ୍ୟେକ ପର୍ଯ୍ୟାୟରେ ସାମିଲ ରହିଛି ଏବଂ ଆମେ ବିଶ୍ୱାସ କରୁ ଯେ ପରିବେଶ ପରିଚାଳନା ଏବଂ ସାମାଜିକ ଦାୟିତ୍ୱ ସହିତ ବ୍ୟାବସାୟିକ କାର୍ଯ୍ୟଦକ୍ଷତାକୁ ସମନ୍ୱିତ କରି ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରାଯାଇପାରିବ। ଏହି ରିପୋର୍ଟ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଏ ।



# ସଙ୍କଟରେ ହିମାଳୟ କ୍ଷେତ୍ର

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ହିମାଳୟ କ୍ଷେତ୍ରରେ ଅର୍ଥାତ ପାଦ ଦେଶରେ ଥିବା ରାଜ୍ୟଗୁଡିକର ଅସ୍ତିତ୍ୱ ଏବେ ସଙ୍କଟରେ ପଡ଼ିଛି ବୋଲି ସୁପ୍ରିମକୋର୍ଟ ହୃଦୟଙ୍ଗମ କରିଛନ୍ତି। ଏହି ରାଜ୍ୟଗୁଡିକରେ ପରିବେଶ ଜନିତ ସଂନ୍ତୁଳନ ନେଇ କୋର୍ଟ ବାରମ୍ବାର ଚିନ୍ତା ପ୍ରକଟ କରି ଆସିଛନ୍ତି। ହିମାଳୟ କ୍ଷେତ୍ରରେ ୧୩ଟି ରାଜ୍ୟ ଅବସ୍ଥାନ କରୁଛି। ଏଗୁଡିକ ହେଲା ଜମ୍ମୁ-କଶ୍ମୀର, ଲାଦାଖ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ,

## ଗୋଟିଏ ବର୍ଷରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରାକୃତିକ ବିପର୍ଯ୍ୟୟ
## ପ୍ରାଣ ହରାଇଲେଣି ୬୨୬, ଶତାଧିକ ନିଖୋଜ
## ହଜାର ହଜାର କୋଟିର କ୍ଷତି



ତ୍ରିପୁରା, ଆସାମ ଓ ପଶ୍ଚିମବଙ୍ଗର କିଛି ଅଂଶ। ଏହି ରାଜ୍ୟଗୁଡିକର ମୋଟ୍ ସୀମା ୨୫୦୦ କିଲୋମିଟର। ଏହାକୁ ଭାରତର 'ଜଳ ମୀନାର' ବୋଲି କୁହାଯାଇଥାଏ। କାରଣ ଏହି ରାଜ୍ୟ ତଥା ହିମାଳୟ କ୍ଷେତ୍ରରୁ ବଡ଼ ବଡ଼ ନଦୀଗୁଡିକ ବାହାରିଥାଏ। ଚଳିତ ବର୍ଷ ଏହି କ୍ଷେତ୍ରରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରାକୃତିକ ବିପଦ ଆସିଛି। ଖାସ୍ କରି ଉତ୍ତରାଖଣ୍ଡ, ହିମାଚଳ, ଜମ୍ମୁ-କଶ୍ମୀରରେ ବହୁତ କ୍ଷୟକ୍ଷତି ହେବା ସହ ଧନଜୀବନ ହାନି ହୋଇଛି। ମୋଟ ଉପରେ ଏହି ଅଞ୍ଚଳରେ ଚଳିତବର୍ଷ ଏପର୍ଯ୍ୟନ୍ତ ୬୨୬ଜଣ ମୃତ୍ୟୁବରଣ କରିଛନ୍ତି। ବିଭିନ୍ନ ପାକୃତିକ ବିପର୍ଯ୍ୟୟ ପାଇଁ ସୁପ୍ରିମକୋର୍ଟ ଖାସ୍ କରି ହିମାଚଳ ପ୍ରଦେଶର ସରକାରଙ୍କୁ କେତୋଟି ପ୍ରଶ୍ନ ପଚାରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଓ ସଞ୍ଜୀବ ମେହେଟାଙ୍କ ବେଞ୍ଚ୍ କହିଛନ୍ତି ଯେ, ଏଥର ମୌସୁମୀରେ ହିମାଚଳରେ ପ୍ରବଳ ବର୍ଷା ଓ ଭୂସ୍ଖଳନ କାରଣରୁ ଶହଶହ ଲୋକଙ୍କର ଜୀବନ ଯାଇଛି ଓ ହଜାର ହଜାର ଲୋକଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ହିମାଚଳର ପରିବେଶ ବହୁତ ନକରାତ୍ମକ ଭାବେ ପ୍ରଭାବିତ ହୋଇଛି ବୋଲି ଏହି ବିପର୍ଯ୍ୟୟରୁ ପ୍ରମାଣିତ ହୋଇଛି।

ସମ୍ପୂର୍ଣ୍ଣ ହିମାଳୟ କ୍ଷେତ୍ର ଗମ୍ଭୀର ସଙ୍କଟରେ ରହିଛି। ଲଗାତର ଭାବେ ହେଉଥିବା ଭୂସ୍ଖଳନ, ଘର ଭୁଶୁଡିବା, ସଡ଼କ ଦବିବା ଭଳି ଘଟଣା ପାଇଁ ପ୍ରକୃତିକୁ ନୁହଁ ବରଂ ମଣିଷକୁ ଦାୟୀ କରାଯାଇଛି। ବିଶେଷଜ୍ଞଙ୍କ ରିପୋର୍ଟର ଦ୍ୱାହି ଦେଇ କୋର୍ଟ ହିମାଚଳର ବିପର୍ଯ୍ୟୟ ପାଇଁ ଜଳବିଦ୍ୟୁତ ପ୍ରକଳ୍ପ, ଫୋରଲେନ୍ ସଡ଼କ, ଜଙ୍ଗଲ କାଟିବା ଓ ବହୁତଳ ବିଶିଷ୍ଟ କୋଠା ଯଥା ହୋଟେଲ, ଗେଷ୍ଟ ହାଉସ୍ ଓ ଶିଳ୍ପପ୍ରତିଷ୍ଠାନ ନିର୍ମାଣକୁ ଦାୟୀ କରିଛନ୍ତି। ଏହି କାରଣଗୁଡିକ ନେଇ କୋର୍ଟ ରାଜ୍ୟ ସରକାରଙ୍କୁ ବିଭିନ୍ନ ପରିସଂଖ୍ୟାନ ଭିତ୍ତିକ ପ୍ରଶ୍ନ ପଚାରିଛନ୍ତି। ଅକ୍ଟୋବର ୨୮ ପର୍ଯ୍ୟନ୍ତ ସରକାରଙ୍କୁ ଏ ନେଇ ଉତ୍ତର ଦେବାକୁ କୁହାଯାଇଛି। ହିମାଚଳରେ ଏବେ ୧୭ ହଜାର ୧୨୦ ଭୂସ୍ଖଳନ ପ୍ରବଣ କ୍ଷେତ୍ର ରହିଛି। ଏଥିମଧ୍ୟରୁ ୬୭୫ଟି କ୍ଷେତ୍ର ଜନବସତି ନିକଟରେ ରହିଛି। ହିମାଚଳର ଚମ୍ବା, ମଣ୍ଡି, କାଂଗ୍ରା, ଲାହଉଲ ଓ ସ୍ପିଟି, ଉନା, କୁଲ୍ଲୁ, ଶିମଳା, ସୋଲାନ, ବିଳାଶପୁର, ସରମରପୁର ଓ କିନ୍ନାଉରର ବହୁ ଅଞ୍ଚଳ ହାଇରିସ୍କ ଜୋନ୍ ଅର୍ଥାତ ବିପଜ୍ଜନକ ବିବେଚିତ ହେଉଛି।

ତେବେ ପର୍ଯ୍ୟଟନ ହେଉଛି ହିମାଚଳର ଆୟର ସବୁଠାରୁ ବଡ଼ ଉତ୍ସ ବୋଲି କୋର୍ଟ ସ୍ୱୀକାର କରିଛନ୍ତି। କିନ୍ତୁ ଅନିୟନ୍ତ୍ରିତ ପର୍ଯ୍ୟଟନ ଓ ବିକାଶ କାରଣରୁ ବିପର୍ଯ୍ୟୟ ସୃଷ୍ଟି ହେଉଛି ବୋଲି ଆମକୁ ଗ୍ରହଣ କରିବାକୁ ହେବ। ରାଜ୍ୟର ପର୍ଯ୍ୟଟନ ଓ ପର୍ଯ୍ୟାବରଣ ମଧ୍ୟରେ ସନ୍ତୁଳନ ରହିବା ଆବଶ୍ୟକ। ପୂର୍ବରୁ ମଧ୍ୟ କୋର୍ଟ ଏ ନେଇ ଚେତାବନୀ ଦେଇଥିଲେ ଓ ହିମାଚଳ ଦେଶର ମାନଚିତ୍ରରୁ ଗାଏବ ହୋଇଯିବ ବୋଲି କହିଥିଲେ। ତେଣୁ ବେଳ ଥାଉଥାଉ ଗଠନମୂଳକ ପଦକ୍ଷେପ ନିଆଯିବା ଉପରେ କୋର୍ଟ ଗୁରୁତ୍ୱ ଦେଇଛନ୍ତି।

## ଲଦାଖ ହିଂସା ପଛରେ ୱାଙ୍ଗଚୁକଙ୍କ ହାତ

ଲେହ, ୨୫।୯ (ଏଜେନ୍ସି): ଲଦାଖରେ ଗୁରୁବାର ହୋଇଥିବା ହିଂସାତ୍ମକ ଆନ୍ଦୋଳନ ଏବେ ନୂଆ ମୋଡ଼ ନେଇଛି। ଏହି ହିଂସାରେ ଜଳବାୟୁ କର୍ମୀ ତଥା ଶିକ୍ଷା ସଂସ୍କାରକ ସୋନମ ୱାଙ୍ଗଚୁକଙ୍କ ହାତ ରହିଛି ବୋଲି କେନ୍ଦ୍ର କହିଛନ୍ତି। ହିଂସା ପାଇଁ ସେ ଛାତ୍ରମାନଙ୍କ ଭିଡକୁ ଉସୁକାଇଥିଲେ ବୋଲି ଅଭିଯୋଗ ହୋଇଛି। ଏହି ହିଂସାରେ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୭୦ ଜଣ ଆହତ ହୋଇଥିଲେ। କିନ୍ତୁ ୱାଙ୍ଗଚୁକ୍ ଏହାକୁ ଖଣ୍ଡନ କରିଛନ୍ତି। ମୋତେ ବଳିର ବୋଦା ବନା ଯାଇଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ମଧ୍ୟ ୱାଙ୍ଗଚୁକଙ୍କ ଷ୍ଟୁଡେଣ୍ଟସ ଏଜୁକେଶନାଲ ଆଣ୍ଡ କଲଚରାଲ ମୁଭମେଣ୍ଟ ଅଫ୍ ଲଦାଖ (ଏସ୍ଇସିଏମ୍ଓଏଲ୍)ର ଏଫ୍ସିଆରଏ ଲାଇସେନ୍ସକୁ ରଦ୍ଦ କରିଛନ୍ତି। ଏହି ଲାଇସେନ୍ସ ମାଧ୍ୟମରେ ତାଙ୍କ ଏନ୍ଜିଓକୁ ପାଣ୍ଠି ଆସୁଥିଲା। ୱାଙ୍ଗଚୁକ୍ ଏଫ୍ସିଆରଏ ନିୟମର ଉଲ୍ଲଂଘନ କରିଛନ୍ତି ବୋଲି କେନ୍ଦ୍ର କହିଛି। ଏନ୍ଜିଓର ବ୍ୟାଙ୍କ ଆକାଉଣ୍ଟରୁ ଫଣ୍ଡ ଟ୍ରାନ୍ସଫର ହୋଇଛି ଓ ଏହା ଫେମା ନିୟମର ଉଲ୍ଲଂଘନ କରୁଛି ବୋଲି କୁହାଯାଇଛି। ତେଣୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସୋନମଙ୍କ ଏହି ଏନ୍ଜିଓକୁ ନୋଟିସ ପଠାଇଛି।

## ମୋ ବିରୋଧରେ ୩ଟି ଷଡ଼ଯନ୍ତ୍ର ହୋଇଛି: ଟ୍ରମ୍ପ

ନ୍ୟୁୟର୍କ, ୨୫।୯ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଜାତିସଂଘ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ଜାତିସଂଘ ମହାସଭାର ୮୦ତମ ସଂସ୍କରଣ ଅବସରରେ ତାଙ୍କ ବିରୋଧରେ ୩ଟି ଷଡ଼ଯନ୍ତ୍ର କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ତେଣୁ ଜାତିସଂଘକୁ ଲଜ୍ଜା ଲାଗିବା ଆବଶ୍ୟକ ବୋଲି ସେ କହିଛନ୍ତି। ଗୋଟିଏ, ଦୁଇଟି ନୁହଁ ମୋ ସହିତ ୩ଟି ସଂଦିଗ୍ଧ ଘଟଣା ହୋଇଛି ବୋଲି ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ସେ ଏହି ୩ଟି ଘଟଣା ଉପରେ ଆଲୋକପାତ କରିଛନ୍ତି। ୩ଟି ଘଟଣା ହେଲା ସେ ଭାଷଣ ଦେବା ଅବସରରେ ଟେଲି ପ୍ରିଣ୍ଟର ବନ୍ଦ ହେବା, ଟେଲି ପ୍ରିଣ୍ଟର ଖରାପ ହେବା ଓ ଭାଷଣ ପରେ ହଲ୍‌ରେ ସାଉଣ୍ଡ ସିଷ୍ଟମ ଖରାପ ହେବା। ଏହାଦ୍ୱାରା ଅନ୍ୟ ନେତାମାନଙ୍କୁ ଟ୍ରମ୍ପଙ୍କ କଥା ଶୁଣିବା ପାଇଁ ଟ୍ରାନ୍ସଲେଟର ଇୟରପିସ୍‌ର ସାହାରା ନେବାକୁ ପଡ଼ିଥିଲା। ଆକ୍ସେଲେଟର ପରେ ଟେଲିପ୍ରିଣ୍ଟର ଖରାପ ହେବା ଘଟଣାକୁ ଦୁର୍ଭାଗ୍ୟଜନକ କହିଥିଲେ ଟ୍ରମ୍ପ। ଏହା ସତ୍ତ୍ୱେ ଟ୍ରମ୍ପ ୫୭ ମିନିଟ୍ ଭାଷଣ ଦେଇଥିଲେ।



## ଯୌନ ଅପରାଧୀଙ୍କୁ ହତ୍ୟା କଲେ ଆମେରିକାନ ଭାରତୀୟ

ଲସ୍‌ଏଞ୍ଜେଲ୍ସ, ୨୫।୯ (ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟରେ ରହୁଥିବା ବରୁଣ ସୁରେଶ ନାମକ ଜଣେ ଭାରତୀୟ ଜଣେ ବୟସ୍କ ଯୌନ ଅପରାଧୀଙ୍କୁ ଛୁରୀ ଭୁଶି ହତ୍ୟା କରିଛନ୍ତି। ସେ ଜାଣିଶୁଣି ହତ୍ୟା କରିଛନ୍ତି ବୋଲି ପୁଲିସ କହିଛି। ସେପ୍ଟେମ୍ବର ୧୮ ରେ ବରୁଣ ଓ ୭୧ ବର୍ଷୀୟ ଡେଭିଡ ବ୍ରିମରଙ୍କ ମଧ୍ୟରେ ଝଗଡ଼ା ହେବାର ସୂଚନା ପାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ସେତେବେଳେ ଡେଭିଡ୍ ତଳେ ପଡ଼ିଯାଇଥିଲା ଓ ତାଙ୍କ ଦେହରେ ଛୁରି ମାଡର କେତୋଟି ଚିହ୍ନ ଦେଖିବାକୁ ମିଳିଥିଲା। ପୁଲିସ ଓ ମେଡିକାଲ ଟିମ୍ ତାଙ୍କୁ ବଞ୍ଚାଇବାକୁ ପ୍ରୟାସ କରିଥିଲେ ମଧ୍ୟ ସେ ମୃତ୍ୟୁବରଣ କରିଥିଲେ। ଘଟଣାସ୍ଥଳରୁ ଛୁରି ଜବତ କରାଯିବା ପରେ ବରୁଣଙ୍କୁ ତୁରନ୍ତ ଗିରଫ କରାଯାଇଥିଲା। ୧୯୯୫ରେ ବ୍ରିମର ଜଣେ ନାବାଳକଙ୍କ ଯୌନ ଶୋଷଣ କରିଥିଲେ ଓ ଏଥିପାଇଁ ସେ ୭ ବର୍ଷ ଜେଲ ଦଣ୍ଡ ଭୋଗିଥିଲେ। ବରୁଣ କାଲିଫର୍ଣ୍ଣିଆର ଏକ ୱେବସାଇଟ୍‌ରେ ଯୌନ ଅପରାଧୀଙ୍କ ତାଲିକାରେ ବ୍ରିମରଙ୍କୁ ଦେଖି ତାଙ୍କୁ ଟାର୍ଗେଟ କରିଥିଲେ। ଛୋଟ ପିଲାଙ୍କୁ ଯୌନ ଶୋଷଣ କରୁଥିବାରୁ ଏଭଳି ଲୋକଙ୍କର ବଞ୍ଚିବାର ଅଧିକାର ନାହିଁ ବୋଲି ବରୁଣ ପୁଲିସକୁ କହିଥିଲେ। ହତ୍ୟା କରିଥିଲେ ମଧ୍ୟ ବରୁଣ ଆଦୌ ଅନୁତପ୍ତ ନୁହଁ ବୋଲି କହିଛି।

## କର୍ଣ୍ଣେଲ ପୁରୋହିତଙ୍କ ପଦୋନ୍ନତି

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ୨୦୦୮ରେ ବହୁ ଚର୍ଚ୍ଚିତ ମାଲେଗାଁଓ ବୋମା ବିସ୍ଫୋରଣ ମାମଲାରେ ନିର୍ଦ୍ଦୋଶ ସାବ୍ୟସ୍ତ ହୋଇ ଜେଲରୁ ମୁକୁଳିବା ପରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ପ୍ରସାଦ ଶ୍ରୀକାନ୍ତ ପୁରୋହିତଙ୍କୁ କଲୋନେଲ ପଦକୁ ପ୍ରମୋଶନ ମିଳିଛି। ସେନାବାହିନୀରେ ଏହି ପ୍ରମୋଶନ ପାଇଁ ତାଙ୍କୁ ଦୀର୍ଘ ୧୭ ବର୍ଷ ପ୍ରତୀକ୍ଷା ପରେ ମିଳିଛି। ୨୦୨୫ ଜୁଲାଇ ୩୧ରେ ମୁମ୍ବଇର ଏକ ସ୍ୱତନ୍ତ୍ର କୋର୍ଟ କର୍ଣ୍ଣଲ ପୁରୋହିତଙ୍କ ସମେତ ସବୁ ଅଭିଯୁକ୍ତଙ୍କୁ ଖଲାସ କରିଥିଲେ। ଏହି ବିସ୍ଫୋରଣରେ ୬ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। କୋର୍ଟ ତାଙ୍କୁ ଖଲାସ କରିବା ପରେ ସେନା ପୁରୋହିତଙ୍କ କ୍ୟାରିୟରରେ ଗତ ୧୬ ବର୍ଷ ଲାଗୁ କରାଯାଇଥିବା ଡିସିପ୍ଲିନ୍‌ଡ ଆଣ୍ଡ ଭିଜିଲାନ୍ସ (ଡିଭି) ପ୍ରତିବନ୍ଧ ହଟାଯାଇଛି। ଫଳରେ ତାଙ୍କର ପ୍ରମୋସନ ଓ ବାକି ଥିବା ଅନ୍ୟ ପ୍ରକ୍ରିୟାଗୁଡିକୁ ଆରମ୍ଭ କରାଯାଇଛି। ବିସ୍ଫୋରଣ ମାମଲାରେ ଅଭିଯୁକ୍ତ ଭାବେ ଗିରଫ କରାଯିବା ପରେ ତାଙ୍କ ଉପରେ ଡିଭି ପ୍ରତିବନ୍ଧ ଲାଗୁ କରାଯାଇଥିଲା। ତାଙ୍କୁ ପ୍ରମୋସନ ମିଳିବା ପରେ କେନ୍ଦ୍ରମନ୍ତ୍ରୀ ତଥା ବିହାରର ବେଗୁସରାଇ ଲୋକସଭା ସଦସ୍ୟ ଗିରିରାଜ ସିଂ ସାମାଜିକ ଗଣମାଧ୍ୟମ ଏକ୍ସରେ ଅଭିନନ୍ଦନ ଜଣାଇଛନ୍ତି। କୋର୍ଟଙ୍କ ଦ୍ୱାରା ନିର୍ଦ୍ଦେଶ ସାବ୍ୟସ୍ତ ହେବା ପରେ ମୁଁ ଦେଶକୁ ବହୁତ ଭଲ ପାଏ। ନିଜ ଯବାନଙ୍କୁ ସହଯୋଗ କରୁଥିବା ଭାରତୀୟ ସେନାକୁ କୃତଜ୍ଞତା ଜଣାଉଛି ବୋଲି ପୁରୋହିତ କହିଥିଲେ।



### ବିଧବା ଓ ନିସନ୍ତାନ ମହିଳାଙ୍କ ସମ୍ପତ୍ତି ମାମଲା

## ମାତାପିତା ନୁହେଁ; ଶାଶୂଘର ଦାବିଦାର: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ବିଧବା ଓ ନିଃସନ୍ତାନ ମହିଳାଙ୍କ ସମ୍ପତ୍ତି ଉପରେ ଅଧିକାର ନେଇ ସୁପ୍ରିମକୋର୍ଟ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ହିନ୍ଦୁ ସମାଜରେ କନ୍ୟାଦାନ ପରମ୍ପରା ରହିଛି। ପରମ୍ପରା ଅନୁଯାୟୀ ଯେତେବେଳେ ଜଣେ ହିନ୍ଦୁ ମହିଳା ବିବାହ କରିଥାନ୍ତି, ସେତେବେଳେ ତାଙ୍କ ଗୋତ୍ର ଅର୍ଥାତ କୂଳ ବା ବଂଶ ବଦଳିଯାଇଥାଏ। ଏଭଳି କ୍ଷେତ୍ରରେ ବିଧବା କିମ୍ବା ନିଃସନ୍ତାନ ମହିଳାଙ୍କ ମୃତ୍ୟୁ ହେଲେ ତାଙ୍କ ସମ୍ପତ୍ତି ଉପରେ ମାତାପିତା ନୁହେଁ, ତାଙ୍କ ସ୍ୱାମୀ ଅର୍ଥାତ ଶାଶୂଘର ଘରର ଲୋକଙ୍କ ଅଧିକାର ରହିବ। ମହିଳା କୌଣସି ଇଚ୍ଛାପତ୍ର ଛାଡ଼ିନଥିଲେ ଏହି ନିୟମ ଲାଗୁହେବ। ହଜାର ହଜାର ବର୍ଷ ଧରି ଚାଲି ଆସିଥିବା ଏହି ପରମ୍ପରାରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି କୋର୍ଟ। ମାମଲାର ବିଚାର କରୁଥିବା ସୁପ୍ରିମକୋର୍ଟଙ୍କର ଏକମାତ୍ର ମହିଳା ବିଚାରପତି ଜଷ୍ଟିସ ବିଭି ନାଗରତ୍ନା କହିଛନ୍ତି ଯେ ହିନ୍ଦୁ ସମାଜର ଏକ ସଂରଚନା ରହିଛି, ଆପଣ ତାହାକୁ ତଳେ ପକାଇପାରିବେ ନାହିଁ। ହଜାର ହଜାର ବର୍ଷଧରି ଚାଲିଆସୁଥିବା ଏହି ପରମ୍ପରାରେ ବାଧା ସୃଷ୍ଟି କରିବାକୁ ଆମେ ଚାହୁଁନାହୁଁ। ମହିଳାମାନଙ୍କୁ ଅଧିକାର ଆବଶ୍ୟକ। କିନ୍ତୁ ମହିଳାଙ୍କ ଅଧିକାର ଓ ସାମାଜିକ ପରମ୍ପରା ଓ ସଂରଚନା ମଧ୍ୟରେ ସନ୍ତୁଳନ ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି।

ଏଭଳି ପରମ୍ପରାକୁ ଚାଲେଞ୍ଜ କରି ଆଗତ କେତେକ ପିଟିସନ ଉପରେ ଶୁଣାଣି କରୁଛନ୍ତି ଜଷ୍ଟିସ ନାଗରତ୍ନା ଏବଂ ଜଷ୍ଟିସ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ। ଗୋଟିଏ ପିଟିସନ ଅନୁଯାୟୀ କୋଭିଡ ସମୟରେ ଏକ ନିଃସନ୍ତାନ ଦଂପତିଙ୍କର ମୃତ୍ୟୁ ଘଟିଥିଲା। ସେମାନଙ୍କ ସଂପତ୍ତି ଦଖଲ କରିବା ଲାଗି ଉଭୟ ପୁରୁଷ ଓ ମହିଳାଙ୍କର ମା' ଦାବି କରୁଛନ୍ତି। ପୁରୁଷଙ୍କ ମା' ପରଂପରା ଅନୁଯାୟୀ ଉଭୟ ତାଙ୍କ ପୁଅ ଓ ବୋହୂର ସମସ୍ତ ସଂପତ୍ତି ନେବାକୁ ଦାବି କରୁଥିବା ବେଳେ ଝିଅର ମା' ତାଙ୍କ ଝିଅ ନାମରେ ଥିବା ସଂପତ୍ତି ନେବାକୁ ଦାବି କରୁଛନ୍ତି। ମାମଲାର ଶୁଣାଣି ବେଳେ ମାନ୍ୟବର ବେଞ୍ଚ କହିଲେ ଯେ ଜଣେ ମହିଳା ବିବାହ କରିବା ପରେ ତାଙ୍କର ସମସ୍ତ ଦାୟିତ୍ୱ ତାଙ୍କ ସ୍ୱାମୀ ଓ ଶ୍ୱଶୂର ଘର ଉପରେ ନ୍ୟସ୍ତ ହୋଇଯାଏ। ଜଣେ ମହିଳା ଭରଣପୋଷଣ ପାଇଁ କେବେ ନିଜ ଭାଇ ବିରୋଧରେ ପିଟିସନ କରିଛି କି? ଯଦି ନାହିଁ, ତାହାହେଲେ ତାର ସଂପତ୍ତି ଉପରେ ମହିଳାଙ୍କ ବାପା ଘର ଲୋକ କାହିଁକି ଦାବି କରିବେ? ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବରରେ ହେବ।

## ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ସରକୋଜିଙ୍କୁ ୫ ବର୍ଷ ଜେଲ୍

ପ୍ୟାରିସ୍, ୨୫।୯ (ଏଜେନ୍ସି): ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ନିକୋଲାସ ସରକୋଜି ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ୨୦୦୭ରେ ରାଷ୍ଟ୍ରପତି ନିର୍ବାଚନ ଅଭିଯାନରେ ସେ ସେତେବେଳର ଲିବିୟା ଏକଛତ୍ରବାଦୀ ଶାସକ ମୁଆମ୍ମାର ଗଦ୍ଦାଫିଠାରୁ ବିପୁଳ ପରିମାଣର ଅର୍ଥ ତଥା ପାଣ୍ଠି ନେଇଥିବାର ଅଭିଯୋଗ ହୋଇଥିଲା। ରାଜଧାନୀ ପ୍ୟାରିସର ଏକ କ୍ରିମିନାଲ କୋର୍ଟ ତାଙ୍କୁ ଏହି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛି। ତେବେ କୋର୍ଟ ତାଙ୍କୁ ଦୁର୍ନୀତି ଓ ଅବୈଧ ପାଣ୍ଠି ସଂଗ୍ରହ ପାଇଁ ଅନ୍ୟ ଦୁଇଟି ମାମଲାରେ ନିର୍ଦ୍ଦୋଷ ବୋଲି କହିଛନ୍ତି। ନିକୋଲାସ କିନ୍ତୁ ଏହି ସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ ଏହି ଦଣ୍ଡ ବିରୋଧରେ ଅପିଲ କରିବାକୁ ପ୍ରସ୍ତୁତି କରୁଛନ୍ତି ବୋଲି କହିଛନ୍ତି। ୨୦୦୫ରେ ନିକୋଲାସ ଓ ତାଙ୍କ ସହଯୋଗୀ ୨୦୦୭ ରାଷ୍ଟ୍ରପତି ନିର୍ବାଚନ ପାଇଁ ବେଆଇନଭାବେ ଗଦ୍ଦାଫିଙ୍କଠାରୁ ଅର୍ଥ ନେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ବଦଳରେ ଗଦ୍ଦାଫି ନୋକାଲାସ୍‌ଙ୍କଠାରୁ କୂଟନୈତିକ ଓ ବ୍ୟବସାୟୀକ ସାହଯ୍ୟ ଲୋଡିଥିଲେ ଓ ହାସଲ ମଧ୍ୟ କରିଥିଲେ। ଗଦ୍ଦାଫି ତାଙ୍କ ଶାସନ କାଳରେ ମାନବଅଧିକାର ଉଲ୍ଲଂଘନ ଓ ଆତାଙ୍କଦାଦ ପାଇଁ କୁଖ୍ୟାତ ଥିଲେ। ତେଣୁ ତାଙ୍କୁ ପ୍ରତ୍ୟୋକ୍ଷ ଓ ପରୋକ୍ଷରେ ସାହଯ୍ୟ କରିବା ନିକୋଲାସଙ୍କ ପାଇଁ ଏବେ ମହଙ୍ଗା ସାବ୍ୟସ୍ତ ହୋଇଛି ବୋଲି କୁହାଯାଉଛି। ୭୦ ବର୍ଷୀୟ ନିକୋଲାସ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଫ୍ରାନ୍ସର ରାଷ୍ଟ୍ରପତି ଭାବେ ଦାୟିତ୍ୱରେ ଥିଲେ।



## ଚୈତନ୍ୟାନନ୍ଦଙ୍କ ଭାଣ୍ଡାମୀର ପର୍ଦ୍ଦାଫାସ୍ କଲା ବାୟୁସେନା ଅଧିକାରୀଙ୍କ ଇ-ମେଲ୍

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ଦିଲ୍ଲୀର ବସନ୍ତକୁଞ୍ଜସ୍ଥିତ ଏକ ଘରୋଇ ମ୍ୟାନେଜମେଣ୍ଟ ସଂସ୍ଥାର ଅଧ୍ୟକ୍ଷ ତଥା ଆତ୍ମଘୋଷିତ ବାବା ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ ଡଃ ପାର୍ଥ ସାରଥୀଙ୍କ ଯୌନ ଶୋଷଣ ଜନିତ ଭାଣ୍ଡାମୀ ସାମ୍ନାକୁ ଆସିଛି। କର୍ଣ୍ଣାଟକ ଶ୍ରୀଙ୍ଗେରିସ୍ଥିତ ଶ୍ରୀ ସାରଦା ପିଠ ସହିତ ଜଡ଼ିତ ଥିବା ଏହି ସଂସ୍ଥାରେ ପଢୁଥିବା ୧୭ ଜଣ ଛାତ୍ରୀ ଏହି ବାବାଙ୍କ ବରୋଧରେ ଯୌନ ଶୋଷଣର ଗମ୍ଭୀର ଅଭିଯୋଗ ଆଣିଥିଲେ। ପୁଲିସ ଏ ନେଇ ମାମଲା ରୁଜୁ କରିଥିଲେ ମଧ୍ୟ ବାବା ଫେରାର ଅଛନ୍ତି। ବାବାଙ୍କ ଏହି ଚର୍ଚ୍ଚିତ କାଣ୍ଡ ଭାରତୀୟ ବାୟୁସେନାର ଜଣେ ଅଧିକାରୀଙ୍କ ଇ-ମେଲ୍‌ରୁ ହିଁ ସାମ୍ନାକୁ ଆସିଥିଲା। ଶାରଦା ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆନ ମ୍ୟାନେଜମେଣ୍ଟର ଜଣେ ପୂର୍ବତନ ଛାତ୍ରୀ ଜୁଲାଇ ୨୮ରେ ଏହି ସଂସ୍ଥାକୁ ପତ୍ର ଲେଖି ବାବାଙ୍କ କାର୍ଯ୍ୟକଳାପକୁ ପର୍ଦ୍ଦାଫାସ କରିଥିଲେ। ଏହାର କିଛି ଦିନପରେ ଭାରତୀୟ ବାୟୁସେନାର ଜଣେ ଗ୍ରୁପ୍ କ୍ୟାପଟେନ୍ ଇ-ମେଲ ପଠାଇ ଏ ବିଷୟରେ ଉଲ୍ଲେଖ କରିଥିଲେ। କେତେଜଣ ଛାତ୍ରୀ ବାବାଙ୍କ ମନଇଚ୍ଛା ବ୍ୟବହାର ଓ ଉତ୍ପୀଡନ ନେଇ ଅଭିଯୋଗ କରିଥିଲେ ଓ ରାତିରେ ବାବା ହ୍ୱାଟ୍ସଆପ୍‌ରେ ଆପତ୍ତିଜନକ ମେସେଜ ପଠାଇଥିଲେ ବୋଲି ଅଧିକାରୀ ଜଣକ ଉଲ୍ଲେଖ କରିଛନ୍ତି। ଏହି ଇ-ମେଲ ପାଇବା ପରେ ସଂସ୍ଥାର ଗଭର୍ଣ୍ଣିଂ କାଉନସିଲ୍ ଅଗଷ୍ଟ ୩ରେ ୩୦ରୁ ଅଧିକ ଛାତ୍ରୀଙ୍କ ସହିତ ଆଭାସୀ ବୈଠକ କରିଥିଲେ। ଏଥିରେ କେତେଜଣ ଛାତ୍ରୀ ବାବାଙ୍କ ବରୋଧରେ ଯୌନ ଉତ୍ପୀଡ଼ନ, ଅଭଦ୍ର ଭାଷା, ଅବାଞ୍ଛିତ ଶାରୀରିକ ସ୍ପର୍ଶ ନେଇ ଅଭିଯୋଗ କରିଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି ଜଣେ ଡିନ୍‌ଙ୍କ ସମେତ ସଂସ୍ଥାରେ ୩ ମହିଳା କର୍ମଚାରୀ ସବୁ ଜାଣି ମଧ୍ୟ ବାବାଙ୍କୁ ସହଯୋଗ କରିଥିଲେ।

## ପୋଷ୍ଟାଲ ବାଲାଟ ଗଣତି ପରେ ଇଭିଏମ୍‌ର ଚୂଡ଼ାନ୍ତ ଗଣତି

ପାଟନା, ୨୫।୯ (ଏଜେନ୍ସି): ନିର୍ବାଚନ କମିଶନ ବିହାର ବିଧାନସଭା ନିର୍ବାଚନରେ ଭୋଟ ଗଣତି ନେଇ ନୂଆ ପ୍ରଣାଳୀ ଲାଗୁ କରିବ। ନୂଆ ନିୟମ ଅନୁସାରେ ଯଦି ପୋଷ୍ଟାଲ ବାଲାଟ୍ ଗଣିତିରେ ବିଳମ୍ବ ହୁଏ, ତେବେ ଇଭିଏମ୍ କାଉଣ୍ଟିଂକୁ ରୋକି ଦିଆଯିବ। ଏଥିସହ ବାଲାଟ ଅଧିକ ହେଲେ କାଉଣ୍ଟିଂ ଟେବଲ ସଂଖ୍ୟାରେ ବୃଦ୍ଧି କରାଯିବ ବୋଲି କମିଶନ କହିଛନ୍ତି। କାଉଣ୍ଟିଂ ଦିନ ଭୋଟ ଗଣତି ସକାଳ ୮ ଟାରେ ଆରମ୍ଭ ହୋଇଥାଏ। କିନ୍ତୁ ଇଭିଏମ୍ କାଉଣ୍ଟିଂ ୮.୩୦ରେ ଆରମ୍ଭ ହୋଇଥାଏ। କେତୋଟି ସେଣ୍ଟରରେ ମେସିନରେ କାଉଣ୍ଟିଂ ଶେଷ ହୋଇଥିଲେ ମଧ୍ୟ ବାଲାଟ ଗଣତି ପାଇଁ ସମୟ ଲାଗୁଥିଲା। କିନ୍ତୁ ଏବେ ଗଣତି ପ୍ରକ୍ରିୟା ଭିନ୍ନ ହେବ। ବାଲାଟ ଗଣତି ବାକି ଥିଲେ ଇଭିଏମ୍‌ର ଅନ୍ତିମ ରାଉଣ୍ଡ ବା ସେକେଣ୍ଡ ଲାଷ୍ଟ ରାଉଣ୍ଡ ଗଣତିକୁ ରୋକା ଯିବ। ଗୁରୁବାର କମିଶନ ପ୍ରେସ ବିଜ୍ଞପ୍ତି ଜାରି କରି ଏ ନେଇ ସୂଚନା ଦେଇଛନ୍ତି। ଏହି ନୂଆ ନିୟମ ବିହାର ବିଧାନସଭା ନର୍ବାଚନରେ ପ୍ରଥମେ ଲାଗୁ କରାଯିବ।




## ଆଜି ଅବସର ନେବ ମିଗ୍-୨୧ ବିମାନ

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ଦୀର୍ଘ ୬୨ ବର୍ଷ ହେବ ଦେଶକୁ ରକ୍ଷା କରିଆସୁଥିବା ଲଢୁଆ ବିମାନ ମିଗ୍-୨୧ ଶୁକ୍ରବାର ଅବସର ନେବ। ଫଳରେ ଭାରତୀୟ ବାୟୁସେନା ପାଇଁ ଏକ ଯୁଗର ଅବସାନ ହେବ। ଚଣ୍ଡିଗଡ଼ ବାୟୁସେନା ଷ୍ଟେସନରେ ମିଗ୍-୨୧ର ଅନ୍ତିମ ବିଦାୟୀ ସମାରୋହର ଆୟୋଜନ ହେବ। ଏହି ବିଦାୟୀ ସମାରୋହ ପାଇଁ ଚଣ୍ଡିଗଡ଼ରେ ଡ୍ରେସ ରିହରସାଲ ହୋଇଛି। ଏଥିରେ ମିଗ୍-୨୧ ସମେତ ଜାଗୁଆର, ସୂର୍ଯ୍ୟକିରଣ ଏରୋବେଟିକ୍ ଟିମ୍ ଆକାଶରେ ସୁନ୍ଦର ଉଡାଣ ଭରିଥିଲେ। ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂ ମିଗ୍-୨୧ ଉଡାଇ ତା'ର ଦକ୍ଷତା ପ୍ରଦର୍ଶନ କରିଥିଲେ। ଗୁରବାର ସେ ଏହି ଉଡାଣ ଭରିଥିଲେ ଓ ଶୁକ୍ରବାର ମଧ୍ୟ ସେ ମିଗ୍-୨୧ ଉଡାଇବେ। ଭାରତୀୟ ବାୟୁସେନାର ସପ୍ତମ ମହିଳା ଫାଇଟର ପାଇଲଟ୍ ସ୍କ୍ୱାଡ୍ରନ ଲିଡର ପ୍ରିୟା ଶର୍ମା ଶୁକ୍ରବାର ଶେଷଥର ପାଇଁ ମିଗ୍-୨୧କୁ ଆକାଶରେ ଉଡାଇବେ। ଏହି ବିମାନ ଧ୍ୱନୀର ଗତି (ସେକେଣ୍ଡ ପ୍ରତି ୩୩୨ ମିଟର)ଠାରୁ ଆହୁରି ଅଧିକ ବେଗ୍‌ରେ ଗତି କରିଥାଏ। ୧୯୬୦ ଦଶକରେ ମିଗ୍-୨୧ର ଆରମ୍ଭ ହୋଇଥିଲା। ସେତେବେଳର ସୋଭିଏତ ସଂଘ (ରୁଷିଆ) ରେ ଏହି ବିମାନର ଡିଜାଇନ୍ ହୋଇଥିଲା। ୧୯୬୩ ଏପ୍ରିଲ୍‌ରେ ୬ଟି ମିଗ୍-୨୧ ବିମାନ ପ୍ରଥମ ପର୍ଯ୍ୟାୟରେ ମୁମ୍ବଇରୁ ଚଣ୍ଡିଗଡ଼କୁ ଅଣାଯାଇଥିଲା। ଭାରତର ପ୍ରଥମ ସୁପରସୋନିକ୍ ଫାଇଟର ବିମାନ ମିଗ୍-୨୧ ୧୯୬୫, ୧୯୭୧ ଓ ୧୯୯୯ରେ ପାକିସ୍ତାନ ବିରୋଧରେ କାରଗିଲ ଯୁଦ୍ଧରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ସାରା ଦୁନିଆକୁ ନିଜର ଦକ୍ଷତା ପ୍ରତିପାଦନ କରିଥିଲା। ତେବେ ବିଭିନ୍ନ କାରଣରୁ ୪୦୦ରୁ ଊର୍ଦ୍ଧ୍ୱ ମିଗ୍-୨୧ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ଓ ଏଥିରେ ୨୦ ପାଇଲଟ ମୃତ୍ୟୁବରଣ କରିଥିଲେ। ଖାସ୍ ଏଥିପାଇଁ ଏହାକୁ ଫ୍ଲାଇଙ୍ଗ କଫିନ ଓ ୱିଡୋ ମେକରର ଆଖ୍ୟା ଦିଆଯାଇଥିଲା। ୨୦୨୧ରେ ଏହି ବିମାନ ୭ଥର କ୍ରାଶ ହୋଇଛି। ଏହାର ବିଦାୟୀ ସମାରୋହକୁ ଆକର୍ଷଣୀୟ ଓ ସ୍ମରଣୀୟ କରିବାକୁ ସବୁ ପ୍ରକାରର ବ୍ୟବସ୍ଥା କରାଯାଇଛି। ସମାରୋହରେ ଏହି ବିମାନକୁ ପାଣିର ତୋପରେ ସଲାମୀ ଦିଆଯିବ। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉପସ୍ଥିତ ରହିବେ।

## ପାକିସ୍ତାନ ସ୍କୁଲ ପାଠ୍ୟକ୍ରମରେ 'ଅପରେସନ୍ ସିନ୍ଦୂର'

ଇସ୍‌ଲାମାବାଦ୍, ୨୫।୯ (ଏଜେନ୍ସି): ପାକିସ୍ତାନ ନିଜ ସ୍କୁଲ ପାଠ୍ୟକ୍ରମରେ ଭାରତ ସହିତ ହୋଇଥିବା ୪ ଦିନର ଯୁଦ୍ଧକୁ ସାମିଲ କରିଛି। ଏଥିରେ ବିଭିନ୍ନ ପ୍ରକାର ତଥ୍ୟକୁ କଦର୍ଥ କରାଯାଇ ଉପସ୍ଥାପନ କରାଯାଇଛି। ଭାରତ ବିନା କୌଣସି କାରଣରେ ୨୦୨୫ ମେ ୭ରେ ପାକିସ୍ତାନ ଉପରେ ଆକ୍ରମଣ କରିଥିଲା ବୋଲି ବହିରେ ଦର୍ଶାଯାଇଛି। ଭାରତ କଶ୍ମୀର ପହଲଗାମରେ ହୋଇଥିବା ଆକ୍ରମଣ ପାଇଁ ପାକିସ୍ତାନକୁ ମିଛରେ ଦାୟୀ କରିଛି। ଭାରତ ଯୁଦ୍ଧ ଆରମ୍ଭ କରିଥିଲା ବୋଲି ବହିରେ ଉଲ୍ଲେଖ କରାଯାଇଛି। କିନ୍ତୁ ଜବାବରେ ପାକିସ୍ତାନ ସେନା ଭାରତର ୪ଟି ରାଫେଲ ବିମାନକୁ ମାରି ଖସାଇଥିଲା ଓ କେତୋଟି ଏୟାର ବେସ୍‌କୁ ଧ୍ୱଂସ କରିଥିଲା ବୋଲି ବହିରେ ଉଲ୍ଲେଖ କରାଯାଇଛି। ତେବେ କେଉଁ ଶ୍ରେଣୀର ପାଠ୍ୟକ୍ରମରେ ଏହାକୁ ସାମିଲ କରାଯାଇଛି ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। କିନ୍ତୁ ପାଠ୍ୟକ୍ରମରେ ସାମିଲ କରିଥିବା ସବୁ ତଥ୍ୟ ମିଥ୍ୟା ବୋଲି ଜଣାପଡ଼ିଛି। ଉଲ୍ଲେଖଥାଉ କି, ପହଲଗାମ୍‌ରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଏଥିରେ ଭାରତ ପାକିସ୍ତାନର ୯ଟି ଆତଙ୍କବାଦୀ ଠିକଣାକୁ ଧ୍ୱଂସ କରିଥିଲା ଓ ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ। ୪ ଦିନର ସଂଘର୍ଷ ପରେ ପାକିସ୍ତାନ ଡିଜିଏମ୍‌ଓଙ୍କ ଅନୁରୋଧ କ୍ରମେ ଅସ୍ତ୍ରବିରତି ଘୋଷିତ ହୋଇଥିଲା। ଅବଶ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅପରେସନ ସିନ୍ଦୂର ଶେଷ ହୋଇନାହିଁ ବରଂ ସ୍ଥଗିତ ରଖାଯାଇଛି ବୋଲି ସେତେବେଳେ କହିଥିଲେ।



## ଭାରତ ଆମକୁ ତାଲିବାନ ଓ ଆଇଏସ୍ ନଜରରେ ଦେଖୁଛି: ୟୁନୁସ୍

ୱାଶିଂଟନ, ୨୫।୯ (ଏଜେନ୍ସି): ବାଂଲାଦେଶ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ଭାରତ ସହିତ ଥିବା ସମ୍ପର୍କ ନେଇ ମୁହଁ ଖୋଲିଛନ୍ତି। ଦୁଇ ଦେଶ ମଧ୍ୟରେ ଏବେ ସମସ୍ୟା ରହିଛି ବୋଲି ସେ ସ୍ୱୀକାର କରିଛନ୍ତି। ଭାରତକୁ ଆମ ଛାତ୍ରମାନଙ୍କ କାର୍ଯ୍ୟ ପସନ୍ଦ ଆସୁନାହିଁ ଓ ଆମକୁ ତାଲିବାନ ଓ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ନଜରରେ ଦେଖାଯାଉଛି। ପୁଣି ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଭାରତ ଶରଣ ଦେଇଛି। ଫଳରେ ବାଂଲାଦେଶ ବହୁ ସମସ୍ୟାର ସମ୍ମୁଖୀନ ହେଉଛି ବୋଲି ସେ କହିଛନ୍ତି। ହସିନାଙ୍କ କାରଣରୁ ବାଂଲାଦେଶରେ ବହୁ ଯୁବକ ହତ୍ୟାର ଶିକାର ହୋଇଛନ୍ତି। ଏହି କାରଣ ଯୋଗୁଁ ଭାରତ ଓ ବାଂଲାଦେଶ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କ ୨୦୨୪ ଅଗଷ୍ଟରୁ ଖରାପ ହେବା ଆରମ୍ଭ ହୋଇଥିଲା। ଯେତେବେଳେ ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତ ଚାଲି ଯାଇଥିଲେ। ଚାକିରି କୋଟା ନେଇ ଭେଦଭାବ ସୃଷ୍ଟି ହେବାରୁ ଛାତ୍ରମାନେ ବିରୋଧ ପ୍ରଦର୍ଶନ କରିଥିଲେ। ଏହି କାରଣ ଯୋଗୁଁ ବାଂଲାଦେଶରେ ସରକାର ପତନ ହୋଇଥିଲା। ଭାରତ ବାଂଲାଦେଶ ବିରୋଧରେ ଫେକ୍ ନ୍ୟୁଜ୍ ଅର୍ଥାତ ମିଥ୍ୟା ଖବର ପ୍ରଚାର ଓ ପ୍ରସାର କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ସାର୍କ (ଏସଏଏଆରସି) କେବଳ ଗୋଟିଏ ଦେଶର ରାଜନୀତି ନୁହଁ।

ସକାଳ
THE SAKALA
www.sakalaepaper.com


## ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ବାଦ୍ ପଡ଼ିଲେ ନାୟର, ପଡିକାଲ ସାମିଲ

ଦୁବାଇ,୨୫।୯ (ଏଜେନ୍ସି):

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ମାଟିରେ ଅହମ୍ମଦାବାଦ୍‌ରେ ଅକ୍ଟୋବର ୨ରୁ ଆରମ୍ଭ ହେବାକୁ ଯାଉଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଭାରତର ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ଶୁବମନ ଗିଲ୍‌ଙ୍କୁ ଏହି ଦଳର ଅଧିନାୟକ ଓ ରବୀନ୍ଦ୍ର ଜାଡେଜାଙ୍କୁ ଉପଅଧିନାୟକ ମନୋନୀତ କରାଯାଇଛି। ଏହି ସିରିଜ୍ ପୂର୍ବରୁ ଇଂଲଣ୍ଡରେ ଖେଳିଥିବା ଭାରତୀୟ ଟେଷ୍ଟ ଦଳରୁ କରୁନ ନାୟର ଓ ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରିଜର୍ଭ ଖେଳାଳିଭାବେ ରହିଥିବା ଅଭିମନ୍ୟୁ ଈଶ୍ୱରନଙ୍କୁ ଏହି ଦଳରୁ ବାଦ୍ ଦିଆଯାଇଛି। ନାୟରଙ୍କ ସ୍ଥାନରେ ତାଙ୍କ ରାଜ୍ୟର ସାଥିଖେଳାଳି ଦେବଦତ୍ତ ପଡ଼ିକାଲଙ୍କୁ ଏବଂ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଦଳରେ ସାମିଲ କରାଯାଇଛି। ତାମିଲନାଡୁର ଦୁଇ ଖେଳାଳି ସାଇ ସୁଦର୍ଶନ ଓ ୱିକେଟ ରକ୍ଷକ ନାରାୟଣ ଜଗଦୀଶନଙ୍କୁ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଆହତ ହୋଇଥିବା ଦଳର ନଂ-୧ ୱିକେଟରକ୍ଷକ ରଷଭ ପନ୍ତ ଫିଟ୍ ହୋଇ ନ ଥିବାରୁ ତାଙ୍କୁ ଦଳରେ ସାମିଲ କରାଯାଇନାହିଁ। ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ପୁଣିଥରେ ଭାରତୀୟ ଦଳର ନଂ-୧ ୱିକେଟରକ୍ଷକ ଭାବେ ଚୟନ କରାଯାଇଛି। ଫାଷ୍ଟ ବୋଲର ଆକାଶ ଦୀପ୍ ମଧ ଟେଷ୍ଟ ଦଳରେ ସ୍ଥାନ ପାଇନାହାନ୍ତି। ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଅକ୍ଟୋବର ୨ରୁ ଓ ଦ୍ୱିତୀୟ ମ୍ୟାଚ୍ ନୂଆଦିଲ୍ଲୀରେ ଅକ୍ଟୋବର ୧୦ରୁ ଖେଳାଯିବ।





ଏ ସମ୍ପର୍କରେ ବିସିସିଆଇ ସିନିଅର ଚୟନ କମିଟିର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହନ୍ତି ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ କରୁନ ନାୟରଙ୍କଠାରୁ ଆମେ କିଛି ସ୍ଥିର ଖେଳ ଓ ସଫଳତା ଆଶା କରୁଥିଲୁ। ସେ କିନ୍ତୁ ଗୋଟିଏ ଅର୍ଦ୍ଧଶତକ କରିପାରିଥିଲେ। ଏହି ସ୍ଥାନରେ ଜଣେ ଭଲ ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ଦଳରେ ନେବାକୁ ଚାହିଁଥିଲୁ। ଭାରତ ପକ୍ଷରୁ ଖେଳିଥିବା ଦେବଦତ୍ତ ପଡ଼ିକାଲଙ୍କୁ ସୁଯୋଗ ଦେବାକୁ ଆମେ ନିଷ୍ପତ୍ତି ନେଇଛୁ। ଆମେ ସମସ୍ତଙ୍କୁ ୧୫ରୁ ୨୦ ଟେଷ୍ଟ ଖେଳିବାକୁ ସୁଯୋଗ ଦେବାକୁ ଯୋଜନା କରୁଥିଲୁ। କିନ୍ତୁ ଦୁର୍ଭାଗ୍ୟବଶତଃ ଏହା ସମ୍ଭବ ହେଉନାହିଁ। ଦୁବାଇରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ଘୋଷଣା କରିବା ଅବସରରେ ଅଜିତ ଅଗରକର ଏହା କହିଛନ୍ତି।

**ଘୋଷିତ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରବୀନ୍ଦ୍ର ଜାଡେଜା (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପଡ଼ିକାଲ, ଧ୍ରୁବ ଜୁରେଲ, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା, ଅକ୍ଷର ପଟେଲ, ନୀତୀଶ କୁମାର ରେଡ୍ଡୀ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, କୁଲଦୀପ ଯାଦବ ଓ ନାରାୟଣ ଜଗଦୀଶନ।

**ୱେଷ୍ଟଇଣ୍ଡିଜ୍ ଦଳ:** ରୋଷ୍ଟୋନ ଚେଜ୍ (ଅଧିନାୟକ), ବ୍ରାଣ୍ଡନ କିଙ୍ଗ୍, ଆଲିକ୍ ଆଥାନାଜେ, ଟାଗେନାରିନ ଚନ୍ଦରପଲ, କେଭଲନ ଆଣ୍ଡରସନ, ଜନ୍ କ୍ୟାମ୍ପବେଲ, ସାଇ ହୋପ୍, ଟେଭଲିନ ଇମ୍‌ଲାଚ୍, ଜଷ୍ଟିନ ଗ୍ରିଭ୍‌ସ, ଶମର ଯୋଶେଫ, ଆଲଜରୀ ଯୋଶେଫ, ଜେଡେନ ସିଲ୍ସ, ଆଣ୍ଡରସନ ଫିଲିପ୍, ଜୋମେଲ ୱାରିକାନ୍, ଖାରୀ ପିଏରେ।

ସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୦୨ରୁ ୦୬।୧୦ | ପ୍ରଥମ ଟେଷ୍ଟ | ଅହମ୍ମଦାବାଦ |
| ୧୦ରୁ ୧୪।୧୦ | ଦ୍ୱିତୀୟ ଟେଷ୍ଟ | ନୂଆଦିଲ୍ଲୀ |

## ଏସିଆ କପ୍: ପାକ୍-ବାଂଲା ସୁପର-୪ ମୁକାବିଲା

# ଦୁବାଇରେ ବୋଲରଙ୍କ ପ୍ରାଧାନ୍ୟ



ଆଜିର ମ୍ୟାଚ୍
DP WORLD ASIA CUP
ଭାରତ-ଶ୍ରୀଲଙ୍କା
ଭେନ୍ୟୁ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

ଦୁବାଇ,୨୫।୯ (ଏଜେନ୍ସି): ଏଠାରେ ଗୁରୁବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ଏସିଆ କପ୍ ସୁପର-୪ ମୁକାବିଲାରେ ପାକିସ୍ତାନ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୩୫ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ମହମ୍ମଦ୍ ହାରିସ୍ ସର୍ବାଧିକ ୩୧, ମହମ୍ମଦ୍ ନୱାଜ ୨୫, ସଲମାନ ଅଲି ଆଘା ଓ ସାହିନ ଆଫ୍ରିଦୀ ୧୯ ରନ୍ ଲେଖାଏଁ କରିଥିଲେ। ଜବାବରେ ୧୩୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ୯ ଓଭର ଖେଳ ଶେଷସୁଦ୍ଧା ୪ ୱିକେଟ ବିନିମୟରେ ୪୯ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ନୁରୁଲ ହାସନ ୧୨ ଓ ଶମିମ ହୋସେନ୨ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ଆଉଟ ହୋଇଥିବା ପ୍ରଥମ ଦୁଇ ବ୍ୟାଟର ପରଭେଜ ହୋସେନ ଏମନ (୦) ଓ ତୋହିଦ୍ ହୃଦୟ (୫) ଅନାବଶ୍ୟକ ସଟ୍ ଖେଳି ସାହିନ ଆଫ୍ରିଦୀଙ୍କ ଶିକାର ବନିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଦଳର ଶ୍ରେଷ୍ଠ ବ୍ୟାଟର ତଥା ଓପନର ସୈଫ୍ ହାସନ ୧୮ ରନ୍ କରି ହାରିସ୍ ରୌଫ୍‌ଙ୍କ ଦ୍ୱାରା ଆଉଟ ହେବା ପରେ ପାକିସ୍ତାନ ମ୍ୟାଚ୍ ଜିତିଲାଭଳି ସିଲେବ୍ରେସନ କରିଥିଲା। ଏହି ମ୍ୟାଚ୍‌ରେ ବିଜୟୀ ଦଳ ଭାରତ ସହ ଆସନ୍ତା ରବିବାର ଫାଇନାଲ ଖେଳିବ। ସେହିପରି ଆସନ୍ତାକାଲି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସୁପର-୪ ପର୍ଯ୍ୟାୟର ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ।

ଗୁରୁବାର ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତି ପାକିସ୍ତାନକୁ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ପାକିସ୍ତାନ ପ୍ରଥମ ଓଭରରେ ୱିକେଟ ହରାଇ ବିପର୍ଯ୍ୟୟର ସୂତ୍ରପାତ କରିଥିଲା। ଏହି ଧାରା ଦଳ ବଜାୟ ରଖିବାରୁ ୧୧ଓଭର ସୁଦ୍ଧା ମାତ୍ର ୪୯ ରନ୍‌ରେ ଅଧା ଖେଳାଳିଙ୍କୁ ହରାଇଥିଲା। ଶେଷ ଭାଗରେ ମହମ୍ମଦ୍ ହାରିସ୍ ୨୩ ବଲ୍‌ରୁ ୩୧ ଓ ମହମ୍ମଦ୍ ନୱାଜ ୧୫ ବଲ୍‌ରୁ ୨୫ ରନ୍ କରିବା ଫଳରେ ଦଳ ଶହେ ରନ୍ ଅତିକ୍ରମ କରିଥିଲା। ଫହୀମ ଅଶ୍ରଫ ୯ ବଲ୍‌ରେ ୧୪ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଅଧିନାୟକ ସଲମାନ ଅଲି ଆଘା ଓ ସାହିନ ଆଫ୍ରିଦୀ ୧୯ ରନ୍‌ର ଯୋଗଦାନ ଦେଇଥିଲେ। ପାକସ୍ତାନ ପ୍ରଥମ ୧୦ ଓଭରରେ ୪ ୱିକେଟ ହରାଇ ୪୬ ଓ ଶେଷ ୧୦ ଓଭରରେ ୪ ୱିକେଟ ହରାଇ ୮୯ ରନ୍ କରିଥିଲା। ବାଂଲାର ପେସର ତସ୍କିନ ଅହମ୍ମଦ୍ ସର୍ବାଧିକ ୩ଟି, ଦୁଇ ସ୍ପିନର ମାହେଦୀ ହାସନ ଓ ରିଶାଦ ହୋସେନ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

## ସର୍ବାଧିକ ୧୨ଟି କ୍ୟାଚ୍ ଛାଡ଼ିଛି ଭାରତ

ଦୁବାଇ, ୨୫।୯ (ଏଜେନ୍ସି): ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ କ୍ୟାଚ୍ ଛାଡ଼ିବାରେ ରେକର୍ଡ କରିଛି। ଗ୍ରୁପ୍‌ରୁ ସୁପର୍-୪ ପର୍ଯ୍ୟାୟ ପର୍ଯ୍ୟନ୍ତ ଭାରତୀୟ ଖେଳାଳିମାନେ ମୋଟ୍ ୫ଟି ମ୍ୟାଚ୍ ଖେଳି ୧୨ଟି କ୍ୟାଚ୍ ଡ୍ରପ୍ କରିଛନ୍ତି। ସେହିଭଳି ହଂକଂ ଦଳ ୩ଟି ମ୍ୟାଚରେ ୧୧ କ୍ୟାଚ୍ ଛାଡ଼ି ତାଲିକାର ୨ୟ ସ୍ଥାନରେ ରହିଛି। ବାଂଲାଦେଶ ୮ଟି, ଶ୍ରୀଲଙ୍କା ୬ଟି, ଆଫଗାନିସ୍ତାନ ୪ଟି, ଓମାନ ୪ଟି, ପାକିସ୍ତାନ ୩ଟି ଓ ଆୟୋଜକ ୟୁଏଇ ୨ଟି କ୍ୟାଚ୍ ଛାଡ଼ି ଏହି ତାଲିକାରେ ପଛକୁ ପଛ ରହିଛନ୍ତି।

## ଲିସା କେଟ୍‌ଲୀ ଏମ୍‌ଆଇ ମହିଳା ଦଳର ମୁଖ୍ୟ ପ୍ରଶିକ୍ଷକ

ମୁମ୍ବଇ,୨୫।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ସିନିଅର ମହିଳା ଦଳର ପୂର୍ବତନ ହେଡ୍ କୋଚ୍ ଲିସା କେଟ୍‌ଲୀ ୨୦୨୬ ସିଜନ ମହିଳା ପ୍ରିମିୟର ଲିଗ୍ ପାଇଁ ମୁମ୍ବଇ ଇଣ୍ଡିଆନ୍ସ ମହିଳା ଦଳର ହେଡ୍ କୋଚ୍ ନିଯୁକ୍ତ ହୋଇଛନ୍ତି। ସେ ମୁମ୍ବଇକୁ ଦୁଇଥର ଚାମ୍ପିଅନ କରାଇଥିବା ହେଡ୍ କୋଚ୍ ଚାର୍ଲୋଟି ଏଡ୍‌ୱାର୍ଡ୍ସଙ୍କ ସ୍ଥାନରେ ନିଯୁକ୍ତି ପାଇନ୍ତି। ଚାର୍ଲୋଟିଙ୍କୁ ଇଂଲଣ୍ଡ ସିନିଅର ମହିଳା ଦଳର ହେଡ୍ କୋଚ୍ ଭାବେ ଦାୟିତ୍ୱ ମିଳିଛି। ୫୪ ବର୍ଷୀୟା କେଟ୍‌ଲୀ ଅଷ୍ଟ୍ରେଲିଆ ପକ୍ଷରୁ ୯୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ୧୯୯୭ ଓ ୨୦୦୫ରେ ଅଷ୍ଟ୍ରେଲିଆ ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲାବେଳେ ସେ ଏହି ଦଳର ସଦସ୍ୟ ରହିଥିଲେ। ଅଷ୍ଟ୍ରେଲିଆ ଓ ଇଂଲଣ୍ଡରେ ଖେଳାଯାଉଥିବା ସୀମିତ ଓଭର ଲିଗ୍ କ୍ରିକେଟରେ ସେ ଜଣେ ସଫଳ କୋଚ୍ ଭାବେ ପ୍ରତିଷ୍ଠା ଲାଭ କରିଛନ୍ତି।

## ଇରାନି କପ୍‌ରେ ଆକାଶଦୀପ, ଈଶ୍ୱରନ୍ ସାମିଲ

ମୁମ୍ବଇ,୨୫।୯ (ଏଜେନ୍ସି): ଚଳିତ ସିଜନର ଭାରତର ଦ୍ୱିତୀୟ ଘରୋଇ କ୍ରିକେଟ ମୁକାବିଲା ଇରାନି କପ୍ ନାଗପୁରରେ ବିଦର୍ଭ ଓ ଅବଶିଷ୍ଟ ଭାରତ ଏକାଦଶ ମଧ୍ୟରେ ଖେଳାଯିବ। ଏହି ମୁକାବିଲା ଅକ୍ଟୋବର ୧ରେ ଆରମ୍ଭ ହେବାକୁ ଥିବା ରଣଜୀ ଚାମ୍ପିଅନ ବିଦର୍ଭ ଦଳର ନେତୃତ୍ୱ ଅକ୍ଷୟ ୱାଡକରଙ୍କୁ ଦିଆଯାଇଛି। ସେହିପରି ମଧ୍ୟପ୍ରଦେଶର ରଜତ ପାଟିଦାର ଅବଶିଷ୍ଟ ଭାରତ ଏକାଦଶର ନେତୃତ୍ୱ ନେବେ। ମହାରାଷ୍ଟ୍ରର ଋତୁରାଜ ଗାଏକ୍ୱାଡଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ଖେଳିଥିବା ଆକାଶ ଦୀପ ଓ ଅଂଶୁଲ କାମ୍ବୋଜଙ୍କୁ ମଧ୍ୟ ଏହି ଦଳରେ ନିଆଯାଇଛି।



**ଘୋଷିତ ଦଳ:** ରଜତ ପାଟିଦାର (ଅଧିନାୟକ), ଋତୁରାଜ ଗାଏକ୍‌ୱାଡ୍ (ଉପଅଧିନାୟକ), ଅଭିମନ୍ୟୁ ଈଶ୍ୱରନ, ଯଶ ଧୂଲ, ସେଖ ରଶିଦ୍, ଇଶାନ କିସାନ ଓ ଆର୍ଯ୍ୟନ ଜୁୟାଲ (ୱିକେଟରକ୍ଷକ), ତନୁଶ କୋଟିଆନ୍, ମାନବ ସୂତାର, ସାରାଂଶ ଜୈନ୍, ଗୁରନୁର ବ୍ରାର, ଖଲୀଲ ଅହମ୍ମଦ୍, ଆକାଶ ଦୀପ୍ ଓ ଅଂଶୁଲ କାମ୍ବୋଜ୍।

### ମହିଳା ଦିନିକିଆ ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ୍

## ଭାରତ ବିପକ୍ଷରେ ନାଟାଲୀଙ୍କ ଦମ୍‌ଦାର ଶତକ

ବେଙ୍ଗାଲୁରୁ, ୨୫।୯ (ଏଜେନ୍ସି): ମହିଳା ଦିନିକିଆ ବିଶ୍ୱକପ୍ ପୂର୍ବରୁ ଗୁରୁବାରଠାରୁ ୱାର୍ମଅପ୍ ମ୍ୟାଚ୍ ଆରମ୍ଭ ହୋଇଛି। ଏଠାରେ ଘରୋଇ ଭାରତ ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ଇଂଲଣ୍ଡ ୫୦ ଓଭରରେ ୯ ୱିକେଟ୍ ହରାଇ ୩୪୦ ରନର ବିଶାଳ ସ୍କୋର କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ପାଇଁ ଅଭିଜ୍ଞ ଖେଳାଳି ନାଟାଲୀ ସ୍କିଭର-ବ୍ରଣ୍ଟ ସର୍ବାଧିକ ୧୨୦ ରନ କରି ରିଟାୟାର୍ଡ ହର୍ଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇମା ଲାମ୍ବ ୮୪, ହେଥର ନାଇଟ୍ ୩୭, ଆମି ଜୋନ୍ସ ୩୯ ରନ କରିଥିଲେ। ଭାରତ ପକ୍ଷରୁ ସଫଳ ବୋଲର ଭାବେ କ୍ରାନ୍ତି ଗୌଡ଼ା ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ଭାରତ ଶେଷ ଖବର ସୁଦ୍ଧା ୧୭ ଓଭରରେ ୨ଟି ୱିକେଟ୍ ହରାଇ ୯୨ ରନ ସଂଗ୍ରହ କରିଛି। ହର୍ଲିନ ଦେଓଲ ୫, ଉମା ଛେତ୍ରୀ ୪୫ ରନ କରି ଆଉଟ୍ ହୋଇଥିଲେ। ବିଶ୍ୱକପ୍‌ରେ ଭାରତ ଏହାର ପ୍ରଥମ ମ୍ୟାଚରେ ସେପ୍ଟେମ୍ବର ୩୦ରେ ଗୌହାଟୀରେ ଖେଳିବ।

### ଅଷ୍ଟ୍ରେଲିଆ-ଏ' ବିପକ୍ଷ ଦିନିକିଆ ସିରିଜ୍

## ଆୟର ଭାରତ-ଏ' ଅଧିନାୟକ

ମୁମ୍ବଇ,୨୫।୯ (ଏଜେନ୍ସି): ଉତ୍ତରପ୍ରଦେଶର କାନପୁରରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୫ ତାରିଖଯାଏ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଶ୍ରେୟସ ଆୟରଙ୍କୁ ଭାରତ-ଏ' ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଏହା ସହ ତାଙ୍କୁ ଇରାନି କପ୍ ଦଳରୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷରେ ଦିନିକ୍ରି ସିରିଜ୍ ଲାଗି ଅଧିନାୟକ ମନୋନୀତ ହୋଇଥିବା ରଜତ ପାଟିଦାରଙ୍କୁ ଏବେ ଇରାନି କପ୍ ଲାଗି ଅବଶିଷ୍ଟ ଭାରତୀୟ ଏକାଦଶର ନେତୃତ୍ୱ ପ୍ରଦାନ କରାଯାଇଛି। ପ୍ରଥମ ଦିନିକିଆ ଲାଗି ଘୋଷିତ ଦଳରୁ ୪ଜଣ ଖେଳାଳିଙ୍କୁ ବାଦ୍ ଦିଆଯାଇ ଏସିଆ କପ୍ ଖେଳୁଥିବା ଅଭିଷେକ ଶର୍ମା, ତିଳକ ବର୍ମା, ହର୍ଷିତ ରାଣା, ଅର୍ଶଦୀପ ସିଂହଙ୍କୁ ଦ୍ୱିତୀୟ ଓ ତୃତୀୟ ଦିନିକିଆ ଲାଗି ଦଳରେ ସାମିଲ କରାଯିବ।



**ପ୍ରଥମ ଦିନିକିଆ ଲାଗି ଦଳ :** ଶ୍ରେୟସ ଆୟର, ପ୍ରଭସିମରନ ସିଂହ (ୱିକେଟରକ୍ଷକ), ରିୟାନ ପରାଗ, ଆୟୁଷ ବଦୋନି, ସୂର୍ଯ୍ୟାଂଶ ଶେଡ୍‌ଜେ, ବିପରାଜ ନିଗମ, ନିଶାନ୍ତ ସାନ୍ଧୁ, ଗୁରଜାନପ୍ରୀତ୍ ସିଂହ, ଯୁଦ୍ଧବୀର ସିଂହ, ରବି ବିଷ୍ଣୋଇ, ଅଭିଷେକ ପୋରେଲ (ୱିକେଟରକ୍ଷକ), ପ୍ରିୟାଂଶ ଆର୍ଯ୍ୟ ଓ ସିମରଜିତ ସିଂହ।

**ଦ୍ୱିତୀୟ ଓ ତୃତୀୟ ଦିନିକିଆ ଲାଗି ଦଳ :** ଶ୍ରେୟସ ଆୟର, ତିଳକ ବର୍ମା (ଉପଅଧିନାୟକ), ଅଭିଷେକ ଶର୍ମା, ପ୍ରଭସିମରନ ସିଂହ (ୱିକେଟରକ୍ଷକ), ରିୟାନ ପରାଗ, ଆୟୁଷ ବଦୋନି, ସୂର୍ଯ୍ୟାଂଶ ଶେଡ୍‌ଜେ, ବିପରାଜ ନିଗମ, ନିଶାନ୍ତ ସାନ୍ଧୁ, ଗୁରଜାନପ୍ରୀତ୍ ସିଂହ, ଯୁଦ୍ଧବୀର ସିଂହ, ରବି ବିଷ୍ଣୋଇ, ଅଭିଷେକ ପୋରେଲ (ୱିକେଟରକ୍ଷକ), ହର୍ଷିତ ରାଣା ଓ ଅର୍ଶଦୀପ ସିଂହ।

## ପୂର୍ବାଞ୍ଚଳ ଆଥଲେଟିକ୍ସରେ ଓଡ଼ିଶାକୁ ୨୧ ସ୍ୱର୍ଣ୍ଣ

କଟକ,୨୫।୯ (ସମିସ): ଝାଡଖଣ୍ଡର ରାଞ୍ଚିରେ ଚାଲିଥିବା ୩୬ତମ ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ ଚାମ୍ପିଅନସିପ୍ ଶେଷ ହୋଇଛି। ଏଥିରେ ଓଡ଼ିଶାକୁ ବୃହତ୍ତ ସଫଳତା ମିଳିଛି। ଓଡ଼ିଆ ଆଥଲେଟମାନେ ୨୧ଟି ସ୍ୱର୍ଣ୍ଣ ସହ ମୋଟ ୪୯ ପଦକ ଜିତିଛନ୍ତି। ଏଥିରେ ୧୬ଟି ରୌପ୍ୟ ଏବଂ ୧୨ଟି କାଂସ୍ୟ ପଦକ ରହିଛି। ଚାମ୍ପିଅନସିପ୍‌ରେ ଆୟୋଜକ ଝାଡଖଣ୍ଡ(୧୭୨ ପଏଣ୍ଟ) ଦଳଗତ ଚାମ୍ପିଅନ ହୋଇଥିବା ବେଳେ ବିହାର(୧୬୮ ପଏଣ୍ଟ) ଦ୍ୱିତୀୟ ଏବଂ ଓଡ଼ିଶା (୧୬୫ ପଏଣ୍ଟ) ତୃତୀୟ ସ୍ଥାନରେ ରହିଛି। ୧୬ବର୍ଷରୁ କମ୍ ବାଳିକା ବର୍ଗରେ ଓଡ଼ିଶା ଚାମ୍ପିଅନ ହୋଇଥିବା ବେଳେ ୧୪ବର୍ଷରୁ କମ୍ ଏବଂ ୨୦ବର୍ଷରୁ କମ୍ ବାଳକ ବର୍ଗରେ ଓଡ଼ିଶା ରନର୍ସଅପ ହୋଇଛି। ଏତଦବ୍ୟତୀତ ୨୦ବର୍ଷରୁ କମ୍ ବାଳକ ବର୍ଗରେ ଓଡ଼ିଶାର ଆସ୍ତିକ ପ୍ରଧାନଙ୍କୁ ଶ୍ରେଷ୍ଠ ଆଥଲେଟ ଘୋଷଣା କରାଯାଇଛି।

### ସୁପର୍ କପ୍

## ଗୋଟିଏ ଗ୍ରୁପ୍‌ରେ ମୋହନ ବାଗାନ, ଇଷ୍ଟବେଙ୍ଗଲ

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଅକ୍ଟୋବର ୨୫ରୁ ସୁପର୍ କପ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଆଇଏଫ୍‌ଏଫ୍‌ର ଏହି ସିଜନ ଓପନିଂ ଟୁର୍ଣ୍ଣାମେଣ୍ଟ ଲାଗି ଗୁରୁବାର ଡ୍ର' ଘୋଷଣା ହୋଇଛି। ଆଇଏସ୍‌ଏଲ୍ ଚାମ୍ପିଅନ ମୋହନ ବାଗାନ ସୁପର୍ ଜାଏଣ୍ଟ୍ସ ଓ ୨୦୨୪ ସୁପର୍ କପ୍ ଚାମ୍ପିଅନ ଇଷ୍ଟ ବେଙ୍ଗଲ ସମାନ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଡ୍ର'ରେ ଉଭୟ ଦଳ ଗ୍ରୁପ୍-ଏ'ରେ ରହିଛନ୍ତି। ଏହି ଗ୍ରୁପ୍‌ରେ ଆଇଏସ୍‌ଏଲ୍‌ର ଅନ୍ୟତମ ଦଳ ଚେନ୍ନାଇନ ଏଫ୍‌ସି ଓ ଆଇ-ଲିଗ୍ ଦଳ ରିଅଲ୍ କାଶ୍ମୀର ସ୍ଥାନ ପାଇଛି। ଆଇଏସ୍‌ଏଲ୍‌ରୁ ୧୨ ଓ ଆଇ-ଲିଗ୍‌ରୁ ୪ଟି ଦଳ ଦଳ ଏଥର ସୁପର୍ କପ୍‌ରେ ଅଂଶଗ୍ରହଣ କରିବେ। ମୋଟ୍ ୧୬ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ସୁପର୍ କପ୍‌ର ଡିଫେଣ୍ଡିଂ ଚାମ୍ପିଅନ ଏଫ୍‌ସି ଗୋଆ ଗ୍ରୁପ୍-ବି'ରେ ରହିଛି।

### ଗ୍ରୁପ୍ ତାଲିକା

**ଗ୍ରୁପ୍-ଏ:** ମୋହନ ବାଗାନ ଏସ୍‌ଜି, ଇଷ୍ଟ ବେଙ୍ଗଲ, ଚେନ୍ନାଇନ ଏଫ୍‌ସି ଓ ରିଅଲ କାଶ୍ମୀର

**ଗ୍ରୁପ୍-ବି:** ଏଫ୍‌ସି ଗୋଆ, ଜାମସେଦପୁର ଏଫ୍‌ସି, ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ଓ ଇଣ୍ଟର କାଶୀ

**ଗ୍ରୁପ୍-ସି:** ବେଙ୍ଗାଲୁରୁ ଏଫ୍‌ସି, ମହମ୍ମଡାନ ସ୍ପୋର୍ଟିଂ, ପଞ୍ଜାବ ଏଫ୍‌ସି ଓ ଗୋକୁଲମ କେରଳ

**ଗ୍ରୁପ୍-ଡି:** ମୁମ୍ବାଇ ସିଟି ଏଫ୍‌ସି, କେରଳା ବ୍ଲାଷ୍ଟର୍ସ, ହାଇଦରାବାଦ୍ ଏଫ୍‌ସି ଓ ରାଜସ୍ଥାନ ୟୁନାଇଡଟେଡ୍ ଏଫ୍‌ସି

### ଓପିଟିଏଲ୍ ୨୦୨୫

## ଫାଇନାଲରେ ସମ୍ବଲପୁର ୱାରିୟର୍ସ

କଟକ,୨୫।୯ (ସମିସ): ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବର୍ଷାରେ ଧୋଇଯିବା ପରେ ପଏଣ୍ଟ ଆଧାରରେ ସମ୍ବଲପୁର ୱାରିୟର୍ସଙ୍କୁ ଫାଇନାଲରେ ସୁଯୋଗ ମିଳିଛି। ଆଜି ଅପରାହ୍ନରେ ବାରବାଟୀ ଷ୍ଟାଡିୟମରେ ଭୁବନେଶ୍ୱର ଟାଇଗର୍ସ ବିପକ୍ଷ ଏହି ମ୍ୟାଚ୍ ବର୍ଷା ଯୋଗୁଁ ଅଧାରୁ ବନ୍ଦ ରହିଥିଲା, ମାତ୍ର ଓଦା ଆଉଟଫିଲ୍ଡ ଯୋଗୁଁ ଖେଳ ପୁର୍ନବାର ଆରମ୍ଭ ହୋଇ ପାରିନଥିଲା। ଖେଳ ସ୍ଥଗିତ ରହିବା ବେଳକୁ ପ୍ରଥମେ ବ୍ୟାଟିଂ କରୁଥିବା ଟାଇଗର୍ସ ୧୪ ଓଭରରେ ୪ ୱିକେଟ ବିନିମୟରେ ୮୩ ରନ ସଂଗ୍ରହ କରିଥିଲା। ତେବେ ଟୁର୍ଣ୍ଣାମେଣ୍ଟର ରାଉଣ୍ଡରବିନ୍ ଲିଗ୍‌ରେ ୱାରିୟର୍ସ ୧୪ ପଏଣ୍ଟ ସହ ଟେବଲର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଟାଇଗର୍ସ ୧୨ ପଏଣ୍ଟ ପାଇ ୩ୟ ସ୍ଥାନରେ ରହିଥିଲା। ଲିଗ୍ ପର୍ଯ୍ୟାୟରେ ଅଧିକ ୨ ପଏଣ୍ଟ ୱାରିୟର୍ସଙ୍କୁ ଫାଇନାଲରେ ପହଞ୍ଚାଇଛି। କଟକ ପାନ୍ଥର୍ସ ଏବଂ ପୁରୀ ଟାଇଟନ୍ସ ବିପକ୍ଷ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବିଳମ୍ବରରେ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ପୁରୀ ଟାଇଟନ୍ସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଟକ ପାନ୍ଥର୍ସ ଶେଷ ଖବର ସୁଦ୍ଧା ୧୬ ଓଭରରେ ୫ ୱିକେଟ୍ ହରାଇ ୧୫୧ ରନ୍ ସ୍କୋର କରିଛି। ଦଳ ପକ୍ଷରୁ ଅଭିଜ୍ଞ ଖେଳାଳି ବିପ୍ଲବ ସାମନ୍ତରାୟ ୨୮ ବଲ୍‌ରେ ୫ ଛକ୍କା ସହାୟତାରେ ୪୮ ରନ୍ କରିଛନ୍ତି।

### କଳିଙ୍ଗରେ ଏସିଆନ୍ ଟିଟି ଟିମ୍ ଚାମ୍ପିଅନସିପ୍ ୧୧ରୁ

## ଭାଗନେବେ ୨୨ ଦେଶର ଖେଳାଳି

ଭୁବନେଶ୍ୱର, ୨୫।୯ (ସମିସ): ପ୍ରଥମଥର ଲାଗି ଓଡ଼ିଶାରେ ଏସିଆନ୍ ଟେବଲ୍ ଟେନିସ (ଟିଟି) ଟିମ୍ ଚାମ୍ପିଅନସିପ୍ ଆୟୋଜିତ ହେବାକୁଯାଉଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୧୧ରୁ ଏହି ସମ୍ମାନଜନକ ପ୍ରତିଯୋଗିତାର ର ୨୮ତମ ସଂସ୍କରଣ ଆରମ୍ଭ ହେବ। ପାଞ୍ଚଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୨ ଦେଶର ପାଖାପାଖି ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଟିଟି ମହାସଂଘର ସାଧାରଣ ସମ୍ପାଦକ କମଳେଶ ମେହେଟା ସୂଚନା ଦେଇଛନ୍ତି। ଆୟୋଜକ ଭାରତ ବ୍ୟତୀତ ଜାପାନ, ଚାଇନା, କୋରିଆ, ଉତ୍ତରକୋରିଆ, ଚାଇନିଜ ତାଇପେଇ, ହଂକଂ, ସିଙ୍ଗାପୁର, ମାକାଉ, ବାଂଲାଦେଶ, ଇରାନ, କାଜାଖସ୍ଥାନ, କିର୍ଗିଜସ୍ତାନ, ମାଲେସିଆ, ମାଳଦୀପ, ମଙ୍ଗୋଲିଆ, ନେପାଳ, ଓମାନ, କାତାର, ଶ୍ରୀଲଙ୍କା, ଥାଇଲାଣ୍ଡ ଓ ଉଜବେକିସ୍ତାନ ଦଳ ଭାଗନେବ। ଏଥିରେ ଉଭୟ ବାଳକ ଓ ବାଳିକା ଟିମ୍ ଇଭେଣ୍ଟରେ ମ୍ୟାଚ୍ ଖେଳାଯିବ।



ଏହି ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳ ୨୦୨୬ରେ ଲଣ୍ଡନରେ ଖେଳାଯିବାକୁ ଥିବା ବିଶ୍ୱ ଟିଟି ଚାମ୍ପିଅନସିପ୍‌କୁ ଯୋଗ୍ୟତା ଅର୍ଜନ କରିବ ବୋଲି ଜଣାପଡ଼ିଛି। ସେହିଭଳି ଏହି ଟୁର୍ଣ୍ଣାମେଣ୍ଟ ସମୟରେ କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୧୦ରୁ ୪୦ତମ ଜାତୀୟ ଜୁନିଅର ଆଥଲେଟିକ୍ସ ଚାମ୍ପିଅନସିପ୍ ଓ ୧୧ରୁ ଆଇଟିଏଫ୍ ମାଷ୍ଟର୍ସ-୧୦୦ ଟେନିସ ଚାମ୍ପିଅନସିପ୍ ଖେଳାଯିବ। ଗୁରୁବାର ସାମ୍ବାଦିକ ସମ୍ମଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆୟୋଜକ କମିଟିର ନିର୍ଦ୍ଦେଶକ ଏନ୍. ଗଣେଶନ, ସମ୍ପାଦକ ରବୀନ୍ଦ୍ର ପରିଡ଼ା, କ୍ରୀଡ଼ା ନିର୍ଦ୍ଦେଶକ ଡ. ବିଜୟ ୟେଦୁଲା ପ୍ରମୁଖ ଉପସ୍ଥିତ ରହିଥିଲେ।

### ଓଡ଼ିଶା ପ୍ରୋ ଟି-୨୦ ଲିଗ୍

## ରାଜେଶ ଓ ଡାନିସ୍‌ଙ୍କୁ ଚେତନଙ୍କ ପ୍ରଶଂସା

କଟକ,୨୫।୯ (ସମିସ):

ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ) ଘରୋଇ ଖେଳାଳିମାନଙ୍କ ନିମନ୍ତେ ଏକ ବଡ ପ୍ଲାଟଫର୍ମ। ଏଥିରେ ଭାଗ ନେଇଥିବା ଖେଳାଳିମାନେ ନିଜ ପ୍ରଦର୍ଶନ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ। ସମସ୍ତ ଦଳରେ କେତେକ ବ୍ୟାଟର ଓ ବୋଲର ରହିଛନ୍ତି, ଯାହାଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ପରିଲକ୍ଷିତ ହୋଇଛି। ବ୍ୟକ୍ତିଗତ ଭାବେ କହିବାକୁ ଗଲେ ରାଜେଶ ମହାନ୍ତି ଓ ମହମ୍ମଦ ଡାନିସ୍‌ଙ୍କ ଖେଳ ପସନ୍ଦ ଆସିଛି ବୋଲି ଓପିଟିଏଲରେ ଭାଷ୍ୟକାର ଦାୟିତ୍ୱ ତୁଲାଉଥିବା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଚେତନ ଶର୍ମା କହିଛନ୍ତି। ପୁରୀ ଟାଇଟନ୍ସ ଦଳରୁ ଦୁଇ ପେସ୍ ବୋଲର ରାଜେଶ ଓ ଡାନିସ ପ୍ରତିନିଧିତ୍ୱ କରୁଛନ୍ତି।



ଘରୋଇ କ୍ରିକେଟରୁ ଜାତୀୟ ଦଳର ଯାତ୍ରା ବାବଦରେ ଚେତନ କହିଛନ୍ତି ଯେ, ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ଏଭଳି ପଦକ୍ଷେପ ନିହାତି ରୂପେ ପ୍ରଶଂସନୀୟ। ଗତବର୍ଷ ଦିଲ୍ଲୀ ପ୍ରିମିୟର ଲିଗ୍‌ରୁ ୬ଜଣ ଖେଳାଳି ରାଜ୍ୟ ଦଳରେ ସ୍ଥାନ ପାଇଥିଲେ। ଏମାନଙ୍କୁ ଆଇପିଏଲରେ ମଧ୍ୟ ସୁଯୋଗ ମିଳିଥିଲା। ଓପିଟିଏଲରେ ଖେଳୁଥିବା ୬ଟି ଯାକ ଦଳରୁ କିଛି ଖେଳାଳି ଅତିକମ୍‌ରେ ରାଜ୍ୟ ଦଳରେ ନିହାତି ରୂପେ ସ୍ଥାନ ପାଇବାର ହକ୍‌ଦାର ଅଟନ୍ତି। ଏହି ପରିପ୍ରେକ୍ଷୀରେ ୧୯୮୭ ବିଶ୍ୱକପ୍‌ରେ ନିଜ ହ୍ୟାଟ୍ରିକ ୱିକେଟ ସଫଳତାକୁ ମନେ ପକାଇ ସେ କହିଥିଲେ ଯେ, ପ୍ରତ୍ୟେକ ଖେଳାଳିର ସ୍ୱପ୍ନ ଥାଏ ଥରେ ଜାତୀୟ ଦଳର ଜର୍ସି ପିନ୍ଧିବାକୁ। ସେ ସୁଯୋଗ ପାଇବା ପରେ ଭଲ ଖେଳି ଦେଶର ନାମ ଉଜ୍ଜଳ କରିବାକୁ ଲକ୍ଷ୍ୟ ରଖିଥାଏ। ବିଶ୍ୱକପ୍‌ର ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ମୋତେ ସେଭଳି ସୁଯୋଗ ମିଳିଥିଲା। କ୍ରିକେଟ ଦୁନିଆରେ ହ୍ୟାଟ୍ରିକ କଥା ଆଲୋଚନାକୁ ଆସିଲେ ଚେତନ ଶର୍ମାଙ୍କୁ ସମସ୍ତେ ମନେ ପକାଇବେ ବୋଲି ସେ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS